RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-70 ◆WEDNESDAY ◆3 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୦ ◆ବୁଧବାର ◆୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ପରମ ସୁନ୍ଦରୀ’ ପାଇଁ ୧୨ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

# ଝିଅ କବିତାଙ୍କୁ ଦଳରୁ ନିଲମ୍ବନ କଲେ କେସିଆର୍

■ **ହାଇଦରାବାଦ, ୨।୯ (ଏଜେନ୍ସି):** ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଭାରତୀୟ ରାଷ୍ଟ୍ର ସମିତି (ବିଆରଏସ)ରେ ଭାଇ-ଭଉଣୀ କଳି ଉଗ୍ରରୂପ ଧାରଣ କରିଛି। ଏହି କ୍ଷମତା କନ୍ଦଳରେ ବାପା ପୁଅର ପକ୍ଷ ନେଇ ଝିଅ ତଥା ଏମଏଲସି କେ. କବିତାଙ୍କୁ ତତ୍କାଳ ପ୍ରଭାବରେ ମଙ୍ଗଳବାର ଦଳରୁ ନିଲମ୍ବନ କରିଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଆରଏସ ପକ୍ଷରୁ କୁହାଯାଇଛି। ଦିନକ ତଳେ ସାମ୍ବାଦିକ ସମ୍ମିଳନୀ କରି କବିତା ଭାଇ କେଟିଆର୍ ଏବଂ ସମ୍ପର୍କୀୟ ଭାଇ ଟି ହରିଶ ରାଓଙ୍କ ବିରୋଧରେ ଗୁରୁତର ଅଭିଯୋଗ



ଆଣିଥିଲେ। ଦଳର ସହଯୋଗୀମାନେ କେସିଆର ଛବି ଖରାପ କରୁଥିବା କହିଥିଲେ। ସୂଚନା ଅନୁଯାୟୀ ଦୀର୍ଘ ଦିନ ହେଲା ଦଳର ନେତୃତ୍ୱକୁ ନେଇ ନିଜ ଭାଇ କେଟିରାମା ରାଓ ଓରଫ କେଟିଆର ଏବଂ ସମ୍ପର୍କୀୟ ଭାଇ ଟି. ହରିଶଙ୍କ ସହ ତାଙ୍କର ବିବାଦ ଚାଲିଛି। କବିତା ଅଭିଯୋଗ କରିଥିଲେ ଯେ ବିଆରଏସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟିଆର ଦଳକୁ ବିଜେପିରେ ମିଶାଇବାକୁ ଚାହୁଁଛନ୍ତି। ସେହିପରି ବରିଷ୍ଠ ନେତା ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ମେଘା କୃଷ୍ଣ ରେଡ୍ଡୀ ତାଙ୍କ ବାପାଙ୍କୁ ଦୁର୍ନୀତି ମାମଲାରେ ବଳି ବୋଦା କରିବାକୁ ଚାହୁଁଛନ୍ତି। ତେଲଙ୍ଗାନାର ▶ପୃଷ୍ଠା-୧୦

# ପୁଲିସକୁ ଗୁଳିକରି ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ ଫେରାର

■ **ଚଣ୍ଡୀଗଡ଼, ୨।୯ (ଏଜେନ୍ସି):** ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ପଞ୍ଜାବ ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ହରମିତ୍ ସିଂହ ପଠାଣମାଜରା ପୁଲିସକୁ ଗୁଳିକରି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପୁଲିସ୍ ସୂଚନା ଅନୁଯାୟୀ, ଗିରଫ ପରେ ପଠାଣମାଜରାତାଙ୍କୁ ପଟିଆଲାର ଏକ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ସେ ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇ ଏକ ଧଳା ଏସ୍ୟୁଭି ଗାଡ଼ିରେ ଖସି ପଳାଇଛନ୍ତି। ଜଣେ ପୁଲିସ୍ କର୍ମଚାରୀ ସେମାନଙ୍କ ଗୁଳିରେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପଠାଣମାଜରାଙ୍କୁ




ହରିୟାଣାର କରନାଲ ଜିଲ୍ଲାର ଡାବରି ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି।

ସୋମବାର ରାତିରେ ସନୌର ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କ ବିରୁଦ୍ଧରେ ପଟିଆଲାର ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିରକପୁରର ଜଣେ ମହିଳାଙ୍କ ଅଭିଯୋଗ ଉପରେ ଏହି ଏଫଆଇଆର ରୁଜୁ ହୋଇଥିଲା। ପଠାଣମାଜରା ଏକ ଭିଡିଓ ଜାରି କରି ତାଙ୍କ ନିଜ ଦଳର ନେତୃତ୍ୱ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି।

## ‘ସେମିକନ୍-୨୦୨୫’ ସମ୍ମିଳନୀରେ ଓଡ଼ିଶାର ତିନି ଚିପ୍

# ଏନ୍ଆଇଟି ରାଉରକେଲା, ବ୍ରହ୍ମପୁର ପିଏମ୍ଇସିରୁ ପ୍ରସ୍ତୁତ ହୋଇଛି ଚିପ୍

■ **ଭୁବନେଶ୍ୱର, ୨।୯ (ସମିସ):** ଦିଲ୍ଲୀରେ ଆରମ୍ଭ ହୋଇଥିବା ‘ସେମିକନ୍-୨୦୨୫’ ସମ୍ମିଳନୀରେ ରାଜ୍ୟର ଦୁଇଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ମିତ ୩ଟି ସେମିକଣ୍ଡକ୍ଟର ଚିପ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏଥି ମଧ୍ୟରୁ ଦୁଇଟି ଚିପ୍ ଏନ୍ଆଇଟି ରାଉରକେଲା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଗୋଟିଏ ଚିପ୍ ବ୍ରହ୍ମପୁର ସ୍ଥିତ ପାରଳା ମହାରାଜ ଇଂଜିନିୟରିଂ କଲେଜ(ପିଏମ୍ଇସି)ରେ ପ୍ରସ୍ତୁତ ହୋଇଛି। ଦେଶର ୭୮ ଟି ବିଶ୍ୱବିଦ୍ୟାଳୟ ଓ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ଚିପ୍ ପ୍ରସ୍ତୁତ କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପର ବିକାଶ ଓ ପ୍ରସ୍ତୁତି କ୍ଷେତ୍ରରେ ଦେଶରେ ଆରମ୍ଭ ହୋଇଥିବା ବୈପ୍ଳବିକ ଯାତ୍ରାରେ ଓଡ଼ିଶାର ଯୋଗଦାନକୁ ଜାତୀୟ ସ୍ତରରେ ପ୍ରଶଂସା ମିଳିଛି। ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍



ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆମର ବିଗତ ଶତାବ୍ଦୀ ତେଲ ଦ୍ୱାରା ଗଢ଼ା ହୋଇଥିଲା। ବିଶ୍ୱର ଭାଗ୍ୟ ତୈଳ କୂପ ଦ୍ୱାରା ▶ପୃଷ୍ଠା-୧୦

## ଆଜିଠୁ ଜିଏସ୍‌ଟି ପରିଷଦ ବୈଠକ

# କମିବ ୧୭୫ ସାମଗ୍ରୀର ଟିକସ ହାର

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯ (ସମିସ):** ବୁଧବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି ଜିଏସ୍‌ଟି ପରିଷଦର ୫୬ତମ ବୈଠକ। ସେପ୍ଟେମ୍ବର ୩ ଏବଂ ୪ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ବୈଠକ ଉପରେ ସାରା ଦେଶର ନଜର ରହିଛି। ଭାରତ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବା ପରିପ୍ରେକ୍ଷୀରେ ଏହି ବୈଠକ ବହୁ ଗୁରୁତ୍ୱବହନ କରୁଛି। ନିକଟ ଅତୀତରେ ଜିଏସ୍‌ଟି ମନ୍ତ୍ରୀ ପରିଷଦ ବୈଠକରେ ଜିଏସ୍‌ଟିର ୪ଟି ବର୍ଗ ମଧ୍ୟରୁ ୧୨% ଓ ୨୮% ଟିକସ ଉଚ୍ଛେଦ ସହ ଅତ୍ୟଧିକ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ଟିକସ ଲାଗୁ ନିମନ୍ତେ ପ୍ରସ୍ତାବ ରହିଥିଲା। ଆସନ୍ତାକାଲି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇପାରେ। ତେବେ କେନ୍ଦୁପତ୍ର ଓ ହସ୍ତତନ୍ତ ଉପରେ ଆଦାୟ ହେଉଥିବା ଜିଏସ୍‌ଟି ଉଚ୍ଛେଦ ପାଇଁ ହେଉଥିବା ବହୁଦିନର ଦାବି ସଂକ୍ରାନ୍ତରେ କି ନିଷ୍ପତ୍ତି ନିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ।



▶▶ ସିଗାରେଟ ଉପରେ ଲାଗିବ ୪୦% ଟିକସ

▶▶ ଜିଏସ୍‌ଟି ମୁକ୍ତ ହୋଇପାରେ ବୀମା ଦେୟ

ସୂଚନା ଅନୁସାରେ ଜିଏସ୍‌ଟି ପରିଷଦ ବୈଠକରେ ପ୍ରାୟ ୧୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇପାରେ। ବୈଠକର କାର୍ଯ୍ୟସୂଚୀରେ ୫% ଏବଂ ୧୮% ଦୁଇଟି ମୁଖ୍ୟ ଟିକସ ହାର ସ୍ଥିର କରିବାର ପ୍ରସ୍ତାବ ରହିଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଟିଭି, ଫ୍ରିଜ୍, କାର, ବାଇକ୍, ପ୍ରସାଧନ ସାମଗ୍ରୀ, ଟାୟାର ଓ ଅନ୍ୟ ଉତ୍ପାଦଗୁଡ଼ିକ ଶସ୍ତା ହୋଇପାରେ ବୋଲି ଆଶା କରାଯାଉଛି। ତେଣୁ ସ୍ୱାଭାବିକ ଭାବରେ ଭାରତୀୟ ଉଦ୍ୟୋଗ, ନିବେଶକ ଏବଂ ସେୟାର ବଜାରର ନଜର ଏବେ ଏହି ଜିଏସ୍‌ଟି ପରିଷଦ ବୈଠକ ଉପରେ ରହିଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ବୈଠକ ପୂର୍ବରୁ ରାଜ୍ୟଗୁଡ଼ିକର ଜିଏସ୍‌ଟି ଅଧିକାରୀମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଯେଉଁଥିରେ ଟିକସ ହାର ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଏବଂ ଅନୁପାଳନ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା ହୋଇଛି। ଏହି ବୈଠକରେ ୫ ଏବଂ ୧୮ ପ୍ରତିଶତର ଦୁଇ-ସ୍ତରୀୟ ଟିକସ ହାର ପ୍ରଚଳନ ସହ ଉଚ୍ଚମୂଲ୍ୟର ବିଳାସପୂର୍ଣ୍ଣ ଗାଡ଼ି ଉପରେ ୪୦% ଟିକସ ଲାଗୁ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ମନ୍ତ୍ରୀ ▶ପୃଷ୍ଠା-୧୦

## ସୃଷ୍ଟି ହେଲା ଲଘୁଚାପ

# ସାରା ରାଜ୍ୟରେ ପ୍ରବଳ ବର୍ଷା

### ପୁଣି ଉତ୍ତରରେ ଫୁଲିବ ନଦୀ

### ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ପ୍ରଭାବରେ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ପ୍ରବଳ, ୪ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୫ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହେବା ସହ ଏହା ସଦୃଶ ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଓ ଓଡ଼ିଶା ମଧ୍ୟ ଦେଇ ଆଗକୁ ଯିବ। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ନେଇ ▶ପୃଷ୍ଠା-୧୦



ବାଲେଶ୍ୱର ସହରରେ ବନ୍ୟା

### ରାସ୍ତାରେ ଜାଲ ପକାଇଲେ

■ **ବାଲେଶ୍ୱର, ୨।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ସହର ଉବୁଟୁବୁ ହୋଇଛି। ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ନୂଆସାହି-ବାଲିଆ ରାସ୍ତାରେ ୪ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚର ଜଳ ପ୍ରବାହିତ ହେଉଛି। ଏଥିସହ ସହରର ଅନ୍ୟ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇ ଲୋକେ ହନ୍ତସନ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଲୋକମାନେ ସେହି ରାସ୍ତା ଉପରେ ଲହଡି ମାରୁଥିବା ପାଣିରେ ଜାଲ ପକାଇ ଅଭିନବ ଭାବେ ପ୍ରତିବାଦ କରିଛନ୍ତି। ଏପରିକି, ଘଟଣାକୁ ସ୍ଥଳକୁ ▶ପୃଷ୍ଠା-୧୦

### ହୀରାକୁଦରୁ ୬ ଗେଟ୍‌ରେ ଜଳ ନିଷ୍କାସନ



■ **ସମ୍ବଲପୁର, ୨।୯ (ସମିସ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧି ପାଉଥିବାରୁ ଆଜି ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୬୭,୧୨୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୩,୫୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୭,୦୧୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୨୫୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ▶ପୃଷ୍ଠା-୧୦

## ବିଜେପିକୁ ଅଡୁଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

# ସେପଟେ ଲବି, ଏପଟେ ଚାପ

■ **ଭୁବନେଶ୍ୱର, ୨।୯ (ସମିସ):** ରାଜ୍ୟ ବିଜେପି ସରକାରକୁ ୧୫ ମାସ ଚାଲୁଥିବା ବେଳେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳକୁ ନେଇ ଶୀର୍ଷ ନେତୃତ୍ୱ ସ୍ତରରେ ବାରମ୍ବାର ପ୍ରୟାସ ହୋଇଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ଏପଟେ ଖାଲିଥିବା ୬ ମନ୍ତ୍ରୀ ପଦ ପାଇଁ ଦଳର ଦୁଇ ଡଜନ ନେତା ଚାହିଁ ବସିଛନ୍ତି। ସେହିପରି ମନ୍ତ୍ରିମଣ୍ଡଳରେ ବର୍ତ୍ତମାନ ଥିବା କିଛି ମନ୍ତ୍ରୀଙ୍କୁ ବାଦ ଦିଆଯିବା ପାଇଁ ଯୋଜନା ହେଉଥିଲେ ହେଁ ଲବି ଓ ଚାପ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ।

ନିକଟ ଅତୀତରେ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ମନ୍ତ୍ରିମଣ୍ଡଳକୁ ନେଇ ଦଳକୁ ଅଡୁଆରେ ପକାଇବା ଭଳି ଅନେକ ଅଭିମାନପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ବେଳେ ମଙ୍ଗଳବାର ପୁଣି ତାହାକୁ ଦୋହରାଇଛନ୍ତି। କେବଳ ଜୟ ନାରାୟଣ ନୁହନ୍ତି, ବିଧାୟକ ପ୍ରକାଶ ସୋରେନ ମଧ୍ୟ ବରିଷ୍ଠଙ୍କୁ

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ; ଓଡ଼ିଶାରେ ଅଭିମାନ

### ଖେଞ୍ଚ ମାରିଲେ ଜୟ, ଦାବି କଲେ ପ୍ରକାଶ

ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା କଥା କହି ନିଜ ଦାବି ଉପସ୍ଥାପନ କରିଛନ୍ତି।

ଜୟନାରାୟଣ କହିଛନ୍ତି ଯେ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଆଲୋଚନା ହୁଏ। ମନ୍ତ୍ରିମଣ୍ଡଳ ଯେହେତୁ ଖାଲି ଅଛି, ଚର୍ଚ୍ଚା ହେବା ଏକ ସ୍ୱାଭାବିକ କଥା। ସମ୍ପ୍ରସାରଣ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଅଧୀନ ବିଷୟ। ସେ ଯେତେବେଳେ ଚାହିଁବେ ଏହାକୁ ପୂରଣ କରିବେ। ଏପରିକି ସେ ଏକା ମଧ୍ୟ ମନ୍ତ୍ରିମଣ୍ଡଳ ଚଳାଇପାରିବେ। ମୁଁ ଦଳର ଗୋଟେ ଛୋଟିଆ କର୍ମୀ, ତୃଣମୂଳ କାମ କରିବା ଜାଣେ; ଉପର କଥା ଜାଣେ ନାହିଁ। ରାଜନୀତିରେ ବରିଷ୍ଠ ଅଭିଜ୍ଞର କୌଣସି ମୂଲ୍ୟ ନାହିଁ। ଦଳ ପାଇଁ ନିଷ୍ଠାର ସହ କାମ ଏବଂ କେସ ଖାଇବା ମୂଲ୍ୟହୀନ। ଏସବୁର କିଛି ଗୁରୁତ୍ୱ ନଥାଏ। ମୋ ପାଇଁ ସରକାର ଆସିଛି କି କାହା ପାଇଁ ଆସିଛି ସେକଥା କିଏ ଜାଣେ। ଲୋକେ ନିଷ୍ପତ୍ତି ନେବେ। ମାତ୍ର ଅନେକ ଲୋକ ତାଙ୍କ ପାଇଁ ସରକାର ଆସିଛି ତାହାକୁ ଆମେ ସ୍ୱୀକାର କରୁଛୁ ବୋଲି କହୁଛନ୍ତି ବୋଲି ଜୟ ନାରାୟଣ ମନ୍ତବ୍ୟ ରଖିଛନ୍ତି। ସେହିପରି ଦଳର ଅନ୍ୟତମ ବିଧାୟକ ପ୍ରକାଶ ସୋରେନ ମଧ୍ୟ ▶ପୃଷ୍ଠା-୧୦

# ଫୁଲବାଣୀ, ତାଳଚେର ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମକୁ ମଞ୍ଜୁରୀ

■ **ଭୁବନେଶ୍ୱର, ୨।୯ (ସମିସ):** ୨୦୨୫-୨୬ ଶିକ୍ଷାବର୍ଷରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହେବ। ଚଳିତ ଶିକ୍ଷା ବର୍ଷ ପାଇଁ ଉଭୟ କଲେଜରେ ୧୦୦ ଲେଖାଏଁ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ର ସରକାର ଉପରୋକ୍ତ

### ୧୦୦ ଲେଖାଏଁ ସିଟରେ ନାମଲେଖାକୁ ଅନୁମୋଦନ

### ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି । ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ▶ପୃଷ୍ଠା-୧୦

## ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ରିପୋର୍ଟ

# ବସ୍ତାନୀ ବୋଝରେ ବଙ୍କା ପିଲାଙ୍କ ମେରୁଦଣ୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଆଜିକାଲି ଅନେକ ପିଲା କିଶୋର ବୟସରେ ମେରୁଦଣ୍ଡ ଯନ୍ତ୍ରଣା, କାନ୍ଧରେ ଚାପ ଓ ପିଠି ଯନ୍ତ୍ରଣା ଭଳି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଓଜନିଆ ସ୍କୁଲ ବ୍ୟାଗ୍ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରତିଦିନ ପିଲାମାନଙ୍କ କାନ୍ଧରେ ଝୁଲୁଥିବା ଏହି ବ୍ୟାଗ ସେମାନଙ୍କ ସ୍ୱାସ୍ଥ୍ୟ, ଅଙ୍ଗଭଙ୍ଗୀ ଏବଂ ଶାରୀରିକ ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପକାଉଛି।

ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ପିଲାମାନେ ପ୍ରାୟତଃ ସେମାନଙ୍କ ଶରୀରର ଓଜନର ୧୦ ରୁ ୨୫ ପ୍ରତିଶତ ସ୍କୁଲ ବ୍ୟାଗ ବହନ କରନ୍ତି। ଯାହା ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ବିପଦ ସୃଷ୍ଟି କରିଛି। ସାଧାରଣତଃ ଗୋଟିଏ ସ୍କୁଲ ପିଲା ଦିନକୁ ପ୍ରାୟ ୮ଟି ବିଷୟରେ ବିଦ୍ୟାଳୟରେ



### ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ଗୁରୁତର ପ୍ରଭାବ

### ପୁଅଙ୍କ ଅପେକ୍ଷା ଝିଅମାନଙ୍କ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ

ପଢ଼ିଥାଏ। ତେଣୁ ସ୍କୁଲକୁ ଅତି କମରେ ୮ଟି ବହି ସମେତ ନୋଟବୁକ୍, ୱାର୍କସିଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ସାଥିରେ ନେଇଥାଏ। ଦିନକୁ ଅନ୍ୟୂନ ୨୦ ରୁ ୨୫ ମିନିଟ୍ ପାଇଁ ପିଲାମାନେ ତାକୁ କାନ୍ଧରେ ବୋହିଥାନ୍ତି। ଏଣୁ ସେମାନଙ୍କ ପିଠିରେ ଯନ୍ତ୍ରଣା ହୋଇଥାଏ। ଏହି ରିପୋର୍ଟ ଅନୁସାରେ ପୁଅମାନଙ୍କ ତୁଳନାରେ ଝିଅମାନେ ଏହି ଯନ୍ତ୍ରଣାରେ ଅଧିକ ପୀଡ଼ିତ ହୋଇଥାନ୍ତି। ବିଶେଷକରି ଭାରୀ ବ୍ୟାଗ୍ ବୋହିଥିବା ପିଲାମାନେ ବ୍ୟାଗ୍ ଓଜନରେ ସନ୍ତୁଳନ ଆଣିବା ପାଇଁ ପ୍ରାୟତଃ ଆଗକୁ ନଇଁ ଚାଲନ୍ତି। ଏହା ଶରୀରର ସ୍ଥିତିକୁ ଅସ୍ୱାଭାବିକ କରିବା ସହ ମେରୁଦଣ୍ଡକୁ କ୍ରମଶଃ ବଙ୍କା କରିଦିଏ। ସ୍କୋଲିଓସିସ୍ ପରି ମେରୁଦଣ୍ଡ ସମସ୍ୟା ଥିବା ପିଲାଙ୍କ କ୍ଷେତ୍ରରେ ଆହୁରି ଜଟିଳ ସ୍ଥିତି ସୃଷ୍ଟି ହୋଇଥାଏ। ପିଲାର ପିଠି, କାନ୍ଧ କିମ୍ବା ଗୋଡରେ ଯନ୍ତ୍ରଣା ହେବା ଆରମ୍ଭ ହେବା ଓଜନିଆ ବ୍ୟାଗ୍‌ର ପ୍ରଭାବ ହୋଇପାରେ। ଏହା ବ୍ୟତୀତ ପିଠି, ବେକ ଓ କାନ୍ଧରେ ଯନ୍ତ୍ରଣା ବା କଠିନ ହେବା, ହାତ ଝିମ୍‌ଝିମ୍ ହେବା, ଚାଲିବା ଓ ବସିବାରେ ଅସମାନତା, ଲଗାତାର ଅସ୍ଥିରତା, ହାଲୁକା ଜ୍ୱର କିମ୍ବା ଓଜନ ହ୍ରାସ, ପରିସ୍ରା ସମସ୍ୟା ତୀବ୍ର ହୁଏ କିମ୍ବା ଲାଗି ରହିବା ଏହାର ଅନ୍ୟତମ କାରଣ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ଖରାପ ପ୍ରଭାବ ପକାଇଥାଏ। ପିଲାଙ୍କ ମଧ୍ୟରେ ଚିଡ଼ିଚିଡ଼ା, ଅସ୍ଥିରତା ଏବଂ ସ୍କୁଲ୍ ନ ଯିବାକୁ ବାହାନା ଆଦି ଲକ୍ଷଣ ଦେଖାଯାଏ। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ▶ପୃଷ୍ଠା-୧୦

# ଚୀନ୍ ରଣନୀତିର ଶିକାର ହେବ ଭାରତ!

ନୂଆଦିଲ୍ଲୀ, ୨ା୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବୀ ଶୁଳ୍କ ବିଶ୍ୱ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଛି। ଏଥିରେ ଆମେରିକାର ଲାଭ ହେଉ କି ନ ହେଉ, କ୍ଷତି କିନ୍ତୁ ଅଧିକ ହେଉଛି। ଟ୍ରମ୍ପଙ୍କ ଏହି ଶୁଳ୍କ ନୀତି ଏବଂ ନୋବେଲ ଶାନ୍ତି ପୁରସ୍କାର ପାଇବାର ଅଭିଳାଷ ପାଇଁ ଅନେକ ବନ୍ଧୁ ରାଷ୍ଟ୍ର ୱାଶିଂଟନଠାରୁ ଦୂରେଇ ଯାଇଛନ୍ତି। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ ସାମିଲ ରହିଛି। ଟ୍ରମ୍ପଙ୍କ ନୀତି ଯୋଗୁଁ ଶତ୍ରୁ ରାଷ୍ଟ୍ର ଚୀନ୍ ସହ ଭାରତର ଘନିଷ୍ଠତା ବଢ଼ି ଚାଲିଛି। ବିନେ ତଳେ ଶେଷ ହୋଇଥିବା ଏସ୍‌ସିଓ ଶିଖର ସମ୍ମିଳନୀରେ ଏହାର ଝଲକ ଦେଖିବାକୁ ମିଳିଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟରେ ଆମେରିକୀୟ ଶୁଳ୍କର ମୁକାବିଲା ପାଇଁ ଚର୍ଚ୍ଚା ହୋଇଛି। ଏସ୍‌ସିଓ ମଞ୍ଚରୁ ଜିନ୍‌ପିଙ୍ଗ ଆମେରିକାର ଏକଚାଟିଆ ନୀତିକୁ ବିରୋଧ କରି ବିଶ୍ୱରେ ନୂଆ ଆର୍ଥିକ ଏବଂ ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ଆହ୍ୱାନ ଦେଇଛନ୍ତି। ଏହି ମଞ୍ଚରେ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅଣଦେଖା କରି ଭାରତ ସହ ଘନିଷ୍ଠତା ବଢ଼ାଇବାର ସଙ୍କେତ ଦେଇଛନ୍ତି। କିନ୍ତୁ ଚୀନ୍ ବିଶ୍ୱାସର ପାତ୍ର ନୁହେଁ ବୋଲି ପୂର୍ବରୁ ସଙ୍କେତ ଦେଇସାରିଛି। ତେଣୁ ସତର୍କତାରେ ଚୀନ୍ ସହ ଘନିଷ୍ଠତା ବଢ଼ାଇବା ଉଚିତ ବୋଲି ବିଶେଷଜ୍ଞମତ ଦେଉଛନ୍ତି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଗୁପ୍ତ ଚିଠି ପାଇଁ ଦୁଇ ଦେଶ ମଧ୍ୟରେ ପୁଣିଥରେ ଘନିଷ୍ଠତା ବଢ଼ିଲା ବୋଲି କୁହାଯାଉଛି। କିନ୍ତୁ ହାତ ବଢ଼ାଇ ଛୁରା ମାରିବାର ଉଦାହରଣ ମଧ୍ୟ ଚୀନ୍ ସୃଷ୍ଟି କରିଛି। ଦିବଂଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସମୟରେ ଚୀନ୍ ଏଭଳି କରିଥିଲେ। ଏପଟେ ବନ୍ଧୁତାର ହାତ ବଢ଼ାଇ ଭାରତ ଉପରେ ଆକ୍ରମଣ କରିଥିଲା। ତେଣୁ ଚୀନ୍‌କୁ ବିଶ୍ୱାସ କରିବା ଘାତକ ହୋଇପାରେ ବୋଲି କୁହାଯାଉଛି।

ଚୀନ୍ ରାଷ୍ଟ୍ରପତି ଭାରତ ପ୍ରତି ଯେଉଁ ରଣନୀତି ଆପଣାଇଛନ୍ତି ତାହାକୁ ନେଇ ସଂଶୟ ଲାଗି ରହିଛି। ସେ କେବଳ ଭାରତକୁ ବଜାର ଭାବେ ଦେଖୁଥିବା କୁହାଯାଉଛି। ଆଉ ତାଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମେରିକୀୟ ଶୁଳ୍କ ସହାୟତା କରିଛି। ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଜିନପିଙ୍ଗ ପ୍ରଥମ ଥର ପାଇଁ ଭାରତ ଆସିଥିଲେ। ଏହି ସମୟରେ ମୋଦୀ ତାଙ୍କୁ ସାବରମତୀରେ ବୁଲାଇ ଥିଲେ। ସେହିପରି ମୋଦୀଙ୍କ ଚୀନ୍ ଗସ୍ତରେ ଜିନପିଙ୍ଗ ତାଙ୍କୁ ନିଜ ଗୃହ ସହର ସିଆନକୁ ନେଇଥିଲେ। ଏହା ଭାରତ-ଚୀନ୍ ମଧ୍ୟରେ ନୂଆ ସମ୍ପର୍କ ସୃଷ୍ଟି କରିବ ବୋଲି ଲାଗୁଥିଲା। କିନ୍ତୁ ଏହାର ଦୁଇ ବର୍ଷ ପରେ ଡୋକଲାମରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହୋଇଥିଲେ। ୭୩ ଦିନ ଆଲୋଚନା ପରେ ଉଭୟ ଦେଶ ପଛକୁ ହଟି ଥିଲେ। ଏହା ମଧ୍ୟରେ ଆମେରିକା ଏବଂ ଭାରତ ଅଧିକ ଘନିଷ୍ଠ ହେବାରେ ଲାଗିଥିଲେ। ମାତ୍ର ଏହା ଦେଖି ଚୀନ୍ ସହି ପାରି ନ ଥିଲା। ଭାରତ ମଧ୍ୟ ରୋଡ ଆଣ୍ଡ ବେଲ୍ଟ ଇନିସିଏଟିଭ (ବିଆରସି)ରେ ସାମିଲ ହେବାକୁ ମନା କରିଦେଇଥିଲା। ଏହା ପରେ ୨୦୨୦ରେ ଗଲୱାନରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ତିକ୍ତ କରିଦେଇଥିଲା। ସ୍ଥିତି ୧୯୬୨ ଯୁଦ୍ଧ ପରର ହୋଇଯାଇଥିଲା। କିନ୍ତୁ ଗତ ବର୍ଷ ଅକ୍ଟୋବରରେ ରୁଷରେ ଏସ୍‌ସିଓ ସମ୍ମିଳନୀ ଚାଲିଥିବା ସମୟରେ ଦୁଇ ଦେଶ ପୁଣିଥରେ ସମ୍ପର୍କ ବଢ଼ାଇବାର ସଙ୍କେତ ଦେଇଥିଲେ। ଆମେରିକା ଶୁଳ୍କ ଲଗାଇବା ପରେ ଏହି ସମ୍ପର୍କ ଅଧିକ ନିବିଡ଼ ହୋଇଥିଲା। କହିବାକୁ ଗଲେ ଗତ ୧୦-୧୧ ବର୍ଷ ହେଲା ଭାରତକୁ ନେଇ ଜିନପିଙ୍ଗ ସହଯୋଗ ଏବଂ ସଂଘର୍ଷର ଦୋମୁହାଁ ନୀତି ଆପଣାଉଛନ୍ତି।

## ଭାରତଠୁ କ'ଣ ଚାହୁଁଛନ୍ତି ଜିନ୍‌ପିଙ୍ଗ



ବିଶେଷଜ୍ଞଙ୍କ ଅନୁଯାୟୀ ମାଓ-ସେ-ତୁଙ୍ଗ ହେବାର ସ୍ୱପ୍ନକୁ ଜିନପିଙ୍ଗ ପୂରଣ କରିସାରିଛନ୍ତି। ଏବେ ସେ ୨୦୪୯ ସୁଦ୍ଧା ଚୀନ୍‌କୁ ବିଶ୍ୱ ନେତା କରିବାକୁ ଚାହୁଁଛନ୍ତି। ଏ ଦିଗରେ ସେ ଆଗକୁ ବଢୁଛନ୍ତି। ଏ ପର୍ଯ୍ୟନ୍ତ ଆମେରିକାର ନିୟମରେ ବିଶ୍ୱ ଚାଲୁଛି, କିନ୍ତୁ ଚୀନ୍ ନିଜ ହିସାବରେ ବିଶ୍ୱକୁ ଚଲାଇବାକୁ ଚାହୁଁଛି। ଗତ ଦୁଇ ତିନି ବର୍ଷ ହେଲା ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଙ୍କ ସହ ଚୀନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛି। 'ଗ୍ଲୋବାଲ ସାଉଥ' ଦେଶକୁ ଏକାଠି କରି ଆମେରିକା ବିରୋଧୀ କରାଇବା ହେଉଛି ଜିନ୍‌ପିଙ୍ଗ ଲକ୍ଷ୍ୟ ବୋଲି ଆମେରିକାର ବରିଷ୍ଠ ସାମ୍ବାଦିକ ମାଇକେଲ ସୁମ୍ୟାନ କହିଛନ୍ତି।

ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଆମେରିକା ଭାରତ ସହ ବନ୍ଧୁତାର ହାତ ବଢ଼ାଇ ଥିଲା। ଏବେ ଦୁଇ ଦେଶର ସମ୍ବନ୍ଧରେ ତିକ୍ତତା ଦେଖା ଦେଇଛି। ତେଣୁ ଏହି କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଚୀନ୍ ଭାରତର ନିକଟତର ହେବାରେ ଲାଗିଛି। ଏହି ଦେଶ ନିଜକୁ ଆମେରିକାଠାରୁ ଭରସାଯୋଗ୍ୟ ସହଯୋଗୀ ଭାବେ ଦେଖାଇବା ପାଇଁ ଚାହୁଁଛି। ଏହା ବ୍ୟତୀତ ଭାରତୀୟ ବଜାର ଉପରେ ଚୀନ୍‌ର ନଜର ରହିଛି। ଚୀନ୍ ପାଇଁ ଭାରତ ଏକ ବୃହତ ବଜାର। ଚୀନ୍‌ରେ ଉତ୍ପାଦନ ଏତେ ବଢ଼ି ଯାଇଛି ଯେ ଏହା ବିଦେଶକୁ ରପ୍ତାନୀ କରିବା ଜରୁରୀ ହୋଇ ପଡ଼ିଛି। ୨୦୨୪ରେ ଭାରତକୁ ଚୀନ୍ ୧୨୦ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। ଏହାକୁ ଅଧିକ ବଢ଼ାଇବା ପାଇଁ ଚୀନ୍ ଚାହୁଁଛି। ବିଶେଷଜ୍ଞଙ୍କ ଅନୁଯାୟୀ ଦକ୍ଷିଣ-ପୂର୍ବ ଏସିଆ ଦେଶର ଅର୍ଥବ୍ୟବସ୍ଥା ପାଶ୍ଚାତ୍ୟ ଦେଶର ରପ୍ତାନୀ ଉପରେ ନିର୍ଭରଶୀଳ। ୟୁରୋପ ଏକ ବଡ଼ ବଜାର ହୋଇଥିଲେ ବି ଏଠାରେ ସୁଯୋଗ କମ୍ ରହିଛି। ଏଭଳି ସ୍ଥିତିରେ ଭାରତୀୟ ବଜାର ଚୀନ୍‌କୁ ଆକୃଷ୍ଟ କରୁଛି।

ଏସିଆରେ ଚୀନ୍‌ର ପ୍ରତିଦ୍ୱନ୍ଦ୍ୱି ହେଉଛି ଭାରତ। ମାନବ ସମ୍ବଳ ହେଉ କି ପ୍ରାକୃତିକ ସମ୍ପଦ ସବୁଥିରେ ଚୀନ୍‌କୁ ଭାରତ ଟକ୍କର ଦେଉଛି। ମାତ୍ର ଗଣତନ୍ତ୍ର ଯୋଗୁଁ ପାଶ୍ଚାତ୍ୟ ଦେଶ ଭାରତକୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସୁପରପାୱାର ହେବା ଦିଗରେ ଭାରତ ସମସ୍ୟା ନ ହେଉ ବୋଲି ଚୀନ୍ ଚାହୁଁଛି। ସୁଚିନ୍ତିତ ରଣନୀତି ଆପଣାଇ ଚୀନ୍ ଭାରତର ନିକଟତର ହେଉଛି। କିନ୍ତୁ ପରବର୍ତ୍ତିତ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ଭାରତ ଚୀନ୍ ସହ ସମ୍ପର୍କ ବଢ଼ାଉଛି। ଭାରତ ଏବଂ ଚୀନ୍‌ର ବିଶେଷଜ୍ଞ ମିଶି ଆମେରିକା ଉପରୁ ନିର୍ଭରଶୀଳତା କମ୍ କରିବା ପାଇଁ ବାଟ ବାହାର କରିପାରନ୍ତି। ତେବେ ଦୀର୍ଘ ଦିନ ପର୍ଯ୍ୟନ୍ତ ଚୀନ୍ ଉପରେ ନିର୍ଭର ରହିଲେ ଭାରତର ଘରୋଇ ଉତ୍ପାଦନ କ୍ଷମତା ହ୍ରାସ ପାଇପାରେ। ସେହିପରି ସତର୍କତାର ସହ ଚୀନ୍ ସହ କୂଟନୈତିକ ସମ୍ପର୍କ ରଖିବା ଉଚିତ ବୋଲି ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ରାଜ୍ ଶୁକ୍ଲା କହିଛନ୍ତି।

## ଅକ୍ଟୋବର ୯ରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ

■ ନୂଆଦିଲ୍ଲୀ, ୨ା୯ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆସନ୍ତା ଅକ୍ଟୋବର ୯ରୁ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବ। ମଙ୍ଗଳବାର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୂ-ରାଜନୈତିକ ଅନିଶ୍ଚିତତା ଏବଂ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଲାଗୁ ହୋଇଥିବା ୫୦ ପ୍ରତିଶତର ଭାରୀ ଶୁଳ୍କକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷର ବଜେଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଆଗାମୀ ଆର୍ଥିକବର୍ଷର ବଜେଟ୍‌ରେ ଚାହିଦା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୀତିକୁ ୮%ରୁ ଅଧିକ ଅଭିବୃଦ୍ଧି ହାର ପ୍ରଦାନ ଉପରେ ଧ୍ୟାନ ଦେବେ। ସରକାର ଆକଳନ କରିଛନ୍ତି ଯେ ୨୦୨୬-୨୭ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି ୬.୩-୬.୮% ମଧ୍ୟରେ ଅଭିବୃଦ୍ଧି ହାସଲ କରିବ। ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ୍ ସର୍କୁଲାର (୨୦୨୬-୨୭) ଅନୁଯାୟୀ, ସଚିବ (ବ୍ୟୟ)ଙ୍କ ଅଧ୍ୟକ୍ଷତାରେ ପ୍ରାକ୍-ବଜେଟ୍ ବୈଠକ ଅକ୍ଟୋବର ୯ରୁ ଆରମ୍ଭ ହେବ। ସରକାର ଚଳିତ ଆର୍ଥିକ ବର୍ଷର ବଜେଟ୍ ରେ ନାମମାତ୍ର ଆଧାରରେ ୧୦.୧ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରିଛନ୍ତି। ଅନ୍ୟପକ୍ଷରେ, ଆର୍ଥିକ ନିଅଣ୍ଟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି।

## ମରାଠା ସଂରକ୍ଷଣ; ଅନଶନ ଭାଙ୍ଗିଲେ ଜରାଙ୍ଗେ

● ଦାବି ପୂରଣ କରିବାକୁ ସରକାର ରାଜି

ମୁମ୍ବଇ, ୨ା୯ (ଏଜେନ୍ସି): ମରାଠା ସଂରକ୍ଷଣ ପାଇଁ ଚାଲିଥିବା ଆନ୍ଦୋଳନ ସଫଳ ହୋଇଛି। ମରାଠା ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ଦାବିକୁ ମହାରାଷ୍ଟ୍ର ସରକାର ମାନି ନେଇଛନ୍ତି। ହାଇଦରାବାଦ ରାଜପତ୍ରକୁ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି। ଏହି ରାଜପତ୍ରରେ ମରାଠାଙ୍କୁ କୁନବି ସମ୍ପ୍ରଦାୟର ବୋଲି କୁହାଯାଇଛି। ଏହା ସହିତ ସଂରକ୍ଷଣ ପାଇଁ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବାକୁ ଏବଂ ସପ୍ତାହେ ଭିତରେ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କୁ ସହାୟତା ପ୍ରଦାନ ନେଇ ସରକାର ସହମତି ପ୍ରକାଶ କରିଛନ୍ତି। ଦାବି ପୂରଣ ହେବାରୁ ଜରାଙ୍ଗେ ନିଜର ପାଞ୍ଚ ଦିନିଆ ଆମରଣ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ଭିଖେପାଟିଲ ତାଙ୍କୁ ପାଣି ପିଆଇ ଅନଶନ ଶେଷ କରିଛନ୍ତି। ଆମେ ଜିତିଲୁ ବୋଲି କହିଛନ୍ତି। ଏହି ଦାବି ପୂରଣ ନେଇ ନିର୍ଦ୍ଦେଶ ଜାରି କରିବା ପରେ ରାତି ସୁଦ୍ଧା ବିକ୍ଷୋଭସ୍ଥଳ ଖାଲି କରିଦିଆଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଏହି ଆନ୍ଦୋଳନକୁ ନେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ପଡ଼ିଆ ଖାଲି କରିବା ପାଇଁ କହିଥିଲେ।

## ଡାକ୍ତରଖାନାରେ ମୂଷା କାମୁଡ଼ିଲା; ନବଜାତକ ମୃତ

ଇନ୍ଦୋର, ୨ା୯ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ଏମ ୱାଇ ସରକାରୀ ଡାକ୍ତରଖାନାରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଡାକ୍ତରଖାନାର ଶିଶୁ ୱାର୍ଡ ଏନଆଇସିୟୁରେ ମୂଷା ଆତଙ୍କ ସୃଷ୍ଟି କରିଛନ୍ତି। ଦୁଇ ନବଜାତକଙ୍କ ହାତ, ଆଙ୍ଗୁଠି ଏବଂ ମୁଣ୍ଡକୁ କାମୁଡ଼ି ରକ୍ତାକ୍ତ କରି ଭୟର ପରିବେଶ ସୃଷ୍ଟି କରିଛି। ଏହି ଶିଶୁଙ୍କ ମଧ୍ୟରେ ଜଣେ ମଙ୍ଗଳବାର ପ୍ରାଣ ହରାଇଛି। ଅନ୍ୟ ନବଜାତକର ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ତାକୁ ଭେଣ୍ଟିଲେଟରରେ ରଖାଯାଇଛି। ୱାର୍ଡରେ ମୂଷା ବୁଲୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି। ତେବେ ମୂଷା କାଟିବା ଯୋଗୁଁ ନବଜାତକର ମୃତ୍ୟୁ ହୋଇ ନଥିବା କହି ହସ୍ପିଟାଲ ପ୍ରଶାସନ ଦୋଷ ଝାଡ଼ିବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ପ୍ରଶାସନ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁଯାୟୀ ହସ୍ପିଟାଲରେ ମୂଷା ଉତ୍‌ପାତ କରୁଛନ୍ତି। କିଛି ଦିନ ହେଲା ଏନଆଇସିୟୁରେ ଏକ ବଡ଼ ମୂଷାକୁ ଦେଖିବାକୁ ମିଳୁଛି। ଏହାକୁ ଦେଖି କର୍ମଚାରୀ ମଧ୍ୟ ଡରି ଯାଉଛନ୍ତି। ଏହି ମୂଷା କାମୁଡ଼ା ମାମଲାରେ ଦୁଇ ନର୍ସିଂ ଅଧିକାରୀଙ୍କୁ ନିଲମ୍ବନ କରିଦିଆଯାଇଛି।

## ସୁଦାନରେ ଭୂସ୍ଖଳନ; ୧୦୦୦ ମୃତ

### ମାଟିରେ ମିଶିଗଲା ଗାଁ; ଜଣେ ମାତ୍ର ଜୀବିତ



ଖାର୍ତ୍ତୁମ, ୨ା୯ (ଏଜେନ୍ସି): ସୁଦାନର ପଶ୍ଚିମ ଦରାଫୁର କ୍ଷେତ୍ରର ମରା ପାର୍ବତ୍ୟାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ପରେ ହୋଇଥିବା ଏହି ପ୍ରାକୃତିକ ବିପର୍ଯ୍ୟୟରେ ତାରାସିନ ଗାଁ ମାଟିରେ ମିଶିଯାଇଛି। ଏଥିରେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ସୌଭାଗ୍ୟବଶତଃ କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚି ଯାଇଛି। ସୁଦାନ ଲିବରେସନ ଆର୍ମି (ଏସଏଲଏମ/ଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଦ୍ଧାରକାର୍ଯ୍ୟରେ ସହଯୋଗ ପାଇଁ ଜାତିସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଙ୍କୁ ଏସଏଲଏମ ସହାୟତା ମାଗିଛି। ସୂଚନା ଅନୁଯାୟୀ ଉତ୍ତର ଦରାଫୁର କ୍ଷେତ୍ରରେ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ର୍‍ୟାପିଡ ଆକ୍ସନ ଫୋର୍ସ ମଧ୍ୟରେ ଦୁଇ ବର୍ଷ ହେଲା ଗୃହଯୁଦ୍ଧ ଚାଲିଛି। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ମରା ପର୍ବତରେ ଶରଣ ନେଇଛନ୍ତି। ବିନା ଖାଦ୍ୟ ଏବଂ ଔଷଧରେ ବଞ୍ଚିବା ପାଇଁ ଲୋକେ ସଂଘର୍ଷ କରୁଛନ୍ତି।

## ଆଫଗାନିସ୍ତାନ ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୦୦ ଟପିଲା

କାବୁଲ, ୨ା୯ (ଏଜେନ୍ସି): ଆଫଗାନିସ୍ତାନରେ ଆସିଥିବା ୬.୩ ତୀବ୍ରତାର ପ୍ରଳୟଙ୍କାରୀ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ସଂଖ୍ୟା ୧୪୧୧ରେ ପହଞ୍ଚି ଯାଇଛି। ୩୫୦୦ରୁ ଅଧିକ ଆହତ ହୋଇଛନ୍ତି। ହଜାର ହଜାର ଲୋକ ଏବେ ବି ନିଖୋଜ ଅଛନ୍ତି। ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ତେଣୁ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ବିଭିନ୍ନ ଏଜେନ୍ସି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଭୂକମ୍ପ ଯୋଗୁଁ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ରାସ୍ତାଘାଟ ବନ୍ଦ ରହିଛି। ଏଥିପାଇଁ ଉଦ୍ଧାରକାର୍ଯ୍ୟ ପ୍ରଭାବିତ ହେଉଛି। ଏହି ସବୁ ରାସ୍ତା ଖୋଲିବା ପାଇଁ ଉଦ୍ଧାରକାରୀ ଦଳ ପ୍ରୟାସ କରୁଛନ୍ତି। ଅଞ୍ଚଳରେ ୮ ହଜାରରୁ ଅଧିକ ଘର ଧ୍ୱଂସ ହୋଇଯାଇଛି ବୋଲି 'ଆଫଗାନ ରେଡ୍ କ୍ରିସେଣ୍ଟ ସୋସାଇଟି' ପକ୍ଷରୁ କୁହାଯାଇଛି। ମାଟି, କାଠ ଏବଂ ଇଟାରେ ଘରଗୁଡ଼ିକ ନିର୍ମାଣ ହୋଇଥିବାରୁ ଭୂକମ୍ପ ଝଟ୍‌କାରେ ସବୁ ତାସ୍ ପତା ଭଳି ଭୁଶୁଡ଼ି ଯାଇଥିଲା ବୋଲି କୁହାଯାଉଛି। ୬.୩ ଭୂକମ୍ପପରେ ଆହୁରି ଅନେକ ଥର ମୃଦୁ ଭୂକମ୍ପ ଆସିଥିଲା। ଏହା ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ମଙ୍ଗଳବାର ସକାଳେ ମଧ୍ୟ ୫.୨ ତୀବ୍ରତାର ଭୂକମ୍ପ ହୋଇଛି।

ଏହି ଭୂକମ୍ପ କୁନାର ପ୍ରଦେଶରେ ସର୍ବାଧିକ କ୍ଷତି ଘଟାଇଛି। ନଦୀ କୂଳିଆ ଏବଂ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଅନେକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ଅବଶେଷ ତଳେ ଫସି ରହିଥିବା ସୂଚନା ମିଳିଛି। କୁନାର ଗ୍ରାମରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆହୁରି ଅଧିକ ଦୂରାନ୍ତ ଅଞ୍ଚଳରେ ପହଞ୍ଚିବାକୁ ପ୍ରୟାସ କରାଯାଉଛି। ଆହତଙ୍କୁ ହେଲିକପ୍ଟରରେ ମେଡିକାଲ ନିଆଯାଉଛି ବୋଲି ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରାଦେଶିକ ମୁଖ୍ୟ ଇସାନୁଲ୍ଲାହ ଏହସାନ କହିଛନ୍ତି।

## "ବ୍ୟକ୍ତିଗତ ଲାଭ ପାଇଁ ଭାରତ ସହ ସମ୍ପର୍କ ଖରାପ କରୁଛନ୍ତି ଟ୍ରମ୍ପ"

ୱାଶିଂଟନ, ୨ା୯ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଦେଖୁଛନ୍ତି ବୋଲି ଆମେରିକାର ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକ୍ ସୁଲିଭାନ୍ ଅଭିଯୋଗ କରିଛନ୍ତି। ଏକ ସାକ୍ଷାତକାର ସେ କହିଛନ୍ତି ଯେ ପାକିସ୍ତାନ ସହିତ ପାରିବାରିକ ବ୍ୟବସାୟ ପାଇଁ ଟ୍ରମ୍ପ ଭାରତ ସହିତ ଆମେରିକାର ସମ୍ପର୍କକୁ ନଷ୍ଟ କରିଛନ୍ତି। ଏହାର ଫଳ ସମଗ୍ର ଦେଶକୁ ଭୋଗିବାକୁ ପଡିବ। ବ୍ୟକ୍ତିଗତ ଲାଭ ପାଇଁ ଟ୍ରମ୍ପ ଭାରତ-ପାକିସ୍ତାନ ବିବାଦ ବନ୍ଦ କରିବାକୁ ଦାବି କରିଛନ୍ତି। ଟ୍ରମ୍ପଙ୍କ ବୈଦେଶିକ ନୀତିର ଏହି ପ୍ରସଙ୍ଗକୁ ଏ ପର୍ଯ୍ୟନ୍ତ ଉତ୍ଥାପନ କରାଯାଇନାହିଁ। ସେ ବିଦେଶ ନୀତିରୁ ବିଚ୍ୟୁତ ହୋଇ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମେରିକା ସବୁବେଳେ ଭାରତ ସହିତ ଭଲ ସମ୍ପର୍କ ରଖିବାକୁ ଚାହୁଁଛି। ଏହା ଦ୍ୱାରା ଦେଶର ଲାଭ ହେବ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ କହିଛନ୍ତି ଯେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ମୋଦୀ ଛିଡ଼ା ହେବା ଲଜ୍ଜାଜନକ। ରୁଷ୍ ବଦଳରେ ସେ ଆମେରିକାର ସାଥିରେ ଛିଡ଼ା ହେବା ଉଚିତ। ଆମେରିକା ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ଭାରତର ତୈଳ କ୍ରୟ ଦ୍ୱାରା ରୁଷ୍‌ର ଯୁଦ୍ଧ ମେସିନକୁ ଶକ୍ତି ମିଳୁଛି। ସେ ଭାରତକୁ ଖରାପ ଖେଳାଳି ମାନ୍ୟତା ଦେଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରାଧାନ୍ୟକୁ ସେ ପ୍ରହସନ କହିଛନ୍ତି।

**ଏସ୍‌ସିଓ ବୈଠକ କେବଳ ପ୍ରହସନ: ଆମେରିକା ଅର୍ଥମନ୍ତ୍ରୀ**

## ଚାଷୀଙ୍କ ଜମି କିଣିଲେ ଶାହାରୁଖଙ୍କ ଝିଅ ସୁହାନା

■ ବିନା ଅନୁମତିରେ କିଣିଥିବା ଅଭିଯୋଗ
■ ତହସିଲଦାରଙ୍କୁ ରିପୋର୍ଟ ମାଗିଲା ମୁମ୍ବଇ ପୁଲିସ

ମୁମ୍ବଇ, ୨ା୯ (ଏଜେନ୍ସି): ବଲିଉଡ ଅଭିନେତା ଶାହାରୁଖ ଖାନଙ୍କ ଝିଅ ସୁହାନା ଚାଷୀଙ୍କଠାରୁ ଜମି କିଣିବା ମାମଲାରେ ଫସିଛନ୍ତି। ଏହି ମାମଲା ଅଲିବାଗ ଅନ୍ତର୍ଗତ ଥଲ ଗ୍ରାମର ଘଟଣା। ଏଠାରେ ଚାଷ ପାଇଁ ଚାଷୀଙ୍କୁ ସରକାର ଜମି ପ୍ରଦାନ କରିଥିଲେ। କିନ୍ତୁ ସୁହାନା ବିନା ଅନୁମତିରେ ଏହି ଜମି କିଣି ନେଇଛନ୍ତି। ଏଥିପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ପାଳନ କରିନାହାନ୍ତି। ସୁହାନା ପ୍ରାୟ ୧୨.୯୧ କୋଟି ଟଙ୍କା ଦେଇ ଏହି ଜମି କିଣିଥିଲେ। ସେ ମୁମ୍ବଇର କଫ ପରେଡରେ ରହୁଥିବା ଖୋଟେ ପରିବାର ସହ କାରବାର କରିଥିଲେ। ୭୭.୪୬ ଲକ୍ଷର ଷ୍ଟାମ୍ପ ଶୁଳ୍କ ବି ଦେଇଥିଲେ। ୨୦୨୩ ମେ' ୩୦ରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ମାଧ୍ୟମରେ ଏହି ଦେଣନେଣ ହୋଇଥିଲା। ଏବେ ମୁମ୍ବଇ ପୁଲିସର ରେସିଡେଣ୍ଟ ଡେପୁଟି କମିଶନର ଏହି ଚୁକ୍ତିର ଯାଞ୍ଚ ପାଇଁ ଅଲିବାଗ ତହସିଲଦାରଙ୍କୁ ରିପୋର୍ଟ ମାଗିଛନ୍ତି।

ମହାରାଷ୍ଟ୍ରର ନିୟମ ଅନୁଯାୟୀ ଜଣେ କୃଷକ କିମ୍ବା ପୂର୍ବରୁ ଚାଷ ଜମି ଥିବା ବ୍ୟକ୍ତି ହିଁ ଏଭଳି ଜମି କିଣିପାରିବ। ଯଦି ସରକାର କୌଣସି ଜମି କେବଳ ଚାଷ କାର୍ଯ୍ୟ ପାଇଁ ଚାଷୀ ପରିବାରକୁ ଦେଇଛନ୍ତି ତେବେ ସେ ସିଧାସଳଖ ଏହାକୁ ବିକିପାରିବେ ନାହିଁ। ଏଥିପାଇଁ ଜିଲ୍ଲାପାଳଙ୍କ ମଞ୍ଜୁରୀ ନେବା ଜରୁରୀ। କ୍ରେତା ଏବଂ ବିକ୍ରେତା ଉଭୟଙ୍କୁ ତହସିଲଦାର ଓ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ନେବାକୁ ପଡ଼ିବ। କିନ୍ତୁ ଏହି ମାମଲାରେ ସୁହାନା କୌଣସି ପ୍ରକ୍ରିୟା ପାଳନ କରି ନ ଥିଲେ।

## ଜିନପିଙ୍ଗଙ୍କୁ ଭେଟିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟ

ବେଜିଂ, ୨ା୯ (ଏଜେନ୍ସି): ଏସ୍‌ସିଓ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିଥିବା ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଦୋମୁହାଁ ନୀତି ସାମ୍ନାକୁ ଆସିଛି। ଏସ୍‌ସିଓ ବୈଠକରେ ଦିନକ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀର ଆଜି ଚୀନ୍ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ଏହି ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ସହଯୋଗ ଉପରେ ବ୍ୟାପକ ଆଲୋଚନା କରିଥିଲେ। ଚୀନ୍-ପାକିସ୍ତାନ ସମ୍ପର୍କର ଜିନପିଙ୍ଗ ଗୁରୁତ୍ୱାରୋପ କରିଥିଲେ। ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ହେଉଥିବାବେଳେ ଦୁଇ ଦେଶ ନାଗରିକଙ୍କ ପାଇଁ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ନିମନ୍ତେ କହିଥିଲେ। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିରେ କାମ କରିବାକୁ ଚୀନ୍ ଆଗ୍ରହୀ ଥିବା କହିଥିଲେ। ଚୀନ୍ ଶ୍ରମିକ, ପ୍ରକଳ୍ପ ଏବଂ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ପାକିସ୍ତାନକୁ ଜିନପିଙ୍ଗ ଅନୁରୋଧ କରିଥିଲେ।

## ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨ା୯ (ଏଜେନ୍ସି): କେବଳ ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ କୌଣସି ରାଜ୍ୟ କିମ୍ବା ବ୍ୟକ୍ତିଙ୍କ ସମ୍ବନ୍ଧି ମାମଲାରେ ଏଭଳି କରାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍ ଉପରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସମୟସୀମା ଧାର୍ଯ୍ୟ ମାମଲାର ଶୁଣାଣି କରି ମଙ୍ଗଳବାର ଭାରତର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଯଦି ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା କିମ୍ବା କର୍ଣ୍ଣାଟକ ଭଳି ରାଜ୍ୟର ଉଦାହରଣ ଦେବେ ତେବେ କେନ୍ଦ୍ରକୁ ମଧ୍ୟ ଜବାବ ଦାଖଲ କରିବାକୁ ହେବ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ଅଲଗା ଅଲଗା ରାଜ୍ୟ ମାମଲାରେ ଚର୍ଚ୍ଚା କରାଯିବ ନାହିଁ। କେବଳ ସମ୍ବିଧାନର ଧାରା ଉପରେ ବିଚାର କରାଯିବ। ଏହା ପୂର୍ବରୁ ମେ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି ସମୟସୀମା ଧାର୍ଯ୍ୟ କରିବା ପ୍ରସଙ୍ଗରେ ପରାମର୍ଶ ମାଗିଥିଲେ।

## ବାସନକୁସନରେ ବନ୍ୟା ଜଳ ଭର୍ତ୍ତିକରି ରଖ: ପାକ୍ ମନ୍ତ୍ରୀ

ଇସଲାମାବାଦ,୨ା୯ (ଏଜେନ୍ସି): ପାକିସ୍ତାନରେ ପଞ୍ଜାବ ପ୍ରଦେଶରେ ଭୟଙ୍କର ବନ୍ୟା ଆସିଛି। ଏଥିରେ ୯୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏପରି ସମୟରେ ବନ୍ୟାର ମୁକାବିଲା ପାଇଁ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଅଜବ ପରାମର୍ଶ ଦେଇ ଚର୍ଚ୍ଚାରେ ଅଛନ୍ତି। ସେ ବନ୍ୟାକୁ ବରଦାନ ଭାବେ ଦେଖିବା ପାଇଁ ଲୋକଙ୍କୁ କହିଛନ୍ତି। ବନ୍ୟା ଜଳକୁ ଡ୍ରେନରେ ଛାଡ଼ିବା ପରିବର୍ତ୍ତେ ତାହାକୁ ଟ୍ୟୁବ୍ସ, ବାସନକୁସନ ଆଦିରେ ସଂଗ୍ରହ କରି ରଖିବାକୁ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ଆଶୀର୍ବାଦ ଭାବି ଠୁଳ କରିବା ଆବଶ୍ୟକ ବୋଲି ବନ୍ୟାକୁ ନେଇ ବିକ୍ଷୋଭ କରୁଥିବା ଲୋକଙ୍କୁ କହିଛନ୍ତି। ଏହା ସହିତ ଆସିଫ ସାକ୍ଷତକାରରେ ପରାମର୍ଶ ଦେଇଛନ୍ତି ଯେ ବଡ଼ ଡ୍ୟାମ୍ ନିର୍ମାଣ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ ଦ୍ରୁତ ବେଗରେ କ୍ଷୁଦ୍ର ବନ୍ଧ ନିର୍ମାଣ କରିବା ଉଚିତ। ଏହା ଦ୍ୱାରା ବନ୍ୟା ସ୍ଥିତିରୁ ମୁକ୍ତି ମିଳିବ।

**ବନ୍ୟା ବରଦାନ**

## ୭ରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ

### ମଧ୍ୟାହ୍ନ ୧୨ଟା ୫୭ରୁ ପାକତ୍ୟାଗ

ପୁରୀ, ୨।୯ (ସମିସ): ଆସନ୍ତା ୭ ତାରିଖ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଗଠିତ ହେବ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ। ଏହା ଭାରତରେ ଦୃଶ୍ୟମାନ ହେବ। ରବିବାର ରାତି ୯ଟା ୫୮ ମିନିଟ୍‌ରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୬ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍‌ରୁ ଅନ୍ନଭୋଜନ ଓ ଦେବନୀତି ନିଷେଧ ରହିବ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ। ତେଣୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦବନୀତି ଓ ଅନ୍ନଭୋଜନ କରାଯାଇପାରିବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇ ନୀତିକାନ୍ତିକୁ ଅନୁମୋଦନ ମିଳିଛି। ଉକ୍ତ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରିବା ଉପରେ ବିଶେଷ ଆଲୋଚନା ହୋଇଛି। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ୭ ତାରିଖ ପୂର୍ବ ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର ହୋଇଛି। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି କରାଯିବ। ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୬ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶୁଣାଣି

## ଚଳିତ ସପ୍ତାହରେ ପ୍ରଥମ ବୈଠକ

ଭୁବନେଶ୍ୱର, ୨।୯ (ସମିସ): ଚଳିତ ସପ୍ତାହରେ ଛତିଶଗଡ଼ ସହ ଜଳସମ୍ପଦ ବିଭାଗର ପ୍ରଥମ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ବିଭାଗୀୟ ସୂତ୍ରର ମିଳିଥିବା ସୂଚନା ଛତିଶଗଡ଼ ସହ ହେବାକୁ ଥିବା ବୈଠକ ପାଇଁ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। କମିଟିରେ ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଓ ଡିଜାଇନ), ସର୍ବୋଚ୍ଚ ଯନ୍ତ୍ରୀ(ସ୍କିମ ଓ ମନିଟରିଂ)ଙ୍କ ପରି ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଛତିଶଗଡ଼ ସହ ବୈଠକ ବେଳେ କେଉଁ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ସେ ସଂକ୍ରାନ୍ତରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି।

ସୂଚନା ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ବିଶେଷକରି କେଉଁ କେଉଁ ପ୍ରସଙ୍ଗ ନେଇ ଉଭୟ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇ ପାରୁନାହିଁ, ସେନେଇ ଉଭୟ ରାଜ୍ୟର

### ଜଳସମ୍ପଦ ବିଭାଗ ଗଠନ କଲା ବୈଷୟିକ କମିଟି

### ଛତିଶଗଡ଼ର ଆଭିମୁଖ୍ୟକୁ ନେଇ ସନ୍ଦେହରେ ବିଶେଷଜ୍ଞ

ବରିଷ୍ଠ ଜଳସମ୍ପଦ ଅଧିକାରୀ ଆଲୋଚନା କରିବାକୁ ଯାଉଛନ୍ତି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଗଠିତ କମିଟି ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏନେଇ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ବୈଠକରେ କେଉଁ କେଉଁ ପ୍ରସଙ୍ଗ ଆଲୋଚିତ ହେବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଛି।

ଚଳିତ ମାସରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ୪ଟି ବୈଠକ ଅନୁଷ୍ଠିତ ହେବା ପରେ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ତେବେ ଏହି ପ୍ରସଙ୍ଗର ଆପୋସ ବୁଝାମଣା ଉଦ୍ୟମ ଯେ ଫଳପ୍ରଦ ହେବ, ସେନେଇ କେତେକ ଜଳ ବିଶେଷଜ୍ଞ ଏବେ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି। ଅତୀତରେ ଟ୍ରିବ୍ୟୁନାଲରେ ଏକାଧିକ ଶୁଣାଣି ସମୟରେ ଛତିଶଗଡ଼ ଆବଶ୍ୟକୀୟ ସହଯୋଗ କରୁ ନ ଥିବା ଏବଂ ଶୁଣାଣି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବିତ କରୁଥିବା ନଜିର୍ ରହିଛି। ତେଣୁ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ, ମୁଖ୍ୟ ସଚିବ ସ୍ତରୀୟ ବୈଠକରେ ଯେ ଛତିଶଗଡ଼ ଓଡ଼ିଶାର ନ୍ୟାଯ୍ୟ ଦାବିଗୁଡ଼ିକୁ ସହଜରେ ମାନି ନେବ, ସେନେଇ ଜଳବିଶେଷଜ୍ଞ ଏବେ ମଧ୍ୟ ଭରସି ପାରୁନାହାନ୍ତି।

ଏହା ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ପରି ସଂଗଠନ ସ୍ୱାଗତ କରିଛନ୍ତି। ତେବେ ରାଜ୍ୟ ସରକାର ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକକୁ ଯାଉଥିବା ବେଳେ ଆସନ୍ତା ୬ ତାରିଖରେ ହେବାକୁ ଥିବା ଟ୍ରିବ୍ୟୁନାଲ ଶୁଣାଣି ଉପରେ ସମସ୍ତଙ୍କର ଧ୍ୟାନ ରହିଛି। ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଉଭୟ ରାଜ୍ୟ ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିବାକୁ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

### ଛଣଗିରି ଅଳଙ୍କାର ଦୋକାନରୁ ଲୁଟ୍‌ର ପର୍ଦ୍ଦାଫାସ୍

## କେଜିଏ ସୁନା ଜବତ, ୪ ଗିରଫ

ଖୋର୍ଦ୍ଧା, ୨।୯ (ସମିସ): ଜଙ୍କିଆ ଥାନା ପୁଲିସ୍‌କୁ ଏକ ବଡ଼ଧରଣର ସଫଳତା ମିଳିଛି। ଛଣଗିରି ବଜାରରେ ଥିବା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ପୁଲିସ୍ ୩ ଲୁଟେରାଙ୍କ ସମେତ ସେମାନଙ୍କଠାରୁ ଚୋରି ଅଳଙ୍କାର କିଣିଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ, କଟକ

- ୨କେଜି ଚାନ୍ଦି, ବନ୍ଧୁକ, ଗୁଳି ସହ ୯ ଲକ୍ଷ ଟଙ୍କା ଜବତ
- ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍‌କୁ ସଫଳତା: କେନ୍ଦ୍ରାଞ୍ଚଳ ଡିଆଇଜି

ଜିଲ୍ଲା ବେଣ୍ଟକାର ଥାନା ବୟାଳିଶିମୌଜା ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ ଓରଫ୍ ଲକି(୨୨), ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡ଼ା ଅଞ୍ଚଳର ଅଶୋକ ସେନାପତି ଓରଫ୍ ବୁଲୁ (୩୨), ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡ଼ା ଅଞ୍ଚଳର ଚନ୍ଦନ ନାୟକ(୨୫)। ଏହାସହ ଏମାନଙ୍କଠାରୁ ଚୋରା ସୁନା କିଣିଥିବା ବୋଲଗଡ଼ ଥାନା ଶାମପୁର ଅଞ୍ଚଳର ନବ ସାହୁ (୩୨)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୯୦୦ ଗ୍ରାମ୍ ୬୫୦ ମିଲିଗ୍ରାମ୍ ସୁନା ଅଳଙ୍କାର, ୨ କେଜି ୩୬୩ ଗ୍ରାମ ରୁପା ଅଳଙ୍କାର, ଚୋରି ସାମଗ୍ରୀ ବିକ୍ରି ବାବଦ ଅର୍ଥ ନଗଦ ୯ ଲକ୍ଷ ୪୫ହଜାର ଟଙ୍କା, ଏକ ଦେଶୀ ପିସ୍ତଲ, ଗୁଳି ଏବଂ ଭୁଜାଲି ଜବତ ହୋଇଛି। ଜିଲ୍ଲା



ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ୍ ପକ୍ଷରୁ ଅପରେସନ 'ଗୋଲ୍ଡେନ୍ ଷ୍ଟ୍ରାଇକ୍' କରାଯାଇଥିଲା। ଖୋର୍ଦ୍ଧା, ପୁରୀ, କଟକ ଏବଂ ନୟାଗଡ଼ ପୁଲିସର ମିଳିତ ସହଯୋଗରେ ଅଭିଯୁକ୍ତମାନଙ୍କୁ ଧରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗତ ଅଗଷ୍ଟ ୨୪ରେ ଛଣଗିରି ବଜାରରେ ଥିବା ସାଇସୋନୁ ଅଳଙ୍କାରରୁ ଲୁଟ୍ ହୋଇଥିଲା। ୪ଟି ବାଇକ୍‌ରେ ୮ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବଜାରେ ପହଞ୍ଚି ବୋମା ଫୁଟାଇ ଆତଙ୍କ ସୃଷ୍ଟି କରିବା ସହ ଉକ୍ତ ଦୋକାନରୁ ୧୧.୫ କିଲୋ ସୁନା ଓ ୫ କିଲୋ ଚାନ୍ଦିର ଅଳଙ୍କାର ଲୁଟି ନେଇଥିଲେ। ଏହି ସମୟରେ ସେମାନଙ୍କୁ ବାଧା ଦେବାକୁ ଚେଷ୍ଟା କରୁଥିବା ସରପାରୀ ଅଞ୍ଚଳର ରଞ୍ଜିତ ପ୍ରଧାନଙ୍କୁ ଜଣେ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲା। ଏନେଇ ଅଭିଯୋଗ ହେବା ପରେ ଜଙ୍କିଆ ପୁଲିସ୍ ୨୯୭/୨୫ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଥିବା ବେଳେ ଡିଆଇଜି ଡ. ନାୟକଙ୍କ ତତ୍ତ୍ୱାବଧାନରେ ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍ କରାଯାଇଥିଲା। ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଡିପିଓ ଖୋର୍ଦ୍ଧା ଓ ବାଲୁଗାଁ, ଜଙ୍କିଆ, ସଦର ନିରାକାରପୁର, ବାଲୁଗାଁ, ବାଣପୁର, ଟାଙ୍ଗୀ ଥାନା ଅଧିକାରୀଙ୍କ ସମେତ ଖୋର୍ଦ୍ଧା, ନୟାଗଡ଼, କଟକ ଓ ପୁରୀର ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ବିଭିନ୍ନ ଟିମ୍ ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଘଟଣା ଘଟିବାର ଏକ ସପ୍ତାହ ମଧ୍ୟରେ ପୁଲିସକୁ ସଫଳତା ମିଳିଛି। ଏଥିରେ ସମ୍ପୃକ୍ତ ୧୦ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେଥିରୁ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ ଚାଲିଛି, ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିଆଇଜି ଡ. ନାୟକ କହିଛନ୍ତି।

### ଆମ୍ବୁଲାନ୍ସ ଅକ୍ସିଜେନ ଅଭାବରୁ ରୋଗୀ ମୃତ୍ୟୁ ଘଟଣା

## ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା

ଜଗତସିଂହପୁର,୨।୯ (ସମିସ): ଗତ ଅଗଷ୍ଟ ୩୧ ରାତିରେ ଏକ ଘରୋଇ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲ ଯାଉଥିବା ଜଣେ ରୋଗୀ ଅକ୍ସିଜେନ ଅଭାବରୁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ମୃତ ମହିଳାଙ୍କ ସ୍ୱାମୀ ଆଜି ଜଗତସିଂହପୁର ସଦର ଥାନାରେ ଉକ୍ତ ଆମ୍ବୁଲାନ୍ସର ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ୩୧ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ୧୦୮ ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ବାଧ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ୍ ନଥିବାରୁ ମାତ୍ର ୨ କିମି ଯିବା ପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳା ରୋଗୀ ନିସ୍ତେଜ ହୋଇଯାଇଥିଲେ। ପରେ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ ଆମ୍ବୁଲାନ୍ସକୁ ଥାନାକୁ ନେଇଥିଲା। ଆଜି ଏନେଇ ମୃତ ମହିଳାଙ୍କ ସ୍ୱାମୀ ସଦର ଥାନାରେ ଏତଲା ଦେଇଛନ୍ତି। ଆସନ୍ତାକାଲି ମହିଳାଙ୍କ ସ୍ୱାମୀ ଆଇନଜୀବୀ ପୀତାମ୍ବର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଘର ସମ୍ମୁଖରେ ଦଳିଦେଲା ଦନ୍ତା

ହିନ୍ଦୋଳ, ୨।୯ (ସମିସ): ଘର ସମ୍ମୁଖରେ ଦଳିଦେଲା ଦନ୍ତା। ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକ୍ସନ୍‌ରେ ଗତରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କର୍ଣ୍ଣପୁର ବିଟ୍ ଅଧୀନ ନୂଆଗାଁ ଗ୍ରାମର ସଂସାରି ଗଡ଼ନାୟକ (୬୬)। ଗତରାତିରେ ଗାଁରେ



ଗଣେଶ ଭସାଣି ଚାଲିଥିଲା। ଗାଁର ଅନ୍ୟ ୨ଜଣଙ୍କ ସହ ସେ ମଣ୍ଡପରେ ବସି ଭସାଣି ଦେଖୁଥିଲେ। ଏହି ସମୟରେ ଏକ ଦନ୍ତାହାତୀ ଗାଁ ଭିତରକୁ ଅତର୍କିତ ଭାବେ ପଶି ଆସିଥିଲା। ସମସ୍ତେ ଜୀବନ ବିକଳରେ ଦୌଡ଼ି ପଳାଇଥିବା ବେଳେ ସଂସାରି ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ଗ୍ରାମବାସୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନାନୁଯାୟୀ, ହିନ୍ଦୋଳ ସେକ୍ସନ୍‌ରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଦିନେ ଛଡ଼ା ଦିନେ ହାତୀ ଆକ୍ରମଣରେ ଜୀବନହାନୀ ଘଟୁଛି। କିନ୍ତୁ ଏଥିପ୍ରତି ବନ ବିଭାଗ ବେଫିକର୍ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁ ଘଟିଲେ, ପ୍ରତିଥର ବନ ବିଭାଗ ପ୍ରତିଶ୍ରୁତିରେ ପୋତି ପକାଏ। ସୋଲାର ବାଡ଼ ଲଗାଯିବା ସହ ହାତୀ କରିଡର୍, ଲାଇଟ ଲାଗିବ ଓ ଅଧିକ ଗଜସାଥୀ ନିଯୁକ୍ତି କରି ହାତୀ ଆକ୍ରମଣକୁ ରୋକାଯିବ ବୋଲି ପ୍ରତିଶ୍ରୁତି ଦେଇଥାଏ। କିନ୍ତୁ ସେହି ପ୍ରତିଶ୍ରୁତି ପରେ ପାଣିଫୋଟକା ଭଳି ମିଳାଇଯାଏ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଖବର ପାଇ ଡିଏଫଓ ସୁମିତ କରଙ୍କ ସହ ଫୋନ୍‌ରେ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାତୀ ଶାବକର ଶବ ଉଦ୍ଧାର

ନରସିଂହପୁର,୨।୯ (ସମିସ): ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ପାଞ୍ଚଗୋଛିଆ ବିଟ୍ ପତ୍ରଭାଗ ଜଙ୍ଗଲରୁ ବନ ବିଭାଗ ଆଜି ଏକ ଅଣ୍ଡିରା ହାତୀ ଶାବକର ଶବ ଉଦ୍ଧାର କରିଛି। ଶବଟି ଏକ ନାଳରେ ପଡ଼ି ରହିଥିଲା। ପ୍ରାୟ ୩ ଦିନ ତଳେ ଉକ୍ତ ହାତୀ ଶାବକଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ମୃତ୍ୟୁ



ହୋଇଛି, ତାହା ସ୍ପଷ୍ଟ ହୋଇନଥିବା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁହାଯାଇଛି। ଖବର ପାଇ ଆଠଗଡ଼ ଉପଖଣ୍ଡ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ, ରେଞ୍ଜର ଖୁଲେଶ କୁମାର ସାହୁ, ନରସିଂହପୁର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ବନପାଳ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଶାବକଟିର ବ୍ୟବଚ୍ଛେଦ ପରେ ସେହି ସ୍ଥାନରେ ପୋତି ଦିଆଯାଇଛି।

## ଭିସୁଟ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୨।୯ (ସମିସ): ସମ୍ବଲପୁର ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣଙ୍କ ହେଲେ, ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନାରୀଗାଁର ଅଞ୍ଜନେୟ ଦାଶ। ସେ ଭିସୁଟ୍ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷର ଛାତ୍ର। ଗତକାଲି ବିଳମ୍ବିତ ରାତିରେ ସେ ସମ୍ବଲପୁର-



ବରଗଡ଼ ଜାତୀୟ ରାଜପଥ ୫୩ର ବୁର୍ଲା ନିକଟ ପାୱାର୍ ଚ୍ୟାନେଲ ବ୍ରିଜ୍ ତଳେ ଗୁରୁତର ଅବସ୍ଥାରେ ପଡ଼ିଥିବା ଖବର ପାଇ କିଛି ବନ୍ଧୁ ତାଙ୍କୁ ଉଦ୍ଧାର କରି ଭୀମସାର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଅଞ୍ଜନେୟଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଦାଦା ବୁର୍ଲା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁର୍ଲା ଏସ୍‌ଡିପିଓ ବାଲେଶ୍ୱର ଗିଧି କହିଛନ୍ତି,

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଉଦ୍ଧାର, ହସ୍ପିଟାଲରେ ମୃତ୍ୟୁ

ଛାତ୍ର ମୃତ୍ୟୁ ମାମଲାକୁ ସବୁ ଦିଗରୁ ତଦନ୍ତ କରାଯାଉଛି। ଶବ ବ୍ୟବେଚ୍ଛଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ରହସ୍ୟ ହଟିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ଅପରପକ୍ଷେ, ଅଞ୍ଜନେୟ କାହିଁକି ରାତିରେ ପିସି ବ୍ରିଜ୍ ନିକଟକୁ ଯାଇଥିଲେ? ତଳକୁ କିପରି ଖସିପଡ଼ିଲେ ନା ତାଙ୍କୁ କିଏ ଠେଲି ଦେଇଛି, ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ତେବେ ଭିସୁଟ୍ କୁଳପତି ଏବଂ କୁଳସଚିବ ଏକ ବୈଠକରେ ଯୋଗଦେବାକୁ ସମ୍ବଲପୁର ବାହାରେ ଥିବାରୁ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

### ୪କୋଟି ସରକାରୀ ଟଙ୍କା ହେରଫେର ଅଭିଯୋଗ

## ବନ୍ଧା ହେଲେ ନିଲମ୍ବିତ ଜାମଦା ତହସିଲଦାର

ବାରିପଦା, ୨।୯ (ସମିସ): ସରକାରୀ ଅର୍ଥ ହେରଫେର୍ ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁମିତା ସିଂଙ୍କୁ ଆଜି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ୪ କୋଟି ଟଙ୍କାର ସରକାରୀ ଅର୍ଥ ହେରଫେର୍ ଅଭିଯୋଗରେ ତାଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର ଇଓଡବ୍ଲ୍ୟୁ ଗିରଫ କରିଛି। ସୂଚନାଯୋଗ୍ୟ, ମଧୁମିତା ବେଲପାହାଡ଼ରେ କାର୍ଯ୍ୟରତ ଥିବା ବେଳେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର୍ କରିଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ପରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବା ସହ ୩୦ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ଆଜି ତାଙ୍କୁ ଗିରଫ କରାଯାଇଛି।



### ୭ ମାସ ମଧ୍ୟରେ ରାଜ୍ୟ ପୁଲିସ କିଣିଛି ୧୨ଟି ଡ୍ରୋନ୍

## ଟେଣ୍ଡର୍ ପ୍ରକ୍ରିୟାକୁ ଗୁପ୍ତ ରଖି ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା

ଭୁବନେଶ୍ୱର,୨।୯ (ସମିସ): ପୁଲିସର ଆଧୁନିକୀକରଣ ପାଇଁ କୋଟି କୋଟି ଟଙ୍କା ପାଣ୍ଠି ଯୋଗାଇ ଦିଆଯାଉଛି । ମାତ୍ର ଏହି ପାଣ୍ଠି କିପରି ଓ କେଉଁଠି ଖର୍ଚ୍ଚ ହେଉଛି ତାହାର କିଛି ହିସାବ ନାହିଁ। ଏପରିକି ନିମ୍ନମାନର ସାମଗ୍ରୀ କିଣି ଏ ବାବଦ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ମଧ୍ୟ ଆସୁଛି। ଏପରିକି ଟେଣ୍ଡର ପ୍ରକ୍ରିୟାକୁ ଗୋପନ ରଖି ନିର୍ଦ୍ଦିଷ୍ଟ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଅନୁଗୃହୀତ କରାଯାଉଥିବା ମଧ୍ୟ କୁହାଯାଉଛି। ଗତ କେଇମାସ ମଧ୍ୟରେ ରାଜ୍ୟ ପୁଲିସ ପକ୍ଷରୁ କିଣାଯାଇଥିବା ଡ୍ରେରାନ୍‌କୁ ନେଇ ଆସିଛି ଅନୁରୂପ ଅଭିଯୋଗ। ଟେଣ୍ଡର ପ୍ରକ୍ରିୟାକୁ ସାର୍ବଜନୀନ ନ କରି ନିର୍ଦ୍ଦିଷ୍ଟ କମ୍ପାନୀଠାରୁ ଦୁଇଟି ପର୍ଯ୍ୟାୟରେ ୧୮ ଟି ଡ୍ରୋନ୍ କ୍ରୟ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବିଡ଼ମ୍ବନା ହେଉଛି ଯେଉଁ ଡ୍ରେରାନ୍ କ୍ରୟ କରାଯାଇଛି ସେହି ଡ୍ରେରାନର ମାନ ଓ କ୍ଷମତାକୁ ନେଇ ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନକ୍ସଲ ଗତିବିଧି ଉପରେ ନଜରରଖିବା

### ଗୋଟିଏ ଡ୍ରୋନର ମୂଲ୍ୟପ୍ରାୟ ୧.୨୦କୋଟି ଟଙ୍କା

ଓ ସୂଚନା ସଂଗ୍ରହ ପାଇଁ ୨୦୨୪ ମସିହାରେ ରାଜ୍ୟ ପୁଲିସ ୬ଟି ଡ୍ରୋନ୍ କିଣିଥିଲା । ପରବର୍ତ୍ତୀ ସମୟରେ ୨୦୨୫ ରେ ଉପକୂଳ ସୁରକ୍ଷା ଓ ଅପରେସନ ୱିଙ୍ଗ ପାଇଁ ଆଉ ୧୨ଟି ଡ୍ରୋନ କିଣିଥିଲା। ଏହି ଡ୍ରେରାନର ମୂଲ୍ୟ ପ୍ରାୟ ୧.୨ କୋଟି ଟଙ୍କା ଓ ଦୁଇଟି ପର୍ଯ୍ୟାୟରେ କିଣାଯାଇଥିବା ୧୮ ଟି ଡ୍ରେରାନ୍ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ହୋଇଥିବା କୁହାଯାଉଛି । ଏବେ ପୁଣି ପୁଲିସ ଆଉ ୨ଟି ଡ୍ରୋନ୍ କିଣିବାକୁ ନିଷ୍ପତ୍ତି ନେଇଛି । ତେବେ ରହସ୍ୟଜନକ କଥାଟି ହେଉଛି ପୂର୍ବରୁ ଡ୍ରୋନ୍ ଯୋଗାଣ କରିଥିବା ସଂସ୍ଥା ରାଜ୍ୟ ପୁଲିସ ପାଇଁ ଏକମାତ୍ର ଯୋଗ୍ୟ ବିଡ଼ର ରହିଥିବାବେଳେ ଏବେ ଡ୍ରେରାନ୍ କ୍ରୟ ସମୟରେ ମଧ୍ୟ ଅନୁରୂପ ଭାବରେ ସେହି ଗୋଟିଏ ସଂସ୍ଥାକୁ ଡ୍ରୋନ୍ ଯୋଗାଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଅଭିଯୋଗ ହୋଇଛି । ତେଣୁ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଓ ପ୍ରତିଯୋଗିତାକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ତା'ଛଡ଼ା ଯେଉଁସବୁ ଡ୍ରୋନ୍ କ୍ରୟ ହୋଇଛି ତାହା ବାସ୍ତବରେ ମୂଲ୍ୟ ଅନୁପାତରେ ଉପଯୋଗୀ କି ନୁହେଁ ତାହାର ମୂଲ୍ୟାୟନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ମାସରେ କ୍ରୟ ହୋଇଥିବା ଡ୍ରୋନ ୪୦-୫୦କିମି ବେଗରେ ବୋହୁଥିବା ପବନକୁ ପ୍ରତିରୋଧ କରିପାରିବ ନାହିଁ କିମ୍ବା ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ ମଧ୍ୟ କରିବାରେ ସକ୍ଷମ ନୁହେଁ ବୋଲି ପୁଲିସ ବାହିନୀର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି। ଏହା ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଡ୍ରୋନକୁ କ୍ରୟ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

### ଥାନାରେ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

## ପ୍ରେମିକ, ଲଜ୍ ମାଲିକ ଗିରଫ

ବ୍ରହ୍ମପୁର, ୨।୯ (ସମିସ): ଗୋପାଳପୁର ଥାନା ପରିସରରେ ଜଣେ ନାବାଳିକା ଛାତ୍ରୀ ତରଳ ରାସାୟନିକ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୁଲିସ ଆଜି ନାବାଳିକାଙ୍କ ପ୍ରେମିକ ସହ ଲଜ୍ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀର କେଦାର ଦାସ (୨୮) ଓ ଲଜ୍ ମାଲିକ ତଥା ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। ନାବାଳିକାଙ୍କୁ ଅପହରଣ କରି ଘରେ ରଖିବା ଓ ସେଠାରେ ତାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ପୁଲିସ କେଦାରଙ୍କୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଲଜ୍‌ରେ ରହିବାକୁ ଅନୁମତି ଦେବା ଅଭିଯୋଗରେ ଯୋଗେନ୍ଦ୍ରଙ୍କୁ ଗିରଫ କରାଯାଇଛି। ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କ ମୋବାଇଲ ଜବତ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନାବାଳିକାକୁ ବାଳସୁଧାର ଗୃହକୁ ପଠାଯାଇଛି।

ସୂଚନାଯୋଗ୍ୟ, କେଦାର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ। ସୋମବାର ମଧ୍ୟାହ୍ନରେ ସେ ନାବାଳିକାଙ୍କୁ ଫୋନ୍ କରି ଖଲ୍ଲିକୋଟ କଲେଜ ନିକଟକୁ ଡାକିଥିଲା। ସେଠାରୁ ସେ ତାଙ୍କୁ ବାଇକ୍‌ରେ ଗୋପାଳପୁର ନେଇଥିଲା। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ୨ଘଣ୍ଟା ପାଇଁ ଘରଭଡ଼ା ଦେବାକୁ କହିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ମନା କରିବା ପରେ ଗୋପାଳପୁର ଅଞ୍ଚଳର ଏକ ଲଜ୍‌ର ମାଲିକ ଯୋଗେନ୍ଦ୍ର ସିଂ ଦୁଇଘଣ୍ଟା ପାଇଁ କେଦାରଙ୍କୁ ଅନୁମତି ଦେଇ ତାଙ୍କଠାରୁ ଅନ୍‌ଲାଇନରେ ୭୦୦ ଟଙ୍କା ନେଇଥିଲେ। କେଦାର ଓ ନାବାଳିକାଜଣକ ସେଠାରେ କିଛି ସମୟ ଅତିବାହିତ କରିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପାଟି ଶୁଣି ଲଜ୍ ମାଲିକ ଉଭୟଙ୍କୁ ତୁରନ୍ତ ରୁମ୍ ଖାଲି କରିବାକୁ କହିଥିଲେ। ତେବେ ରୁମ୍ ଭଡ଼ା ବାବଦ ଟଙ୍କା ନେଇ ସେମାନଙ୍କୁ ବାହାର କରିଦେବା ଘଟଣାକୁ ନେଇ କେଦାର ଓ ନାବାଳିକାଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଛାତ୍ରୀଜଣଙ୍କ ନାବାଳିକା। ତେଣୁ ପୁଲିସ ତାଙ୍କ ପୁରୁଷବନ୍ଧୁ କେଦାରଙ୍କୁ ଥାନାରେ ଅଟକ ରଖିବା ସହ ନାବାଳିକାଙ୍କ ପରିବାରଲୋକଙ୍କୁ ସୂଚନା ଦେଇଥିଲା। ପୁଲିସ୍ କେଦାରଙ୍କୁ ପଚରାଉଚରା କରୁଥିବା ବେଳେ ନାବାଳିକାଜଣଙ୍କ ବ୍ୟାଗ୍‌ରେ ଆଣିଥିବା ତରଳ ରସାୟନିକ ପିଇ ବାନ୍ତି କରିବା ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁଲିସ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।





# ଦୁଇଘଣ୍ଟାର ଲଗାଣ ବର୍ଷା
# ସକାଳୁ ସକାଳୁ ରାଜଧାନୀ ବେହାଲ୍



ବମିଖାଲ ଓଭରବ୍ରିଜ



ରସୁଲଗଡ ଶବରସାହି ନେତାଜୀନଗର

ଭୁବନେଶ୍ୱର, ୨।୯ (ସମିସ): ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ମଙ୍ଗଳବାର ସକାଳୁ ରାଜଧାନୀରେ ମୂଷଳଧାରାରେ ବର୍ଷା ହୋଇଥିଲା। ଫଳରେ ସହରର ଅଧିକାଂଶ ମୁଖ୍ୟରାସ୍ତାରେ ବର୍ଷାପାଣି ଲହଡି ଭାଙ୍ଗିଥିଲା। ତଳିଆ ଅଞ୍ଚଳଗୁଡ଼ିକ ଜଳାର୍ଣ୍ଣବ ହୋଇଯାଇଥିଲା। ରାସ୍ତାଗୁଡ଼ିକରେ ପାଣି ଭର୍ତ୍ତି ହୋଇ ନଦୀର ଭ୍ରମ ସୃଷ୍ଟି କରିଥିଲା। ଅଫିସ୍, ସ୍କୁଲ, କଲେଜ ଆଦି ଯାଉଥିବା ଲୋକମାନଙ୍କର ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଥିଲା। ବହୁସ୍ଥାନରେ ଲମ୍ବାଧାଡ଼ିରେ ଗାଡ଼ିମଟର ସବୁ ଅଟକି ରହିଥିଲା। ଟ୍ରାଫିକ ଜାମରେ ଫସି ମୁକୁଳିବା ପାଇଁ ଲୋକେ ଅସ୍ତବ୍ୟସ୍ତ ହେଉଥିବାବେଳେ ଦିନ ୧୨ଟା ବେଳକୁ ଧୀରେ ଧୀରେ ବର୍ଷାର ପ୍ରକୋପ କମିଥିଲା। ମାତ୍ର ୪୫ ମିଲିମିଟର ବର୍ଷାରେ ରାଜଧାନୀ ସ୍ଥିତି ବେହାଲ୍ ହୋଇଯାଇଥିଲା।

ଲଗାତର ପ୍ରବଳ ବର୍ଷା ହେତୁ ରାଜଧାନୀର ଅଧିକାଂଶ ଅଞ୍ଚଳରେ ଲହଡି ଭାଙ୍ଗଛି ବର୍ଷାପାଣି। ସହରର ମୁଖ୍ୟରାସ୍ତାଗୁଡ଼ିକରେ ଆଣ୍ଠୁଏ ଉଚ୍ଚତାର ପାଣି ଚାଲୁଥିବାରୁ ବନ୍ୟା ଭଳି ଦୃଶ୍ୟ ସୃଷ୍ଟି କରିଥିଲା। ଇସ୍କନ୍ ସାମ୍ନାରେ ମଧ ଗାଡ଼ି ବୁଡ଼ିଯିବା

- ନେତାଜୀ ନଗରରେ ଅଣ୍ଟାଏ, ପଟିଆରେ ଆଣ୍ଠୁଏ
- ବର୍ଷା ଯୋଗୁଁ କାର୍‌ରେ ଫସିଲେ ମହିଳା
- ଘରେ ପଶିଲା ପାଣି, ଲୋକ ହନ୍ତସନ୍ତ

ଭଳି ପାଣି ହୋଇଥିଲା। ରସୁଲଗଡ଼ଠାରୁ କଳ୍ପନା ଯାଇଥିବା କଟକ ରୋଡର ବମିଖାଲ ଓଭରବ୍ରିଜ୍ ତଳେ ଅଣ୍ଟାଏ ଉଚ୍ଚର ବର୍ଷା ପାଣି ଜମିଥିଲା। ସେଠାରେ ଥିବା ଗାଡ଼ିଗୁଡ଼ିକ ପାଣି ଭିତରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲା। ସେହିଭଳି ଏସ୍‌ପ୍ଲାନେଡ୍ ମଲ୍ ଓ ଲକ୍ଷ୍ମୀସାଗର ଛକରେ ବହୁ ସମୟ ପର୍ଯ୍ୟନ୍ତ ପାଣି ଜମି ରହିଥିଲା। ଅନ୍ୟପକ୍ଷରେ ବର୍ଷାରେ ବେହାଲ ହୋଇଯାଇଛି ପୁରୁଣା ଭୁବନେଶ୍ୱର। ବିବେକାନନ୍ଦ ମାର୍ଗ ଓ ରଥ ରୋଡରେ ବି ପାଣି ଜମିଥିଲା। ମୌସୁମୀ ବର୍ଷା ପୂର୍ବରୁ ଠିକ୍ ଭାବେ ଡ୍ରେନ୍ ସଫା ହୋଇନଥିବାରୁ ଅଧିକାଂଶ ସ୍ଥାନରେ ପାଣି ଜମିବା ନେଇ ଅଭିଯୋଗ ହେଉଥିବାବେଳେ କିଛି ସ୍ଥାନରେ ଜବରଦଖଲ ଯୋଗୁଁ ପାଣି ଜମି ରହିଥିଲା। ଯେଉଁଠି ବି ଜଳବନ୍ଦୀ ସ୍ଥିତି ଉପୁଜିଥିଲା, ବର୍ଷା ଛାଡ଼ିବାର ଘଣ୍ଟାଏ ଭିତରେ ପାଣି ନିଷ୍କାସନ ହୋଇଯାଇଥିଲା। ଦିନତମାମ କଟକ ଓ ଭୁବନେଶ୍ୱର ସମେତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଛନ୍ନ ରହିଥିଲା।

ବିଏମ୍‌ସିର ୩୧ ନମ୍ବର ୱାର୍ଡ ଅନ୍ତର୍ଗତ ରସୁଲଗଡ଼ ଶବର ସାହି ନେତାଜୀ ନଗରରେ ଡ୍ରେନ୍ ସମସ୍ୟା ଯୋଗୁଁ ଅଣ୍ଟାଏ ଉଚ୍ଚର ବର୍ଷା ପାଣି ଲୋକଙ୍କ ଘରେ ପଶିଥିଲା। ଏଥିରେ ଆସବାବପତ୍ର ଓଦା ହୋଇଥିବାବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପାଣି ନିଷ୍କାସନ ପାଇଁ ବାରମ୍ବାର ବିଏମ୍‌ସିକୁ ଫୋନ୍ କରିଥିଲେ ବି କେହି କର୍ଣ୍ଣପାତ କରିନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେହିଭଳି ପଟିଆ ଅହଲ୍ୟା ନଗରରେ ବି ସମାନସ୍ଥିତି ଦେଖିବାକୁ ମିଳିଥିଲା। ଡ୍ରେନ୍ ସମସ୍ୟା ଥିବାରୁ ଏଠି ବି ଅଣ୍ଟାଏ ଉଚ୍ଚର ବର୍ଷା ଜଳ ଲହଡ଼ି ମାରିଥିଲା। ଏହି ସମୟରେ ଜଣେ ମହିଳା ରାସ୍ତାରେ ଯାଉଥିଲେ। ମାତ୍ର ବର୍ଷା ପାଣି ଯୋଗୁଁ ସେନ୍ସର୍ ବନ୍ଦ ହୋଇ କାର୍ ଡୋର ଖୋଲିନଥିଲା। ପ୍ରାୟ ଦେଢ଼ ଘଣ୍ଟା ଗାଡ଼ି ଭିତରେ ମହିଳା ଜଣକ ଫସି ରହିଥିଲେ। ଶେଷରେ ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ମେସିନ୍ ଲଗାଇ କାର୍ ଡୋର୍ କାଟି ମହିଳାଙ୍କୁ ଉଦ୍ଧାର କରିଥିଲା। ବିଏମ୍‌ସି ଏବଂ ପୋଲିସ ମଧ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲା।





ରସୁଲଗଡ ଶବରସାହି ନେତାଜୀନଗର

## ମାରଣାସ୍ତ୍ର ଜବତ; ଯୁବକ ଗିରଫ

ଧଉଳି, ୨।୯ (ସମିସ): ସୋମବାର ବିଳମ୍ବିତ ରାତିରେ ଦ୍ରୁତବେଗରେ ଗାଡି ଚାଳନା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ସ୍ଥାନୀୟ ରଘୁନାଥପୁର ତଳସାହି ଗ୍ରାମର ଜଗନ ଓରଫ ସାନ୍ତନୁ ବେହେରା। ଏଥିସହ ପୁଲିସ ତା ଠାରୁ ଏକ ଚାପଡ଼ ସହ ସ୍କୁଟି ଜବତ କରିଛି। ଅଭିଯୁକ୍ତ ଜଗନ ଓରଫ ସାନ୍ତନୁ ବେହେରା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ମଧ ଧଉଳି ଥାନାରେ ୭ ଟି ଏବଂ ଏୟାରଫିଲ୍ଡ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଖବରନେବାରେ ଜଣାପଡ଼ିଛି ଧଉଳି ଥାନାଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ଦଳ ଲିଙ୍ଗିପୁର ଛକରେ ସୋମବାର ରାତିରେ ରାତ୍ରିକାଳୀନ ମୋଟରଯାନ ଚେକିଂ ଅଭିଯାନ ଜାରି ରଖିଥିଲେ। ରାତି ପ୍ରାୟ ୧ ଟା ୩୦ ସମୟରେ ଅଭିଯୁକ୍ତ ଜଗନ ଏକ ସ୍କୁଟି ଯୋଗେ ପୁରୀ ପାର୍ଶ୍ୱରୁ ଦ୍ରୁତ ଗତିରେ ତଥା ଅତି ବିପଦଜ୍ଜନକ ଭାବେ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଦେଖିବାକୁ ପାଇଥିଲେ। ସେଠାରେ ମୁତୟନ ଥିବା ପୁଲିସ କର୍ମଚାରୀ ମାନେ ତାଙ୍କୁ ଅଟକାଇବା ଲାଗି ପ୍ରୟାସ କରିଥିଲେ। ମାତ୍ର ସେ ସେଠାରୁ ଖସି ପଳାଇବା



ଲାଗି ଚେଷ୍ଟା କରିଥିଲେ। ପୁଲିସ କର୍ମଚାରୀମାନେ ଜଗନଙ୍କ ପିଛା କରିବା ସହ ବହୁ କଷ୍ଟରେ ତାଙ୍କୁ କାବୁ କରିବା ସହ ଛାନଭିନ କରିଥିଲେ। ଛାନଭିନ ସମୟରେ ଅଭିଯୁକ୍ତଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ କିମ୍ବା ଗାଡିର କାଗଜପତ୍ର ନଥିବା ଜଣା ପଡ଼ିଥିଲା। ଅଧିକ ଛାନଭିନ ବେଳେ ଅଭିଯୁକ୍ତଙ୍କ ନିକଟରୁ ପୁଲିସକୁ ଏକ ଲୁହା ଚାପଡ ମଧ ମିଳିଥିଲା। ତଦନ୍ତ ସମୟରେ, ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ହେପାଜତରୁ ସମ୍ପୃକ୍ତ ସ୍କୁଟି, ଏକ ଲୁହା ଚାପଡ ଏବଂ ଏକ ମୋବାଇଲ ଫୋନ ଜବତ କରିଥିଲେ।

● ପାରିବାରିକ ଗଣ୍ଡଗୋଳର ଉଗ୍ର ପରିଣତି

## ଆକ୍ରମଣରେ ବାପା ମୃତ, ସାନପୁଅ ଗୁରୁତର

ବାଲିପାଟଣା, ୨।୯ (ସମିସ): ପାରିବାରିକ ବିବାଦର ଉଗ୍ରରୂପ ଦେଖିବାକୁ ମିଳିଛି ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଦେଉଳିଧରପୁର ଗ୍ରାମରେ। ପାରିବାରିକ ଗଣ୍ଡଗୋଳ ଉଗ୍ରରୂପ ନେଇଛି। ଯାହାର ପରିଣତି ଭୟାବହ ହୋଇଛି। ଉଭୟ ପରସ୍ପର ମାର୍‌ପିଟ୍ ଭିତରେ ବ୍ରହ୍ମାନନ୍ଦ ଜେନା (ବାପା) ମୃତ ହୋଇଥିବା ବେଳେ ଲୋକନାଥ ଜେନା (ସାନ ପୁଅ) ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଇ ହାଇଟେକ୍ କୁ ସ୍ଥାନାନ୍ତର ହୋଇଛି। ସେହିପରି ଗୁରୁତର ବାପାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏମ୍ସରେ ମୃତ୍ୟୁ ଘଟିଛି। ରଞ୍ଜନ ଜେନା (ବଡ ପୁଅ) ଘଟଣା ପରେ ଫେରାର ହୋଇଯାଇଛି। ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ଦୁଇଜଣ ଉଦ୍ଧାର ହୋଇ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗାଁରେ ଗଣେଶ ଭସାଣି ଭୋଜି ଖାଇ ଘରକୁ ଫେରିଥିଲେ। ଘରେ ବାପ ପୁଅଙ୍କ ଭିତରେ ଆରମ୍ଭ ହୋଇଥିଲା ଗଣ୍ଡଗୋଳ। ବାପା ଓ ସାନ ପୁଅ ଗୁରୁତର ହୋଇପଡ଼ିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଏମ୍ସ ହସପିଟାଲକୁ ନିଆଯାଇ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ବାପା ବ୍ରହ୍ମାନନ୍ଦ ଜେନା (୬୦) ଙ୍କ ମୃତ୍ୟୁ ହୋଇଥିବା ବେଳେ ସାନ ପୁଅ ଲୋକନାଥ ଏବେ ହାଇଟେକ୍‌ରେ ଚିକିତ୍ସିତ ହେଉଛନ୍ତି। ବଡ ପୁଅ ରଞ୍ଜନ ଏବେ ଫେରାର ଅଛି। କେସ ନଂ ୪୧୯, ଦଫା ୧୦୩(୧) ଆଧାରରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି। ପ୍ରକୃତ ସତ୍ୟାସତ୍ୟ ଏବେବି ଲୁକ୍କାୟିତ ରହିଛି।

## ଧସିଲା ପୂର୍ତ୍ତ ବିଭାଗ ରାସ୍ତା

ବାଲିଅନ୍ତା, ୨।୯ (ସମିସ): ଭୁବନେଶ୍ୱର ପୂର୍ତ୍ତ ବିଭାଗ ଅଧୀନ ହଂସପାଳ -ଅଭୟମୁଖୀ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ଅଣ୍ଡିଲୋ ଗଡ଼ା ସଂଲଗ୍ନ ରାସ୍ତା ମରାମତିକୁ ବର୍ଷେ ନ ପୂରୁଣୁ ନଷ୍ଟ ହୋଇଗଲାଣି। ରାସ୍ତାର ଭିଭିନ୍ନ ସ୍ଥାନରୁ ପିଚୁ ଉଠିଗଲାଣି। ପିଚୁ ନଷ୍ଟ ହୋଇଯିବା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଠିକାଦାର ନିମ୍ନମନର ରାସ୍ତା ନିର୍ମାଣ କାର୍ଯ୍ୟ କରି କିଛି ଅସାଧୁ ଅଧିକାରୀଙ୍କୁ ହାତ କରି ବିଲ ମଞ୍ଜୁର କରାଇ ନେଇଥିବା ଜଣାପଡ଼ିଛି। ଲଗାଣ ବର୍ଷାଠୁ ବଳି ପଡ଼ିଛି ପଞ୍ଚାୟତ ଜନ ପ୍ରତିନିଧିଙ୍କ ଅସହଯୋଗ। ଗ୍ରାମ ଜଳ ଯୋଗାଣ ଏବଂ ପରିମଳ ବିଭାଗ ପାଇପ ଫାଟି ଯାଇଥିଲେ ହେଁ ମରାମତି କରାଯାଉ ନାହିଁ। ଯାହାଫଳରେ ଉଦବୃତ୍ତ ବର୍ଷା ଏବଂ ପ୍ରକଳ୍ପ ପାନୀୟ ଜଳ ପ୍ରବାହିତ ହେବା ଦ୍ୱାରା ରାସ୍ତା ନଷ୍ଟ ହୋଇଗଲାଣି। ଗ୍ରାମବାସୀ ଏସମ୍ପର୍କରେ ଭିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ମଧ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା ଫଳରେ ୨୦ ଫୁଟ ରାସ୍ତା ଧସି ଗଲାଣି। ପୂର୍ତ୍ତ ବିଭାଗ ଏବଂ ଗ୍ରାମ ପଞ୍ଚାୟତ ଜନ ପ୍ରତିନିଧି ଦୃଷ୍ଟି ଦେବାକୁ ଦାବି ହେଉଛି।



## ଛଅମାସ ହେଲା ଦରମା ପାଇନାହାନ୍ତି 'ଉତ୍କଳ' ଠିକା କର୍ମଚାରୀ

ଭୁବନେଶ୍ୱର, ୨।୯ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଠିକା କର୍ମଚାରୀଙ୍କୁ ଦରମା ମିଳୁନାହିଁ। ମାସେ କି ଦୁଇ ମାସ ନୁହେଁ, ଦୀର୍ଘ ୬ମାସ ହେଲା ଦରମା ନ ପାଇଁ ହନ୍ତସନ୍ତ ହେଉଛନ୍ତି କର୍ମଚାରୀ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବହୁବାର ଅବଗତ ପରେ ମଧ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୦ ଜଣ ଠିକା କର୍ମଚାରୀ ନିଯୁକ୍ତ ଅଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରଚାଳନା କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ହେଲେ ସେମାନଙ୍କୁ ନିୟମିତ ଭାବେ ଦରମା ପ୍ରଦାନ କରାଯାଉ ନ ଥିବାରୁ ମାନସିକ ଚାପରେ ରହୁଥିବା ଅଭିଯୋଗ ହୋଇଛି। ଏପରିକି ବିଭିନ୍ନ ରୋଗରେ ପିଡ଼ିତ ହୋଇଥିଲେ ମଧ ଅର୍ଥାଭାବ କାରଣରୁ ଚିକିତ୍ସିତ ହୋଇ ପାରୁ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। କିଛି କର୍ମଚାରୀଙ୍କ ଦରମା ମଞ୍ଜୁର କରି ସେମାନଙ୍କୁ ପ୍ରଦାନ କରିବାକୁ କୁଳସଚିବଙ୍କ ପକ୍ଷରୁ ବିତ୍ତ ନିୟନ୍ତ୍ରକଙ୍କୁ ଫାଇଲ୍ ପଠାଯାଇଥିଲେ ମଧ ଉଦ୍ଦେଶ୍ୟମୂଳକ ଭାବେ ତାକୁ ଅଟକାଇ ରଖାଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ବିତ୍ତ ନିୟନ୍ତ୍ରକ ଅସୀମା ପଟ୍ଟନାୟକ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀଙ୍କ ତଥ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସରକାରଙ୍କୁ ପ୍ରଦାନ କରାଗଲେ ସେମାନଙ୍କ ଦରମା ପାଇଁ ସରକାର ଅର୍ଥ ମଞ୍ଜୁର କରିଥାନ୍ତି। ଏହାପରେ ସେମାନଙ୍କୁ ଦରମା ପ୍ରଦାନ କରାଯାଏ। ହେଲେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଠିକା କର୍ମଚାରୀଙ୍କ ତଥ୍ୟ ସରକାରଙ୍କୁ ପ୍ରଦାନ କରାଯାଇ ନଥିବାରୁ ଅର୍ଥ ମଞ୍ଜୁର ହୋଇ ପାରିନାହିଁ। ହେଲେ ୬ମାସ ହେଲା ଦରମା ପାଇ ନଥିବା ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଅଢ଼େଇ ମାସ ହେଲା ସେ କାର୍ଯ୍ୟରେ ଯୋଗ ଦେଇଥିବା କହିଛନ୍ତି। ସରକାରଙ୍କୁ ଠିକା କର୍ମଚାରୀଙ୍କ ତଥ୍ୟ ଦିଆ ନ ଯିବା ସମ୍ପର୍କରେ କୁଳସଚିବ ସ୍ୱାତୀ ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନି।

## 'ପ୍ରହାର'କୁ ନେଇ ପ୍ରଶ୍ନବାଚୀ
# ବଳି ପଡୁଛନ୍ତି ଛୋଟ; ଗଳିଯାଉଛନ୍ତି ବଡ଼ ମାଫିଆ

ଭୁବନେଶ୍ୱର, ୨।୯ (ସମିସ): ସହରରେ ବଢୁଥିବା ନିଶା ବେପାରୀଙ୍କୁ ସାବାଡ଼ କରିବା ପାଇଁ ପୁଲିସ ଅପରେସନ୍ 'ପ୍ରହାର' ଆରମ୍ଭ କରିଛି। ହେଲେ ଏହି ଅପରେସନ୍ କିଭଳି ସଫଳ ହେବ ତାହାକୁ ନେଇ ସନ୍ଦେହ ବଢୁଛି। କାରଣ ପୁଲିସ ଗିରଫ କରୁଥିବା ବେପାରୀମାନେ ଛୋଟ ମାଛ। କିନ୍ତୁ ସେମାନଙ୍କ ପଛରେ ରହିଛନ୍ତି ବଡ଼ ବଡ଼ ନିଶା ହୋଲସେଲର। ଏଜେଣ୍ଟଙ୍କ ଜରିଆରେ ୨ରୁ ୫କେଜି ଏମାନଙ୍କୁ ବେପାର କରିବାକୁ ଦେଉଛନ୍ତି। ଏହି ଛୋଟ ବେପାରୀମାନେ ଦୋକାନ ଏବଂ ଘରେ ରଖି ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ପୁଲିସ ଏମାନଙ୍କ ଘରେ ଚଢଉ କଲେ ୨ରୁ ୩କେଜି ହିଁ ଜବତ କରିବ। ତେଣୁ ସେମାନେ ଜାଣିଛନ୍ତି କେତେ ପରିମାଣ ଗଞ୍ଜେଇ ରଖିଲେ ଜେଲରେ କେତେଦିନ ରହିବେ। ତେଣୁ ପୁଲିସ ଯେତିକି ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି, ସେମାନଙ୍କ ଠାରୁ ୫କେଜିରୁ ଅଧିକ ଗଞ୍ଜେଇ ଜବତ କରିନି। ଯେଉଁଥି ପାଇଁ ସେମାନେ ୭ଦିନ ଭିତରେ ଜେଲରୁ ବାହାରି ଆସିବେ। ଆସିବା ପରେ ସେମାନେ ପୁଣି ସେହି ଗଞ୍ଜେଇ ବେପାରରେ ଲାଗିପଡ଼ିବେ। ବଡ଼ କଥା ହେଲା ଏହି ଗଞ୍ଜେଇ ବେପାରୀଙ୍କୁ ସ୍ଥାନୀୟ ପୁଲିସ ସୁରକ୍ଷା ଦେଉଛନ୍ତି। କାରଣ ଥାନା ନିକଟରେ ଗଞ୍ଜେଇ କାରବାର ହେଉଛି। କିନ୍ତୁ ପୁଲିସ ସବୁ ଜାଣି ପୂର୍ବରୁ ଚୁପ୍ ବସିଥିଲା। ହେଲେ ସିପି ଏବଂ ଡିସିପି ଅପରେସନ୍ ପ୍ରହାର ଯୋଗେ ନିର୍ଦ୍ଦେଶ ଦେବା ପରେ ସେମାନେ ଚଢଉ କରୁଛନ୍ତି। ନ ହେଲେ ଥାନାର କର୍ମଚାରୀ ଏହି ଗଞ୍ଜେଇ ବେପାରୀଙ୍କ ଠାରୁ ହାତଗୁଞ୍ଜା ନେଉଥିବା ଦେଖିବାକୁ ମିଳିଛି।

- ଜବତ ଗଞ୍ଜେଇ ପରିମାଣ ୫ କେଜି ଟପୁନି
- ଗିରଫର ୭ ଦିନ ଭିତରେ ଜାମିନ୍‌ରେ ଆସି ପୁଣି କରୁଛନ୍ତି ବେପାର
- ୭ ଛୋଟ ନିଶା ବେପାରୀଙ୍କୁ ଧରିଲା ପୁଲିସ

ବଡ଼ କଥା ହେଲା ଖଣ୍ଡଗିରି ଥାନା ବରଗଛ ନିକଟରେ ଜଣେ ଦୋକାନୀ ଦୀର୍ଘଦିନ ହେବ ସେଠାରେ ଗଞ୍ଜେଇ କାରବାର କରୁଛି। ଏ ବିଷୟରେ ମଧ ଥାନା ପୁଲିସ ସବୁ ଜାଣିଛି। ହେଲେ କେବେ ବି ତାର ଦୋକାନରେ ଚଢ଼ଉ କରି ନାହିଁ। ବରଂ ଏସ୍‌ଟିଏଫ, ସ୍ପେଶାଲ କ୍ରାଇମ୍ ୟୁନିଟ୍ ଚଢ଼ଉ କରି ଏହି ନିଶା ବେପାରୀକୁ ଗିରଫ କରିଥିଲା। କିନ୍ତୁ ତା ନିକଟରୁ କମ୍ ପରିମାଣର ଗଞ୍ଜେଇ ଜବତ ହୋଇଥିବାରୁ ସେ ପୁଣି ଜେଲରୁ ବାହାରି ଗଞ୍ଜେଇ କାରବାର କରୁଛି। ସେହିପରୀ ନୂଆପଲ୍ଲୀ ଥାନା ନିକଟରେ ଥିବା ହନୁମାନ ମନ୍ଦିର ଗଳିରେ ନିକଟ ବସ୍ତିରେ ଗଞ୍ଜେଇ ବେପାର ହେଉଛି। ଥାନା କର୍ମଚାରୀ ମଧ ଯାଇ ସେଠାରୁ ଗଞ୍ଜେଇ ଆଣି ପିଉଛନ୍ତି। ଏପରିକି ଥାନାକୁ ମଧ ମୋଟାରକମର ପାଉଣା ଦେଉଥିବାରୁ ପୁଲିସ ତାକୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ସିପିଙ୍କ ଚାପ ପଡ଼ିବାରୁ ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ହେଲେ ଅସଲରେ ଏହି ବେପାର ପଛରେ ମହିଳା ନୁହେଁ ଜଣେ ବ୍ୟକ୍ତିଙ୍କ ବଡ଼ ହାତ ରହିଛି। ମହିଳା ଜଣଙ୍କ କେବଳ ଗ୍ରାହକଙ୍କୁ ଟଙ୍କା ନେଇ ଦେଉଥିଲେ। କିନ୍ତୁ ମହିଳାଙ୍କ ପଛରେ ଜଣେ ବଡ଼ ନିଶା



ମାଫିଆଙ୍କ ହାତ ରହିଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ ନାବାର୍ଡ ପଡ଼ିଆ ନିକଟରେ ମଧ ଗଞ୍ଜେଇ ବିକ୍ରି କରାଯାଉଛି। ସହିଦନଗର ଥାନା ପଛପଟ ବସ୍ତିରେ ମଧ ଗଞ୍ଜେଇ ବେପାରୀ ଜୋରସୋର ଚାଲିଥିବା ବେଳେ କ୍ୟାପିଟାଲ ଥାନା ପଛପଟରେ ଚୋର ମଧ ସହ ଏକାଧିକ ବ୍ୟକ୍ତି ଗଞ୍ଜେଇ ବେପାର କରୁଛନ୍ତି। ଆହୁରି ମଧ ଏକ ନମ୍ବର ହାଟ ଭିତରେ ଏକ ଗଞ୍ଜେଇ ମଣ୍ଡି ରହିଛି। ଉକ୍ତ ବ୍ୟକ୍ତି ଦୀର୍ଘଦିନ ହେବ ବ୍ୟବସାୟ କରୁଛି। ଏନେଇ ପୁଲିସ ଜାଣିଥିଲେ ମଧ ଗିରଫ କରୁଛି। ସେହିପରି ଚନ୍ଦ୍ରଶେଖରପୁର ଥାନା ଡମଣା ଛକ ନିକଟରେ ଗଞ୍ଜେଇ କାରବାର ଚାଲୁଥିବା ବେଳେ ନିକଟ ବସ୍ତିରେ ଅଧିକ ମାତ୍ରାରେ ବିକ୍ରି କରାଯାଉଛି। ସେହିପରି ଇନ୍‌ଫୋସିଟି ଥାନା ରାସ୍ତାରେ ଏକାଧିକ ଦୋକାନରେ ମଧ ଗଞ୍ଜେଇ ସିଗାରେଟ୍ ମିଳିଯାଉଛି।

ବଡ଼ କଥା ହେଲା ପୁଲିସ ଏହି ଛୋଟ ଛୋଟଙ୍କୁ ଧରିବା ସହ ସେମାନଙ୍କୁ ଯୋଗାଉଥିବା ବଡ଼ ବଡ଼ ନିଶା ମାଫିଆଙ୍କୁ ଧରିଲେ ଅପରେସନ୍ ପ୍ରାହାର ସଫଳ ହେବ ବୋଲି କୁଆଯାଉଛି। ଆଜି କମିଶନରେଟ୍ ପୁଲିସ ୭ଜଣ ଛୋଟ ଛୋଟ ବେପାରୀଙ୍କୁ ଗିରଫ କରିଛି। ନୂଆପଲ୍ଲୀ ପୁଲିସ ଗାନ୍ଧି ମାର୍କେଟ ବସ୍ତିରେ ଚଢଉ କରି ସାବିତ୍ରୀକୁ ଗିରଫ କରିଛି। ତା ନିକଟରୁ ୧.୧ କେଜି ଗଞ୍ଜେ ଜବତ କରିଛି। ସେହିପରି ତମାଣ୍ଡୋ ପୁଲିସ ଲକ୍ଷ୍ମଣ ଗୁରୁଙ୍କୁ ଗିରଫ କରିଥିବା ବେଳେ ୧.୧କେଜି ଗଞ୍ଜେଇ ଜବତ କରିଛି। ସହିଦନଗର ଥାନା ପୁଲିସ ଦୁଇ ପାନ ଦୋକାନରେ ଚଢଉ କରି ୨ମହିଳାଙ୍କୁ ଗିରଫ କରିବା ସହ ୨.୮ କେଜି ଗଞ୍ଜେଇ ଜବତ କରିଛି। ସେହିପରି ଲକ୍ଷ୍ମୀସାଗର ପୁଲିସ ଉପରସାହିରେ ଚଢଉ କରି କେଶବ ନାମକ ବେପାରୀକୁ ଗିରଫ କରିବା ସହ ତା ନିକଟରୁ ୨.୫ କେଜି ଜବତ କରିଛି। ସେହିପରି ତମାଣ୍ଡୋ ପୁଲିସ ଚିରଗୋଲା ବସ୍ତିରେ ଚଢଉ କରି ଶେଖ ମାସୁମ ଏବଂ ଛୋଟୁ ମଣ୍ଡଳ ଘରେ ଚଢଉ କରି ୪୫ ଗ୍ରାମ ବ୍ରାଉନ୍ ସୁଗର ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି।

### ଘାରିଲା ଏନକାଉଣ୍ଟର୍ ଭୟ !

# ଆତ୍ମସମର୍ପଣ କଲା ଗ୍ୟାଙ୍ଗଷ୍ଟର୍ ସକିଲ

- ୬ ମାସ ହେବ କେନ୍ଦ୍ରାପଡ଼ାରେ ଲୁଚିଥିଲା
- ସହଯୋଗୀ କାଦିର୍ ଗିରଫ ପରେ ସ୍କାନର୍‌ରେ ଥିଲା



କଟକ,୨।୯ (ସମିସ): ପାର୍ବଣକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ଅପରାଧୀଙ୍କ ପ୍ରତି କଠୋର ହୋଇଥିବା ବେଳେ ଡି'ବ୍ରଦର୍ସ ଓ ସକିଲ୍ ଗ୍ୟାଙ୍ଗକୁ ଟାର୍ଗେଟ୍ କରିଥିଲା। ଗତ ୨ ଦିନ ଧରି ଛକାପଞ୍ଝା ପରେ ଗ୍ୟାଙ୍ଗଷ୍ଟର୍ ସକିଲ ଆଜି ଆତ୍ମସମର୍ପଣ କରିଛି। ଆଜି ମଧ୍ୟାହ୍ନରେ ନିଜର ଆଇନଜୀବୀଙ୍କ ସହ ସକିଲ କଟକ ଜେଏମଏଫସି କୋର୍ଟରେ ହାଜର ହୋଇଥିଲା। ସେଠାରୁ ତାକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ଜଣେ ବ୍ୟବସାୟୀଙ୍କ ମୁଣ୍ଡ ଜାମିନ ରଖି ଟଙ୍କା ମାଗିବା ଅଭିଯୋଗରେ ମଙ୍ଗଳାବାଗ ପୁଲିସ ସକିଲକୁ ୨ ଦିନ ହେବ ଖୋଜୁଥିଲା। ଗତକାଲି ତା'ର ପ୍ରମୁଖ ସହଯୋଗୀ କାଦିରକୁ ଗିରଫ କରିବା ପରେ ପୁଲିସ ଅଧିକ କ୍ରିୟାଶୀଳ ହୋଇଥିଲା। ସକିଲ କେନ୍ଦ୍ରାପଡ଼ାରେ ଦୀର୍ଘ ୬ ମାସ ହେବ ଲୁଚିଥିବା ଏକ ବିଶେଷସୂତ୍ରରୁ ପୁଲିସ ଖବର ପାଇ ସେଠାରେ ୨ ଦିନ ହେବ ଚଢ଼ଉ ଜାରି ରଖିଥିଲା। ଏନକାଉଣ୍ଟର୍ ଭୟରେ ସକିଲ୍ କୌଣସି ଉପାୟ ନପାଇ ଆଜି ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି।

ପୁଲିସ ସୂଚନାନୁସାରେ, ଦରଘାବଜାର ବାଉଁଶଗଳି ଅଞ୍ଚଳର ସେକ ତୌସିଫର୍ ଏକ ପିକଅପ ଭ୍ୟାନକୁ କେଶରପୁରର ଗ୍ୟାଙ୍ଗଷ୍ଟର୍ ସକିଲ ଭଡ଼ା ସୂତ୍ରରେ ଆଣିଥିଲା। ଟ୍ରିପ ପିଛା ଦର ଛିଡ଼ିଥିବା ବେଳେ ସକିଲ ଭଡ଼ା ଟଙ୍କା ତୌସିଫଙ୍କୁ ଦେଉନଥିଲା। ଗତ ୨୯ ତାରିଖରେ ସକିଲ ଫୋନ କରି ତୌସିଫଙ୍କୁ ଘରକୁ ଡାକିଥିଲା। ସେ ଆସିବା ପରେ ତାଙ୍କୁ ଏକ ଲୁହା କାରଖାନା ଭିତରେ ଭର୍ତ୍ତି କରି ସକିଲ୍, କାଦିର ଓ ତା'ର ୩ ସହଯୋଗୀ ମାଡ଼ ମାରିଥିଲେ। ପରଦିନ ତୌସିଫର ଭାଇକୁ ଫୋନ କରି ସକିଲ ଧମକ ଦେଇଥିଲା। ଏନେଇ ତୌସିଫ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ ସକିଲ, କାଦିର ସହିତ ଅନ୍ୟ ୩ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା।

ଗତକାଲି ପୁଲିସ ମସ୍ତାନଦରଘା ଅଞ୍ଚଳର କାଦିରକୁ ଗିରଫ କରିଥିଲା। ହେଲେ ସକିଲ ଓ ତାର ଅନ୍ୟ ୩ ସହଯୋଗୀ ଫେରାର ହୋଇଯାଇଥିଲେ। ଗତକାଲି ଥାନାଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ କେଶରପୁରସ୍ଥିତ ସକିଲର ଘରେ ଅତର୍କିତ ଚଢ଼ଉ କରିଥିଲେ। ମାତ୍ର ଘଟଣା ପରଠୁ ସକିଲ କେନ୍ଦ୍ରପଡ଼ାକୁ ପଳାଇଥିଲା। ପୁଲିସ ସକିଲର କାର୍ଯ୍ୟକଳାପ ସମ୍ପର୍କରେ ତା'ର ପତ୍ନୀ ଓ ପରିବାର ଲୋକଙ୍କୁ ପଚରାଉଚରା କରିଥିଲା। ଏହାସହ ତୁରନ୍ତ ଥାନାରେ ହାଜର ହେବା ପାଇଁ ତାଗିଦ କରି ଫେରିଥିଲା। ଏହି ଘଟଣା ପରେ ସକିଲର ମନରେ ଏନକାଉଣ୍ଟର୍ ଭୟ ଘାରିଥିଲା। ୨ ବର୍ଷ ତଳେ ଏକ ଅପରାଧିକ ମାମଲାରେ ସକିଲକୁ ସଦର ଥାନା ପୁଲିସ ଗିରଫ କରି ଜେଲ ପଠାଇଥିଲା। ପ୍ରାୟ ୮ ମାସ ତଳେ ସକିଲ ଜେଲରୁ ସର୍ତ୍ତମୂଳକ ଜାମିନରେ ଆସିଥିଲା। ଏହାପରେ ବି ସେ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ରହିଥିଲା।

ଗତ ମାସରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଡି-ବ୍ରଦର୍ସଙ୍କ ସହଯୋଗୀ ଲିଟୁଆ, ପିଣ୍ଟା, ଚନ୍ଦନ ଓ ଅନ୍ୟମାନେ ଜାମିନରେ ଆସିଥିଲେ। ସହରରେ ପତିଆରା ଜାହିର ପାଇଁ ସକିଲ ଡି-ବ୍ରଦର୍ସ ଏହି ସହଯୋଗୀଙ୍କ ସହ ହାତ ମିଶାଇବା ନେଇ ଚର୍ଚ୍ଚା ହୋଇଥିଲା। ଏହା ମଧ୍ୟରେ ବାଉଁଶଗଳିର ତୌସିଫଙ୍କୁ ମୁଣ୍ଡ ଜାମିନ ରଖି ଟଙ୍କା ମାଗିବା ଘଟଣା ସାମ୍ନାକୁ ଆସିଥିଲା। ଏଭଳି ସ୍ଥିତିରେ ପୁଲିସ ତା' ପ୍ରତି କଠୋର୍ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ସକିଲ ଆଶଙ୍କା କରିଥିଲା। ପାର୍ବଣ ସମୟ ଥିବାରୁ ପୁଲିସ ଯେକୌଣସି ମୁହୂର୍ତ୍ତରେ ଏନକାଉଣ୍ଟର୍ କରିପାରେ ବୋଲି ସକିଲ ଜାଣି ସାରିଥିଲା। ତେଣୁ ରବିବାର ରାତାରାତି ସେ କଟକ ଛାଡ଼ି କେନ୍ଦ୍ରାପଡ଼ା ଫେରାର୍ ହୋଇଯାଇଥିଲା। ତା' ପରଦିନ ସକାଳେ ପୁଲିସ ତା' ଘରେ ଚଢ଼ଉ କରିବା ପରେ ସକିଲ ଆହୁରି ଭୟଭୀତ ହୋଇଯାଇଥିଲା। ଶେଷରେ ଅନ୍ୟ ଉପାୟ ନ ପାଇ ଆଜି ସକିଲ ଆତ୍ମସମର୍ପଣ କରିଛି। ଏବେ ବି ସକିଲର କିଛି ପୁରୁଣା ସହଯୋଗୀ ପୁଲିସ ସ୍କାନରରେ ଅଛନ୍ତି। ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

### ବାଣୀବିହାର ହଷ୍ଟେଲରେ ଅଣଛାତ୍ରଙ୍କ ରାଜୁତି

# ୱାର୍ଡେନ୍ ଓ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ତାଲା

ଭୁବନେଶ୍ୱର,୨।୯ (ସମିସ): ବାଣୀବିହାରରୁ କମୁନି ଅଣଛାତ୍ରଙ୍କ ଉତ୍ପାତ। ହଷ୍ଟେଲ୍ ଖାଲି କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଚିଠି ଓ ତାଗିଦକୁ ତିଳେ ମାତ୍ର ଖାତିର୍ କରୁନାହାନ୍ତି। ଜୋରଜବରଦସ୍ତ ହଷ୍ଟେଲ୍‌ରେ ରହୁଛନ୍ତି। ହଷ୍ଟେଲ୍ ନମ୍ବର ୧ ଓ ୨ରେ ପ୍ରାୟ ୫୩ଟି ରୁମ୍‌କୁ କବଜା କରି ରଖିଥିବା ବେଳେ ହଷ୍ଟେଲ୍-୩କୁ ସମ୍ପୂର୍ଣ୍ଣ ଭାବେ ଅକ୍ତିଆର କରିନେଇଛନ୍ତି। ସେମାନଙ୍କ ଔଦ୍ଧତ୍ୟ ଏତେ ବଢ଼ିଯାଇଛି ଯେ ମଙ୍ଗଳବାର ହଷ୍ଟେଲ୍ ନମ୍ବର-୧ ବା ଗୋପବନ୍ଧୁ ଛାତ୍ରାବାସକୁ ଯାଞ୍ଚ କରିବା ପାଇଁ ଯାଇଥିବା ହଷ୍ଟେଲ୍ ୱାର୍ଡେନ୍ ଓ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ତାଲା ପକାଇ ଦେଇଛନ୍ତି। ଫଳରେ ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି।



ସୋମବାର ଗୋପବନ୍ଧୁ ଛାତ୍ରାବାସ ସମେତ ମଧୁସୂଦନ ଓ ଫକୀରମୋହନ ଛାତ୍ରାବାସରେ ବେଆଇନ ଭାବେ ରହୁଥିବା ଅଣଛାତ୍ରଙ୍କୁ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଆସନ୍ତା ୪ ତାରିଖ ପୂର୍ବରୁ ଖାଲି କରିବାକୁ କୁହାଯିବା ସହ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଆଜି ହଷ୍ଟେଲ ୱାର୍ଡେନ୍ ଶିବଶଙ୍କର ମହାନ୍ତି ଓ ସୁପରିନଟେଣ୍ଡେଣ୍ଟ ମନୋରଞ୍ଜନ ମଲ୍ଲିକ ଯାଞ୍ଚ ପାଇଁ ଗୋପବନ୍ଧୁ ଛାତ୍ରାବାସକୁ ଯିବା ସମୟରେ କିଛି ଅଣଛାତ୍ର ଫାଟକରେ ଭିତର ପଟୁ ତାଲା ପକାଇ ଦେଇଥିଲେ। ଅଣଛାତ୍ରଙ୍କ କବ୍‌ଜାରେ ଥିବା ରୁମ୍‌ର ସ୍ଥିତି ଯେପରି କର୍ତ୍ତୃପକ୍ଷ ଯାଞ୍ଚ କରି ନ ପାରିବେ, ସେଥିପାଇଁ ବଳ ପ୍ରୟୋଗ କରିଛନ୍ତି। ପଥର ଓ ଢେ଼ଲାମାଡ଼ ମଧ କରିଥିବା ଅଭିଯୋଗ ହୋଇଛି। ଫଳରେ ହଷ୍ଟେଲ୍‌ରେ ରହୁଥିବା ଛାତ୍ରମାନେ ଭିତରକୁ ପ୍ରବେଶ କରିପାରିନାହାନ୍ତି। ଭିତରେ ଥିବା ଛାତ୍ରମାନେ ଭୟଭୀତ ହୋଇପଡ଼ିଛନ୍ତି। ଉତ୍ତେଜନା ବଢ଼ିବା ପରେ ଘଟଣାସ୍ଥଳରେ ସହିଦନଗର ଥାନା ପୁଲିସ୍ ପହଞ୍ଚିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଛି।

- ଅଣଛାତ୍ରଙ୍କ କବ୍‌ଜାରେ ହଷ୍ଟେଲ୍ ୧ ଓ ୨ର ୫୩ ରୁମ୍
- ଫକୀରମୋହନ ଛାତ୍ରାବାସକୁ କରିଛନ୍ତି ବେଆଇନ ଅକ୍ତିଆର
- ସ୍ଥାୟୀ ସମାଧାନ କରିବାରେ କର୍ତ୍ତୃପକ୍ଷ ବିଫଳ

ବେଆଇନ ଭାବେ ଦଖଲ କରିଥିବା ହଷ୍ଟେଲ ଖାଲି କରିବାକୁ ଗତକାଲି ନୋଟିସ୍ ଜାରି କରିବା ପରେ ଆଜି ଅଣଛାତ୍ରଙ୍କ କବଜାରେ ଥିବା ରୁମ୍‌ର ତାଲିକା ଜାରି କରାଯାଇଛି। ଗୋପବନ୍ଧୁ ଛାତ୍ରାବାସର ୨୩ଟି ରୁମ୍ ସମେତ ମଧୁସୂଦନ ଛାତ୍ରାବାସର ୩୦ଟି ରୁମ୍ ଅଣଛାତ୍ର ଦଖଲ କରିଛନ୍ତି। ସେହି ସମସ୍ତ ରୁମ୍ ନମ୍ବର ଜାରି କରାଯାଇଛି। ଏହାସହ ଫକୀରମୋହନ ଛାତ୍ରାବାସର ସମସ୍ତ ରୁମ୍ ଦଖଲ କରି ନେଇଥିବା କର୍ତ୍ତୃପକ୍ଷ ଦର୍ଶାଇଛନ୍ତି। ବାରମ୍ବାର ହଷ୍ଟେଲ୍ ଖାଲି କରିବାକୁ ନୋଟିସ୍ କରିବା ପରେ ମଧ ଅଣଛାତ୍ରଙ୍କୁ ଘଉଡ଼ାଇବାରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ବିଫଳ ହେଉଥିବାରୁ ଶିକ୍ଷାବିତ୍ ଓ ପୁରାତନ ଛାତ୍ରମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ପୁଲିସ୍ ସହାୟତାରେ ସମସ୍ତଙ୍କୁ ଚିହ୍ନଟ କରି ହଷ୍ଟେଲ୍‌ରୁ ବାହାର କରିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଗଲେ ଆଗକୁ ଅଣଛାତ୍ର ସମସ୍ୟା ଶୈକ୍ଷିକ ବାତାବରଣକୁ କଳୁଷିତ କରିବ ନାହିଁ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

### ■ ରକ୍ତଭଣ୍ଡାରରେ ଏନଏଟି-ପିସିଆର ପରୀକ୍ଷା ସୁବିଧା ନଥିବା ପ୍ରସଙ୍ଗ

# ସତ୍ୟପାଠ ଦାଖଲ ପାଇଁ ସରକାର ଦୁଇ ସପ୍ତାହ ସମୟ ନେଲେ

କଟକ, ୨।୯ (ସମିସ): ରାଜ୍ୟର ୪୫ଟି ରକ୍ତଭଣ୍ଡାରରେ ୨୦୨୫ ମାର୍ଚ୍ଚ ସୁଦ୍ଧା ରକ୍ତର ନ୍ୟୁକ୍ଲିକ୍ ଏସିଡ୍ ଟେଷ୍ଟ (ଏନ୍‌ଏଟି-ପିସିଆର) ପରୀକ୍ଷା ସୁବିଧା ଉପଲବ୍ଧ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ଅନୁପାଳନ ହୋଇପାରିନାହିଁ। ଏହି ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଥିବା ବେଳେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିବାକୁ ଆଉ ଦୁଇ ସପ୍ତାହ ସମୟ ଲୋଡ଼ିଛନ୍ତି। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ଆସନ୍ତା ସେପ୍ଟେମ୍ବର ୧୬କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମସ୍ତ ରକ୍ତଭଣ୍ଡାରରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବା ପାଇଁ ଆଉ ୯ମାସ ସମୟ ଲାଗିବ ବୋଲି ପୂର୍ବରୁ ଏହି ମାମଲାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ଦର୍ଶାଯାଇଥିଲା। ୪୫ଟି ରକ୍ତଭଣ୍ଡାରରେ ଏନଏଟି ପରୀକ୍ଷା ପାଇଁ ଗତ ଏପ୍ରିଲ୨୮ରେ ଇ-ଟେଣ୍ଡର କରାଯାଇଛି ବୋଲି କୁହାଯାଇଥିଲା। ତେବେ ଇ-ଟେଣ୍ଡରରେ ଏନଏଟି-ପିସିଆର ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନଥିବା ନେଇ ଆବେଦନକାରୀ ଅଭିଯୋଗ କରିବା ସହ ୯ମାସ ବଦଳରେ ଆଉ କମ ସମୟ ରଖାଯାଉ ବୋଲି ଦର୍ଶାଇଥିଲେ। ଏହା ଉପରେ ସରକାର ସରକାର ଜବାବ ଦାଖଲ କରିପାରିନାହାନ୍ତି। ପ୍ରକାଶଥାଉକି, ରକ୍ତର ଉପରୋକ୍ତ ପରୀକ୍ଷା ସୁବିଧା ନ ଥିବାରୁ ଏଚ୍‌ଆଇଭି ଭଳି ରୋଗ ସହଜରେ ରକ୍ତ ନମୁନାରୁ ଚିହ୍ନଟ ହୋଇପାରୁନଥିବା ଅଭିଯୋଗ ହୋଇଥିଲା।

### ■ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

# ଜାମିନ ପାଇଁ ହାଇକୋର୍ଟରେ ଅଭିଯୁକ୍ତ

କଟକ,୨।୯ (ସମିସ): ବହୁଚର୍ଚ୍ଚିତ ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ ଗିରଫ ହୋଇଥିବା ସହକାରୀ ପ୍ରଫେସର ସମୀର କୁମାର ସାହୁ (୩୬) ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବାଲେଶ୍ୱର ଦୌରାଜଜ୍ ଅଦାଲତରେ ତାଙ୍କର ଜାମିନ ଖାରଜ ହୋଇଯାଇଥିଲା। ପରେ ଶ୍ରୀ ସାହୁ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ସମ୍ବେଦନଶୀଳ ଘଟଣାରେ ଗତ ଜୁଲାଇ ୧୨ ତାରିଖ ଦିନ ଶ୍ରୀ ସାହୁଙ୍କୁ ସହଦେବଖୁଣ୍ଟା ଥାନା ପୁଲିସ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପରବର୍ତ୍ତୀ ସମୟରେ ଏହାର ତଦନ୍ତ କରିଥିଲା। କ୍ରାଇମବ୍ରାଞ୍ଚ ଶ୍ରୀ ସାହୁଙ୍କୁ ରିମାଣ୍ଡରେ ନେଇ ପଚରାଉଚୁରା ମଧ କରିଥିଲା। କଲେଜର ତତ୍କାଳୀନ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ, ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ ମଧ ଏହି ଘଟଣାରେ ଗିରଫ ହୋଇଥିଲେ।

# ଏନ୍‌ସିଇଆର୍‌ଟି ଭାରତର ଶିକ୍ଷା କ୍ଷେତ୍ରର ମଜଭୁତ ସ୍ତମ୍ଭ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨।୯ (ସମିସ): ଏନ୍‌ସିଇଆର୍‌ଟି ଦେଶର ଶିକ୍ଷାଗତ ଦୃଶ୍ୟପଟ୍ଟର ଏକ ମଜଭୁତ ସ୍ତମ୍ଭ। ପ୍ରତିବଦ୍ଧତା ଏବଂ ସମର୍ପଣ ସହ ଲମ୍ବା ସମୟ ଧରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିବାରେ ଏନ୍‌ସିଇଆରଟିର ବଡ଼ ଯୋଗଦାନ ରହିଛି। ସୋମବାର ନୂଆଦିଲ୍ଲୀଠାରେ ଏନ୍‌ସିଇଆରଟିର ୬୫ତମ ପ୍ରତିଷ୍ଠା ଦିବସରେ ଯୋଗଦେବା ଅବସରରେ ଉଦ୍‌ବୋଧନ ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ 'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପଗୁଡ଼ିକର ଉଦ୍‌ଘାଟନ ଏବଂ ଶୁଭାରମ୍ଭ କରିଥିଲେ। ଆଧୁନିକ ଓଡ଼ିଶାର ବିକାଶ ପାଇଁ ଅବଦାନ ଦେଇଥିବା ଏବଂ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ୧୦୦ଜଣ ମହାନ ବ୍ୟକ୍ତିତ୍ୱଙ୍କ ଜୀବନ ଏବଂ ଅବଦାନ ସମ୍ବଳିତ ଏକ ପୁସ୍ତକ 'ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ' ଉନ୍ମୋଚନ କରିଥିଲେ ଶ୍ରୀ ପ୍ରଧାନ।

**'ଦୀକ୍ଷା ୨.୦' ସମେତ ବିଭିନ୍ନ ଶିକ୍ଷାଗତ ପଦକ୍ଷେପ ଗୁଡ଼ିକର ଉଦ୍‌ଘାଟନ ଏବଂ ଶୁଭାରମ୍ଭ କଲେ**

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ୬୪ ବର୍ଷ ମଧ୍ୟରେ ରାଷ୍ଟ୍ର ଗଠନରେ ଏନସିଇଆରଟିର ଅବଦାନ ଉପରେ ଆଲୋକପାତ କରିଥିଲେ। ଗତ ୩ ବର୍ଷ ମଧ୍ୟରେ ଏନ୍‌ସିଇଆରଟିଦ୍ୱାରାବିକଶିତନୂତନପାଠ୍ୟକ୍ରମ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ପାଠ୍ୟପୁସ୍ତକ ଏବଂ ଅନ୍ୟାନ୍ୟ ଶିକ୍ଷାଦାନ ସାମଗ୍ରୀ, ବିଶେଷତଃ ଯାଦୁଇ ପିଟାରାର ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ। ଏନସିଇଆରଟିକୁ ଭାରତୀୟ ଭାଷାରେ ଶିକ୍ଷା, ଗୁଣାତ୍ମକ ଡିଜିଟାଲ୍ ବିଷୟବସ୍ତୁର ବିକାଶ, ବିଜ୍ଞାନ ଏବଂ ଗଣିତରେ ଶିକ୍ଷା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଏନ୍‌ସିଇଆରଟିକୁ ଏକ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦ୍ୱାରା ଦେଶର ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଲାଭବାନ ହେବ ଏବଂ ଶିକ୍ଷାଗତ ଗବେଷଣାରେ ଏନ୍‌ସିଇଆରଟିକୁ ବିଶ୍ୱସ୍ତରୀୟ ଲିଡର୍ ହେବାରେ ସାହାଯ୍ୟ କରିବ।

# ଲୋକସେବା ଭବନକୁ ଦଳୀୟ କାର୍ଯ୍ୟାଳୟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ: କଂଗ୍ରେସ

ଭୁବନେଶ୍ୱର,୨।୯ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦଳୀୟ କାର୍ଯ୍ୟ ପାଇଁ ଲୋକସେବା ଭବନକୁ ବ୍ୟବହାର କରି କଂଗ୍ରେସ ନେତୃବୃନ୍ଦଙ୍କ ବିରୋଧରେ ମିଥ୍ୟା ଆରୋପ କରିଛନ୍ତି। ଏହା ତାଙ୍କର ମାନସିକ ଓ ବୌଦ୍ଧିକ ବାଚାଳାମି। ଜଣେ ଦାୟିତ୍ୱବାନ ମନ୍ତ୍ରୀ ହିସାବରେ ତାଙ୍କର ଉଚ୍ଚାରଣ ହାସ୍ୟାସ୍ପଦ ବୋଲି ପ୍ରଦେଶ କଂଗ୍ରେସ କମିଟି ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ନା ରାହୁଲ ଗାନ୍ଧୀ କୌଣସି ଅପଶବ୍ଦ ପ୍ରୟୋଗ କରିଛନ୍ତି ନା କଂଗ୍ରେସର କୌଣସି କାର୍ଯ୍ୟକର୍ତ୍ତା ଅସମ୍ମାନିତ କରିଛନ୍ତି। ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ପର୍କରେ ବିବୃତି ଦେଇଥିବା ସଂପୃକ୍ତ ବ୍ୟକ୍ତି କେନ୍ଦ୍ରମନ୍ତ୍ରୀ ଶିବରାଜସିଂହ ଚୌହାନ ଓ ଅନ୍ୟ ବିଜେପି ନେତାମାନଙ୍କ ସହ ପୂର୍ବରୁ ବିଜେପି କାର୍ଯ୍ୟକ୍ରମରେ ଥିବା ଫଟୋ ଦେଶବାସୀ ଦେଖିସାରିଛନ୍ତି। ବିଜେପି ନେତାମାନେ ସୋନିଆ ଗାନ୍ଧୀଙ୍କୁ ବାର ଡ୍ୟାନ୍ସର ଓ ଜର୍ସି ଗାଈ ଆଦି କହି ଆସିଛନ୍ତି। ସେତେବେଳେ ଶ୍ରୀମତୀ ପରିଡ଼ା ଚୁପ କାହିଁକି ଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ପଞ୍ଚମ ଶ୍ରେଣୀ ବୃତ୍ତି ଓ ଏନ୍‌ଆର୍‌ଟିଏସ୍ ପରୀକ୍ଷା ପାଇଁ ବିଜ୍ଞପ୍ତି

କଟକ,୨।୯ (ସମିସ): ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଓ ଜାତୀୟ ଗ୍ରାମାଞ୍ଚଳ ମେଧା ବୃତି(ଏନଆରଟିଏସ) ପରୀକ୍ଷା ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପୃଥକ ପୃଥକ ବିଜ୍ଞପ୍ତି ଆଜି ଜାରି କରାଯାଇଛି। ୨୦୨୫ ମସିହା ପଞ୍ଚମ ଶ୍ରେଣୀ ବୃତି ପରୀକ୍ଷା .ଆସନ୍ତା ୨୦୨୫ ସେପ୍ଟେମ୍ବର୨୨ ତାରିଖ (ସୋମବାର) ଦିନ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମସ୍ତ ମଣ୍ଡଳ ଶିକ୍ଷାଧିକାରୀମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ୧୯.୦୯.୨୦୨୫ରିଖ ଠାରୁ ପ୍ରଶ୍ନପତ୍ର ସଂଗ୍ରହ କରି ସମ୍ପୃକ୍ତ ପରୀକ୍ଷା ପରିଚାଳକଙ୍କୁ ହସ୍ତାନ୍ତର କରିବେ। ଏଥିସହ ଯେପରି ପ୍ରଶ୍ନପତ୍ର କଡା ସୁରକ୍ଷା ମଧ୍ୟରେ ରହିବ, ସେଥିପାଇଁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁରୂପ ଭାବେ ଆସନ୍ତା ସେପ୍ଟେମ୍ବର ୧୦ରେ ଅନୁଷ୍ଠିତ ହେବାକୁ ଥିବା ଏନଆରଟିଏସ ପରୀକ୍ଷା-୨୦୨୫କୁ ଘୁଞ୍ଚାଯାଇ ସେପ୍ଟେମ୍ବର ୧୯ ତାରିଖ (ଶୁକ୍ରବାର) କରିବା ପାଇଁ ଧାର୍ଯ୍ୟ ହୋଇଛି। ଏହି ପରୀକ୍ଷା ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଡମିଟ୍ କାର୍ଡ ଗୁଡ଼ିକ ଆସନ୍ତା ୧୦ ତାରିଖଠାରୁ ବୋର୍ଡ ୱେବସାଇଟ୍ www.bseodisha.ac.inରୁ ଡାଉନଲୋଡ୍‌କରିବାପାଇଁଉପଲବ୍ଧହେବବୋଲିକୁହାଯାଇଛି।

# ବଢ଼ିଲା ସ୍ୱତନ୍ତ୍ର ଟ୍ରେନ୍ ଅବଧି

ଭୁବନେଶ୍ୱର, ୨।୯ (ସମିସ): ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣୀ ଓ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହାଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ଯାତ୍ରା ସୁବିଧା ସୁନିଶ୍ଚିତ ହେବ। ସେହି ଟ୍ରେନ୍‌ଗୁଡ଼ିକ ହେଲା, ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ୍ ଭଞ୍ଜପୁରରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଯାଇଛି। ଟ୍ରେନ ନମ୍ବର ଶାଳିମାର-ପୁରୀ-ଶାଳିମାର ସ୍ୱତନ୍ତ୍ର ଟ୍ରେନ୍ ଶାଳିମାରରୁ ୧୪ ପର୍ଯ୍ୟନ୍ତ ବଢ଼ାଯାଇଛି। ପୁରୀରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବା ସହ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଶ୍ରୀମନ୍ଦିର ଉପରେ ବସିଲା ଚିଲ

ପୁରୀ,୨।୯ (ସମିସ): ମଙ୍ଗଳବାର ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ଏକ ଚିଲ ବସିଥିବା ଦେଖିବାକୁ ମିଳିଥିଲା। ବାନା ଉପରେ ଚିଲ ବସିବାକୁ ନେଇ ଅନେକ କଳ୍ପନାଜଳ୍ପନା ଶୁଣିବାକୁ ମିଳିଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନରେ ଏକ ଚିଲ ଶ୍ରୀମନ୍ଦିର ଉପରେ ଉଡୁଥିଲା। କିଛି ସମୟ ବୁଲିବା ପରେ ଚିଲଟି ପତିତପାବନ ବାନା ଉପରେ ବସିଥିଲା। ପ୍ରାୟ ୫ ମିନିଟ୍ ଧରି ବସିବା ପରେ ଉଡ଼ିଯାଇଥିଲା। ଶ୍ରୀମନ୍ଦିର ସେବାୟତ ଓ ଭକ୍ତ ଏହାକୁ ଦେଖି ଚକିତ ହୋଇପଡ଼ିଥିଲେ। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କିଛି ସେବାୟତ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟ ଅଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେବାୟତମାନେ କହିଛନ୍ତି। ପ୍ରକାଶ ଥାଉକି, ଗତ ଏପ୍ରିଲ ମାସରେ ଶ୍ରୀମନ୍ଦିରରେ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଚିଲ ପତିତପାବନ ବାନା ନେଇ ଉଡୁଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ଦେଖି ଭକ୍ତମାନେ କିଛି ସମୟ ପାଇଁ ଚିଲଟିକୁ ଚାହିଁ ରହିଥିଲେ।

### ଶିକ୍ଷାନୁଷ୍ଠାନରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ

# ଅକ୍ଟୋବର ୧୧ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦିଅ: ଓଏଚ୍‌ଆରସି

ଭୁବନେଶ୍ୱର,୨।୯ (ସମିସ): କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ ଆଇନ ସମେତ ସୁପ୍ରିମକୋର୍ଟଙ୍କ ବିଶାଖା ମାମଲା ନିର୍ଦ୍ଦେଶାବଳୀ ଓ ଓଡ଼ିଶା ଉଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ସମେତ ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ କି' କି' ପଦକ୍ଷେପ ନିଆଯାଇଛି, ଅକ୍ଟୋବର ୧୧ସୁଦ୍ଧା ତା'ର ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ଓଡ଼ିଶା ମାନବିକ ଅଧିକାର କମିସନ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ସମେତ ଶିକ୍ଷା ଓ ଗଣଶିକ୍ଷା ବିଭାଗ, ଦକ୍ଷତା ବିକାଶ ବିଭାଗ ଆଦିକୁ ଏହି ନୋଟିସ୍ ପ୍ରଦାନ କରାଯାଇଛି। ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଆଦିରେ ଛାତ୍ରୀମାନଙ୍କ ଯୌନ ଉତ୍ପୀଡ଼ନ ନିବାରଣ ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ। ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ଏଭଳି ନିର୍ଯାତନାର ଶିକାର ଛାତ୍ରୀଙ୍କୁ ମାନସିକ ଭାବେ ପରାମର୍ଶ ଦେବା ପାଇଁ ପରାମର୍ଶଦାତା ବ୍ୟବସ୍ଥା ଆଦି ନ ଥିବାରୁ ବହୁ ଛାତ୍ରୀ ମାନସିକ ଭାବେ ପ୍ରତିକୂଳ ପରିସ୍ଥିରେ ପଡୁଛନ୍ତି ବୋଲି ସିଭିଲ ସୋସାଇଟି ଫର୍ ହ୍ୟୁମାନ୍ ରାଇଟ୍ସ ଅଧକ୍ଷ ବିଶ୍ୱପ୍ରିୟ କାନୁନଗୋ ରାଜ୍ୟ ମାନବିକ ଅଧିକାର କମିସନରେ ଗତ ଅଗଷ୍ଟ ୧୯ରେ ଅଭିଯୋଗ କରିଥିଲେ।

### କଂଗ୍ରେସର ସଂଗଠନ ସୃଜନ ଅଭିଯାନ

# ଜିଲ୍ଲାରେ ବୁଲୁଛନ୍ତି ଏଆଇସିସି ଓ ପିସିସି ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୨।୯ (ସମିସ): ଓଡ଼ିଶାର ସମସ୍ତ ୩୫ ଗୋଟି କଂଗ୍ରେସ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ ପ୍ରକ୍ରିୟାକୁ ଜୋରଦାର କରିଛି କଂଗ୍ରେସ। ଏହି କ୍ରମରେ ଦୁଇ ଦିନ ହେବ ୯ ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସି ନିଜ ନିଜ ସମ୍ପୃକ୍ତ ଜିଲ୍ଲା ଗୁଡିକୁ ଗସ୍ତ କରିଛନ୍ତି। ସେମାନଙ୍କ ସହ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ମଧ ଜିଲ୍ଲା ଗସ୍ତରେ ରହି ସଭାପତି ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

- ତୃତୀୟ ଦିନରେ ଓଡିଶାରେ ପହଞ୍ଚିଲେ ଆଉ ୭ ନେତା
- ଜିଲ୍ଲାରୁ ପଞ୍ଚାୟତ ପର୍ଯ୍ୟନ୍ତ କର୍ମୀଙ୍କଠାରୁ ନିଆଯାଉଛି ମତାମତ

ଉଭୟ ଏଆଇସିସି ଓ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରକୁ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନ ହେବ ଶତାଧିକ ଲୋକଙ୍କୁ ଭେଟୁଛନ୍ତି। କେଉଁ ଲୋକଙ୍କ ହାତରେ ଜିଲ୍ଲା କଂଗ୍ରେସ ଦାୟିତ୍ୱ ଦେଲେ, କଂଗ୍ରେସ ଦଳ ଆଗକୁ ବଢ଼ିବା ସହ ଜିଲ୍ଲାରେ ଦଳ ସ୍ଥିତି ମଜଭୁତ ହେବ, ସେ ସମ୍ପର୍କରେ ସାଧାରଣ କଂଗ୍ରେସ କର୍ମୀଙ୍କଠାରୁ ମତାମତ ନିଆଯାଉଛି। ଏହାସହ ସବୁବର୍ଗର ସମୀକରଣକୁ ଗୁରୁତ୍ୱ ଦିଆଯିବା ସହିତ ସଭାପତି ଦୌଡ଼ରେ ଥିବା ବ୍ୟକ୍ତି ବିଶେଷଙ୍କ ବିଷୟରେ ଟିକିନିଖି ଯାଞ୍ଚ ତର୍ଜମା କରାଯାଉଛି।




ମୟୂରଭଞ୍ଜ ଗସ୍ତରେ ଥିବା ପୂର୍ବତନ ପିସିସି ସଭାପତି ତଥା ପିସିସି ପର୍ଯ୍ୟବେକ୍ଷକ ଜୟଦେବ ଜେନା କହିଛନ୍ତି ଯେ ଏଆଇସିସି ପର୍ଯ୍ୟବେକ୍ଷକ ଅଖିଳେଶ ଶୁକ୍ଳାଙ୍କ ଉପସ୍ଥିତିରେ ମୟୂରଭଞ୍ଜରେ ସେମାନେ ସଂଗଠନ ସୃଜନ ଅଭିଯାନ ଆରମ୍ଭ କରିଛନ୍ତି। ଏଠାରେ ସମାନେ ମଙ୍ଗଳବାର ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭେଟିଛନ୍ତି। ତୃଣମୂଳସ୍ତରର କର୍ମୀଙ୍କଠାରୁ ସେମାନେ ଜିଲ୍ଲା ସ୍ଥିତି ଓ ସଂଗଠନ ସମ୍ପର୍କରେ ମତାମତ ନେବା ସହିତ ସଭାପତିଙ୍କ ସମ୍ପର୍କରେ ପଚାରି ବୁଝୁଛନ୍ତି। ସବୁ ଦିଗକୁ ଦୃଷ୍ଟିରେ ରଖି ଯିଏ କଂଗ୍ରେସ ସଂଗଠନକୁ ଆଗକୁ ନେଇ ପାରିବ, ସେଭଳି ବ୍ୟକ୍ତି ବିଶେଷଙ୍କ ତାଲିକା ପ୍ରସ୍ତୁତ କରାଯିବ ଓ ଏଆଇସିସିକୁ ପ୍ରଦାନ କରାଯିବ। ଏମିତିକି, ଚୟନ ହୋଇସାରିବା ପରେ ଜିଲ୍ଲା ସଭାପତିଙ୍କ କାର୍ଯ୍ୟ ଉପରେ ନଜର ରହିବା ସହତ ଏଆଇସିସି ୱାର୍ ରୁମ୍ ସବୁ ତଥ୍ୟ ରଖିବ। ଯେଉଁମାନଙ୍କର ପ୍ରଦର୍ଶନ ଖରାପ ରହିବ ଓ ସଠିକ୍ ଢଙ୍ଗରେ କାର୍ଯ୍ୟ କରି ନ ପାରିବେ, ଆବଶ୍ୟକ ପଡ଼ିଲେ ସେମାନଙ୍କୁ ବଦଳାଇ ଦିଆଯିବ ଏବଂ ତାଲିକାର ଅନ୍ୟ ବ୍ୟକ୍ତିଙ୍କୁ ସୁଯୋଗ ମିଳିବ। ଏହି ପ୍ରକ୍ରିୟାରେ କଂଗ୍ରେସ ଦକ୍ଷ ଲୋକଙ୍କୁ ସଭାପତି ଭାବେ ଚୟନ କରିବ ଓ କଂଗ୍ରେସର ସଂଗଠନ ଜିଲ୍ଲାସ୍ତରରେ ସଶକ୍ତ ହେବ ବୋଲି ଶ୍ରୀ ଜେନା କହିଛନ୍ତି।

ଅନ୍ୟପଟେ ୨ ଦିନ ମଧ୍ୟରେ ୯ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶା ପହଞ୍ଚି ବିଭିନ୍ନ ଜିଲ୍ଲା ଗସ୍ତ କରିଥିବା ବେଳେ ମଙ୍ଗଳବାର ଆଉ ସାତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭୁବନେଶ୍ୱର ଆସି ନିର୍ଦ୍ଧାରିତ ଜିଲ୍ଲାଗୁଡ଼ିକୁ ଗସ୍ତ କରିଛନ୍ତି। ପୂର୍ବ ଗଞ୍ଜାମ ପାଇଁ ପୂର୍ବତନ ମନ୍ତ୍ରୀ ରାମଲାଲ ଯାଟ, ପଶ୍ଚିମ ଗଞ୍ଜାମ ପାଇଁ ଏଆଇସିସିର ପୂର୍ବତନ ସମ୍ପାଦକ ସଚିନ ନାଏକ, ଜଗତସିଂହପୁର ପାଇଁ ଏମ ଲିଜୁ, ଝାରସୁଗୁଡା ପାଇଁ ଭାରତୀୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଶୋଭା ଓଜା, ପଶ୍ଚିମ ମୟୂରଭଞ୍ଜ ପାଇଁ ଏଆଇସିସିର ଯୁଗ୍ମ ସମ୍ପାଦକ ନୀତିନି କୁମ୍ବଲକର, ପୁରୀ ପାଇଁ ସାଂସଦ ଜିସି ଚନ୍ଦ୍ରଶେଖର ଓ ରାୟଗଡ଼ା ପାଇଁ ବିଧାୟକ ରିଜୱାନ ଆର୍ସଦ ପ୍ରମୁଖ ଏହି ଦାୟିତ୍ୱରେ ଅଛନ୍ତି। ପ୍ରତ୍ୟେକ ଜିଲ୍ଲାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ଏହି ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ପିସିସି ପକ୍ଷରୁ ୩ଜଣ ଲେଖାଏଁ ବରିଷ୍ଠ ଓ ଅଭିଜ୍ଞ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟବେକ୍ଷକମାନେ ଅନ୍ୟୂନ ସାତ ଦିନ ରହି ବହୁ କଂଗ୍ରେସ ନେତା ଏବଂ କର୍ମୀଙ୍କୁ ସାକ୍ଷାତ କରି ଜିଲ୍ଲା ସଭାପତି ପାଇଁ ଦକ୍ଷ ସଂଗଠକଙ୍କର ୬ ଜଣିଆ ତାଲିକା ପ୍ରସ୍ତୁତ କରି ଆସନ୍ତା ୧୪ ସେପ୍ଟେମ୍ବର ସୁଦ୍ଧା ଏଆଇସିସି ନିକଟରେ ଦାଖଲ କରିବେ ବୋଲି ନିଷ୍ପତ୍ତି ହୋଇଛି। ପ୍ରତି ଜିଲ୍ଲାର ଉକ୍ତ ୬ ଜଣିଆ ତାଲିକାରୁ ଏଆଇସିସି ଜଣଙ୍କୁ ଜିଲ୍ଲା ସଭାପତି ମନୋନୀତ କରିବେ ବୋଲି ଏଆଇସିସି ପକ୍ଷରୁ ଘୋଷଣା ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଭୁଲ୍ କରିବା ମଣିଷ ପ୍ରକୃତି; ଭୁଲ୍ ସ୍ୱୀକାର କରିବା ଉତ୍ତମ ସଂସ୍କୃତି; ଭୁଲ୍ ସୁଧାରିବା ହିଁ ହେଉଛି ପ୍ରଗତି ।
-ଗୌରଗୋପାଳ ଦାସ

## ଡ୍ରାଗନ୍‌କୁ ସାବଧାନ!

ସଦ୍ୟ ସମାପ୍ତ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତ ଉପରେ ଆମେରିକାର ଅଯୌକ୍ତିକ ଅତିରିକ୍ତ ଶୁଳ୍କ ଲାଗୁ ନିଷ୍ପତ୍ତିକୁ ଚୀନ୍ ନିନ୍ଦା କରିଛି । ସାମ୍ପ୍ରତିକ ପରିସ୍ଥିତିରେ ହାତୀ(ଭାରତ)-ଡ୍ରାଗନ୍(ଚୀନ୍) ହାତ ମିଳାଇବା ଜରୁରୀ ଏବଂ ସର୍ବାଦୌ ସଠିକ୍ ନିଷ୍ପତ୍ତି ବୋଲି ମଧ୍ୟ ଚୀନ୍ ଘୋଷଣା କରିଛି । ଗୋଟିଏ ମଞ୍ଚରେ ଭାରତ, ଚୀନ୍, ରୁଷ୍ ଏକତ୍ର ହେବା ଏବଂ ଭାରତ ସପକ୍ଷରେ ଯାଇ ଆମେରିକାକୁ ଚୀନ୍ ନିନ୍ଦା କରିବା ଭାରତ ପାଇଁ ଯେତିକି ଆଶ୍ୱସ୍ତିକର ଆମେରିକା ପାଇଁ ସେତିକି ଅବାଞ୍ଛିତ । ତେଣୁ ଏବେ ପୁଣି ଆମେରିକା ଭାରତ ପ୍ରତି କୋହଳ ହେବ ବୋଲି ସାମାନ୍ୟ ସଙ୍କେତ ମିଳିଛି । ସାମ୍ପ୍ରତିକ ଅସ୍ଥିର-ବାଣିଜ୍ୟ ପୃଷ୍ଠଭୂମିରେ ଏସିଆର ଦୁଇ ମହାଶକ୍ତି ପୂର୍ବ ତିକ୍ତତା ଭୁଲ୍ ଏକାଠି ହେଲେ ବିଶ୍ୱ ଭୂରାଜନୈତିକ-କୂଟନୈତିକ-ଅର୍ଥନୈତିକ ସମୀକରଣ ବଳଦିଯିବ । କିନ୍ତୁ ସ୍ୱଭାବ, ଆଚରଣ ଓ ଉଦାହରଣ ଆଧାରରେ ଚୀନ୍‌ର କୋମଳ କଥା ଓ ସମବେଦନାରେ ଭାରତ ଏତେ ଶୀଘ୍ର ଭଳି ଯିବା ଉଚିତ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଯେଉଁ ମତ ଦେଇଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ ।

ସବୁବେଳେ ନ୍ୟସ୍ତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଆମେରିକା ଏବେ ପାକିସ୍ତାନକୁ କୋଳେଇ ନେଇ ଭାରତ ଉପରେ ଶୁଳ୍କ ଦାଉ ସାଧିଛି । ଏହାଦ୍ୱାରା ଭାରତର ରପ୍ତାନି ଶିଳ୍ପ ପ୍ରଭୂତ କ୍ଷତି ସହିବାକୁ ଯାଉଛି । ଏହି ପୃଷ୍ଠଭୂମିରେ ଭାରତର ଚୀନ୍ ସହିତ ବନ୍ଧୁତ୍ୱ ଓ ବାଣିଜ୍ୟ ସହଯୋଗ ଲୋଡ଼ିବାରେ କିଛି ଅସ୍ୱାଭାବିକତା ନାହିଁ । ଏଥିରେ ଉଭୟ ଦେଶର ଲାଭ ନିହିତ । କିନ୍ତୁ ପରିସ୍ଥିତିରୁ ଫାଇଦା ଉଠାଇବାରେ ଚୀନ୍ ଅଭ୍ୟସ୍ତ ଥିବାରୁ ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ଭାରତର ବଜାରକୁ କବ୍‌ଜା କରିବା ବଶମ୍ବଦ କରି ରଖିବା ବିଚିତ୍ର ନୁହେଁ । ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ ହେଉ କିମ୍ବା ପୁନରୁଦ୍ଧାର ପାଇଁ ବିଶ୍ୱାସ ହିଁ ମୂଳାଧାର । କିନ୍ତୁ ଡ୍ରାଗନ୍ ପାଖରେ ବିଶ୍ୱାସ ଶବ୍ଦର କୌଣସି ମୂଲ୍ୟ ନାହିଁ । ୧୯୫୦ ଦଶକରେ ଚୀନ୍‌କୁ ଭାରତ ବନ୍ଧୁତ୍ୱର ହାତ ବଢ଼ାଇଥିଲା, ଯାହାର ପ୍ରତ୍ୟୁତ୍ତର ୧୯୬୨ରେ ଚୀନ୍ ଯୁଦ୍ଧ ଜରିଆରେ ଦେଇଥିଲା । ୧୯୮୦ରେ ସମ୍ପର୍କର ପୁନଃସ୍ଥାପନ ପାଇଁ ଭାରତ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ଚୀନ୍ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ୨୦୧୩, ୨୦୧୪, ୨୦୧୭, ୨୦୨୦ରେ ସୀମାନ୍ତରେ ଡ୍ରାଗନ୍‌ର ସାମରିକ ଫୁତ୍କାର ଶୁଣିବାକୁ ମିଳିଥିଲା । ଆମେରିକା ନେତୃତ୍ୱାଧୀନ 'କ୍ୱାଡ୍'ରେ ଭାରତର ସଦସ୍ୟତାକୁ ଚୀନ୍ ଏତେଶୀଘ୍ର ଭୁଲିଯାଇ ନ ଥିବ । ଏହାଛଡ଼ା ଚୀନ୍‌ର ବିଆରଓ ପ୍ରକଳ୍ପକୁ ଭାରତ ବିରୋଧ କରି ଆସୁଥିବାରୁ ଏହି ମୌକାକୁ ଯେ ଚୀନ୍ ଅପେକ୍ଷା କରୁ ନ ଥିବ ତାହା କିଏ କହିବ?

ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ(ରପ୍ତାନି ତୁଳନାରେ ଆମଦାନୀ ଅଧିକ) ୧୦,୦୦୦ କୋଟି ଡଲାର । ତେଣୁ ଏହି ମୌକାରେ ଭାରତୀୟ ବଜାରକୁ କବ୍‌ଜା କରିବାର ସୁବର୍ଣ୍ଣ ସୁଯୋଗକୁ ଡ୍ରାଗନ୍ ସ୍ୱପ୍ନ ଦେଖୁଥାଇପାରେ । ଏସ୍‌ସିଓ ବୈଠକର ବାର୍ତ୍ତା ଉପରକୁ ସକାରାତ୍ମକ ଜଣାପଡୁଥିଲେ ହେଁ ଅବିଶ୍ୱାସୀ ପଡ଼ୋଶୀ ଡ୍ରାଗନ୍‌କୁ ସହଜରେ ବିଶ୍ୱାସ କରି ବଜାର ଖୋଲିଦେବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହା ବିଜ୍ଞ ଭାରତୀୟ କୂଟନୀତିଜ୍ଞ ଓ ନୀତି ନିର୍ଦ୍ଧାରକଙ୍କୁ କହିବା ଆବଶ୍ୟକ ନୁହେଁ ।

## ଶିକ୍ଷକଙ୍କ ଯୋଗ୍ୟତା

ଶିକ୍ଷାଦାନର ଗୁଣବତ୍ତା ବିନା ଶିକ୍ଷାର ମୂଳ ଓ ମହତ୍ ଲକ୍ଷ୍ୟ ସାଧିତ ହେବ ନାହିଁ କି ଶିକ୍ଷା ଆହରଣ ସଫଳ ହେବ ନାହିଁ । ପୁଣି ଯଦି ଶିକ୍ଷକର ଆବଶ୍ୟକ ଦକ୍ଷତା କିମ୍ବା ଯୋଗ୍ୟତା ନଥିବ ସେ ଶିକ୍ଷାର୍ଥୀର ମୂଲ୍ୟାୟନ କରିବ କିପରି? ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହୃଦୟଙ୍ଗମ କରି ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ) ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅଧୀନରେ ୨୦୧୧ ମସିହାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ପାଇଁ 'ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)' ବାଧ୍ୟତାମୂଳକ କରିଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏକାଧିକ ପ୍ରଚେଷ୍ଟା ସତ୍ତ୍ୱେ ଅନେକ ଶିକ୍ଷକ ଟିଇଟିରେ ଉତ୍ତୀର୍ଣ୍ଣ ହୋଇପାରୁନାହାନ୍ତି, ଅଥଚ ସମାନ ବେତନ ଦାବି କରି ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି । ଏହାଦ୍ୱାରା ଶିକ୍ଷକର ଗରିମା ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ରାୟରେ କହିଛନ୍ତି ଯେ ଟିଇଟିରେ ଉତ୍ତୀର୍ଣ୍ଣ ନ ହେଲେ ଶିକ୍ଷକମାନଙ୍କୁ ପଦୋନ୍ନତି ମିଳିବ ନାହିଁ । ଟିଇଟି ବିନା ନବନିଯୁକ୍ତି ମଧ୍ୟ ହୋଇପାରିବ ନାହିଁ । ଏପରିକି ୨୦୦୯ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଟିଇଟିରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ ଅନୁଯାୟୀ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚବର୍ଷରୁ ଅଧିକ ଅଛି ସେମାନେ ଯଦି ଦୁଇବର୍ଷ ଭିତରେ ଟିଇଟିରେ କୃତକାର୍ଯ୍ୟ ହୋଇପାରିବେ ନାହିଁ ତେବେ ସେମାନଙ୍କୁ ପଦୋନ୍ନତି ଦୂରେ ଥାଉ ବାଧ୍ୟତାମୂଳକ ଅବସର ଦିଆଯିବ । ଯେଉଁମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚ ବର୍ଷରୁ କମ୍ ରହିଛି ସେମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ମଧ୍ୟ ଚାକିରି ହରାଇବେ ନାହିଁ, କିନ୍ତୁ ପଦୋନ୍ନତି ମଧ୍ୟ ପାଇବେ ନାହିଁ । ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ଗୁଣାତ୍ମକ କରିବା ପାଇଁ ଏହା ଏକ ସମୟୋପଯୋଗୀ ଅପରିହାର୍ଯ୍ୟ ମାନଦଣ୍ଡ ଏବଂ ସ୍ୱାଗତଯୋଗ୍ୟ ରାୟ ।

ଅପରପକ୍ଷରେ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ଦୁଇବର୍ଷ ମଧ୍ୟରେ ଅକୃତକାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଯଦି ବାଧ୍ୟତାମୂଳକ ଅବସର ଦିଆଯାଏ ତେବେ ଗଣଶିକ୍ଷାରେ ଏକପ୍ରକାର ଶିକ୍ଷକ ମରୁଡ଼ି ସୃଷ୍ଟି ହୋଇ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ଅଧିକ । ଏହା ମହଙ୍ଗାରୁ ଯାଇ ମରୁଭୂମିରେ ପଡ଼ିବା ଭଳି ହେବ । କେବଳ ଆମ ରାଜ୍ୟ ବିଷୟ ଦେଖାଯାଉ । ଓଡ଼ିଶାରେ ୭୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଏ ପର୍ଯ୍ୟନ୍ତ ଏକାଧିକବାର ପ୍ରଚେଷ୍ଟା ସତ୍ତ୍ୱେ ଓଟିଇଟିରେ କୃତକାର୍ଯ୍ୟ ହୋଇପାରୁନାହାନ୍ତି । ତେଣୁ ଆଗାମୀ ଦୁଇବର୍ଷ ମଧ୍ୟରେ ସେମାନେ ଏଥିରେ ଉତ୍ତୀର୍ଣ୍ଣ ନ ହେଲେ ୭୫ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିବ ଏବଂ ଶିକ୍ଷାଦାନ, ପରୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ । ତେଣୁ ଏହି ସମ୍ବେଦନଶୀଳ ଦିଗଟି ପ୍ରତି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିକଳ୍ପ ଓ ବିହିତ ବ୍ୟବସ୍ଥା କରିବାକୁ ଶିକ୍ଷକ/ଶିକ୍ଷୟିତ୍ରୀ ସଂଘ ଓ ରାଜ୍ୟ ସରକାରମାନେ ପୁନଃବିଚାର ପାଇଁ ଆବେଦନ କରିବା ଉଚିତ ହେବ ।

# ଯୋଜନ ଯୋଜନ ଦୂରରେ ଯୋଜନା

ଡ. ସ୍ୱାଧୀନ କୁମାର ଦାଶ

ରାଜ୍ୟ ଓ ଦେଶର ନିର୍ବାଚନ ସରିବାର ବର୍ଷେ ଅତିକ୍ରମ କରିଛି । ଇତିମଧ୍ୟରେ କେନ୍ଦ୍ର ଓ ରାଜ୍ୟରେ ଦୁଇଦୁଇଟି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହୋଇସାରିଛି । ଆମେ ଏଠାରେ ବଜେଟ୍ ବିଷୟରେ ନୁହେଁ, ବଜେଟ୍‌ରେ ବ୍ୟୟ ବରାଦ କରାଯାଇଥିବା ଯୋଜନା ସମୂହର ବାସ୍ତବିକ ଚିତ୍ର ଓ କାର୍ଯ୍ୟକାରିତା ଉପରେ ଆଲୋଚନାକୁ ସୀମିତ ରଖିବା । ମୁଖ୍ୟତଃ ଜନହିତକର, ନୂତନ ପ୍ରକଳ୍ପ, ବିଭିନ୍ନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ସରକାରଙ୍କର ପ୍ରତିଶ୍ରୁତିପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବଜେଟ୍‌ରେ ଅର୍ଥ ବ୍ୟୟବରାଦ କରାଯାଇଥାଏ । ବଜେଟ୍ ଘୋଷଣା ପରେ ସାଧାରଣତଃ ଧନିକ, ବଣିକ, ବେତନଭୋଗୀ କର୍ମଚାରୀ ଓ ମଧ୍ୟବିତ୍ତମାନଙ୍କ ସ୍ତରରେ ଆଲୋଚନାର ଆସର ଜନ୍ମ ନିଏ । କିନ୍ତୁ ଗରିବ, ଖଟିଖିଆ ଓ ନିମ୍ନବିତ୍ତ ବର୍ଗର ଜନତାଙ୍କ ପାଇଁ ଅର୍ଥନୀତି, ମୁଦ୍ରାସ୍ଫୀତି, ରାଜସ୍ୱ, ଅର୍ଥ ଆୟୋଗ, ରାଜ୍ୟ ଯୋଜନା ବୋର୍ଡ ଆଦି ବିଷୟ ସେମାନଙ୍କର ବୋଧ ପରିଧିର ବାହାରେ । ସେମାନେ କେବଳ ଏତିକି ବୁଝନ୍ତି ଯେ ସରକାର ଏସନ କ'ଣ କ'ଣ ସୁବିଧା ସୁଯୋଗ ବା ରିହାତି ଦେଲେ, ଯଦ୍ୱାରା ଏ ଅଭାବୀ ବର୍ଗର ତେଲଲୁଣ ସଂସାରରେ କିଛି ମାତ୍ରାରେ ଆଶ୍ୱସ୍ତି ଆଣିପାରିବ ।

ଏକ ସଶକ୍ତ ସମାଜ ନିର୍ମାଣ ଲାଗି ପ୍ରଥମ ଉନ୍ନତିର ସୋପାନ ହେଉଛି ସୁଦୃଢ଼ ଭିତ୍ତିଭୂମି ନିର୍ମାଣ, ଦକ୍ଷତାର ବିକାଶ ଓ ଯୁବବର୍ଗକୁ ଆତ୍ମନିର୍ଭରଶୀଳତା କରିବାର ଯୋଜନା । ଏହି ତିନିଟି ଯୋଜନାର ସଫଳ ରୂପାୟନ ହୋଇପାରିଲେ ପ୍ରଗତି ସମ୍ଭବ । ଆମ ଦେଶର ଅର୍ଥନୀତି ବିଶ୍ୱରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖବର କିଛିଦିନ ତଳେ ଗଣମାଧ୍ୟମର ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ସୋପାନ ଅତିକ୍ରମ କରିବାର ମାନସାଙ୍କ କେଉଁ କେଉଁ ମାନଦଣ୍ଡକୁ ନେଇ କରାଯାଇଛି ତାହା ସ୍ପଷ୍ଟ ନଥିବାରୁ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆମ ଦେଶରେ ଅନେକ ରାଜ୍ୟର ଅଧିବାସୀମାନଙ୍କର ମୁଣ୍ଡପିଛା ଆୟ ବର୍ତ୍ତମାନ ଯୁଗର ଚଳଣି ମୂଲ୍ୟ ତୁଳନାରେ ବହୁତ କମ୍ । ଦରଦାମ୍ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏପରି ପରିସ୍ଥିତିରେ ବିଶ୍ୱ ଅର୍ଥନୀତିରେ ଭାରତ ତୃତୀୟ ସ୍ଥାନ ଅଲଙ୍କୃତ କରିଥିବା ସରକାରୀ ଘୋଷଣା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ ରାଷ୍ଟ୍ର ଓ ରାଜ୍ୟର ବଜେଟ୍‌ର କାୟା ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି, ପରିତାପର ବିଷୟ ନିମ୍ନ ଓ ନିମ୍ନ-ମଧ୍ୟବିତ୍ତ ବର୍ଗଙ୍କର ଆର୍ଥିକ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ରହିଛି ।

ଏଠାରେ ଗୋଟିଏ ପ୍ରଶ୍ନ ଆମ ମନକୁ ଆନ୍ଦୋଳିତ କରେ ଯେ ଏହି ମାଳ ମାଳ ଯୋଜନାର ଗୋଲାପୀ ଚିତ୍ର, ଯାହା ସରକାର ବିଜ୍ଞାପିତ କରୁଛନ୍ତି, ତାହା କ'ଣ ବାସ୍ତବରେ କାର୍ଯ୍ୟକାରୀ ହୋଇ ଜନହିତରେ ଆସୁଛି? ଗରିବ, ଖଟିଖିଆ, ଦୁଃସ୍ଥ, ଶ୍ରମିକ, ମହିଳା, ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଖୁସି କରିବା ଭଳି ଯୋଜନା ଖାଲି ଯୋଜନାରେ ରହି ଯାଉନି ତ! ନା ଏହା କେବଳ ନିର୍ବାଚନୀ ଥୋପ? କେବଳ ଯୋଜନା ଘୋଷଣା କରିଦେଲେ ତାହାର ରୂପାୟନ ଆପେ ଆପେ ହୋଇଯାଏ ନାହିଁ । ହିତାଧିକାରୀମାନଙ୍କ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ଯୋଜନାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ସରକାରଙ୍କର ଯୋଜନାଗୁଡ଼ିକର ସଫଳ ରୂପାୟନରେ ଆନ୍ତରିକତା, ପ୍ରତିଶ୍ରୁତିବଦ୍ଧତା ଓ କାର୍ଯ୍ୟକାରିତା ଉପରେ ବାରମ୍ବାର ସମୀକ୍ଷା କରାଗଲେ ଅର୍ଥନୀତିର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଏହା ମଧ୍ୟ ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପରାୟଣତାର ମୂଲ୍ୟାୟନ କରେ ।

ଆମ ରାଜ୍ୟର ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚ (ଋଣ ପରିଶୋଧକୁ ବାଦ୍‌ଦେଲେ) ୨, ୬୬, ୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯାହା ୨୦୨୪-୨୫ ଆର୍ଥିକ ବର୍ଷ ସଂଶୋଧିତ ଆକଳନ ଠାରୁ ଶତକଡ଼ା ୯ ପ୍ରତିଶତ ଅଧିକ । ଏହାସହିତ ରାଜ୍ୟ ୨୩, ୨୦୦ କୋଟି ଟଙ୍କାର ଋଣ ପରିଶୋଧ ମଧ୍ୟ କରିବ । ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ସାରା ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ଆଧାରରେ ଆମ ରାଜ୍ୟ ୧୮ତମ ସ୍ଥାନରେ ରହିଛି । ଏହାର ଅର୍ଥ ରାଜ୍ୟରେ ପ୍ରଚୁର ଖଣିଜ ସମ୍ପଦ, ପର୍ଯ୍ୟାପ୍ତ ଜଙ୍ଗଲ ଓ ବିସ୍ତୀର୍ଣ୍ଣ ବେଳାଭୂମି ଥିବା ସତ୍ତ୍ୱେ ତା'ର ସୁବିନିଯୋଗ କରିବାରେ ଆଜିବି ଆମେ କେଉଁଠି ନା କେଉଁଠି ଅସମର୍ଥ । ଆମ ରାଜ୍ୟ ଯେ ଏକଦା ପ୍ରାଚୁର୍ଯ୍ୟଭରା, ଅଗ୍ରଣୀ ଓ ବିତ୍ତଶାଳୀ ଥିଲା ଏହାକୁ କେହି



ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ ଦୁଃଖର କଥା ଏତେସବୁ ସମ୍ପଦ ଥାଇ ସୁଦ୍ଧା ଆମେ ଆଜି ରାଜ୍ୟକୁ ଋଣର ପାହାଡ଼ ଉପରେ ଠିଆ କରାଯାଇଛି ।

ଉଲ୍ଲେଖଯୋଗ୍ୟ ରାଜ୍ୟ ବଜେଟରେ ଦୀର୍ଘମିଆଦୀ ଯୋଜନାକୁ ଅଣଦେଖା କରି ସ୍ୱଳ୍ପମିଆଦୀ ଯୋଜନାକୁ ପ୍ରମୁଖତା ପ୍ରଦାନ କରି ଅନେକ ବେପାରୁଆ ବ୍ୟୟର ଦିଗ ହିଁ ରାଜ୍ୟର ଅର୍ଥନୀତି ଶକ୍ତିବୃଦ୍ଧି ନ କରିପାରିବାର ପ୍ରମୁଖ କାରଣ । ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିଶିଷ୍ଟ ଅର୍ଥନୀତିଜ୍ଞ କ୍ଲାଉଡ୍ ସାହଜାଙ୍କ ମତରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ରୋଜଗାର ବୃଦ୍ଧିରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥାର ଯୋଜନାମାନ କଲେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ମଜବୁତ୍ ହୋଇପାରିବ, ଯାହା ରାଜ୍ୟ ଓ ରାଷ୍ଟ୍ରର ଆର୍ଥିକ ପ୍ରଗତିରେ ସହାୟ ହେବ । ଯୁବଗୋଷ୍ଠୀଙ୍କ ପରାମର୍ଶ ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ତାଙ୍କ ମତରେ ଯୁବଗୋଷ୍ଠୀଙ୍କୁ ଜ୍ଞାନକୌଶଳ ସମ୍ପନ୍ନ କରିବାର ଯୋଜନା ପ୍ରସ୍ତୁତି କରି ଏହାର ସଫଳ ରୂପାୟନ କରିପାରିଲେ ଏବଂ ଔଦ୍ୟୋଗିକ ପ୍ରଗତି ସହିତ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନେକାଂଶରେ ମଜବୁତ୍ କରାଯାଇପାରିବ ।

ବିଡ଼ମ୍ବନା ଏହା ଯେ ଗରିବ ଓ ମଧ୍ୟବିତ୍ତଙ୍କ ଲାଗି ଉଦ୍ଦିଷ୍ଟ ଯୋଜନା ସମୂହର ତାଲିକା ପ୍ରତିବର୍ଷ ଲମ୍ବୁଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିରେ ସେତେଟା ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ । ପୂର୍ବରୁ ବିରୋଧୀ ଦଳ ଆସନରେ ବସୁଥିବା ଦଳ ସରକାରକୁ ଆସିବା ପରେ ରାଜ୍ୟର ସମସ୍ୟା ସମୂହକୁ ଉପସ୍ଥାପନ କରିବାର ସ୍ୱର ନରମି ଯାଇଛି । ଚାଷୀର ସମସ୍ୟା, ଅଭାବ, ଅସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଯୋଜନା ବିଷୟରେ ସରକାର ସେତେଟା ଯତ୍ନବାନ ଥିବା ପରିଲକ୍ଷିତ ହେଉନି । ଭତ୍ତା ହେଉ କି ରାସନ୍ ବଣ୍ଟନ କି ପକ୍କାଘର ପ୍ରଦାନ ପରି ଯୋଜନାମାନଙ୍କର ହିତାଧିକାରୀ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ଏହାପଛରେ ମଧ୍ୟ ଦୁର୍ନୀତି ରହୁଥିବା ଅଭିଯୋଗ ଆସୁଛି । ଉଦାହରଣ ସ୍ୱରୂପ କଚ୍ଚା ଘର ଓ ଟାଇଲଛପର ଘରେ ରହୁଥିବା ଜନସାଧାରଣଙ୍କୁ ପକ୍କାଘର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇ ପ୍ରତିବର୍ଷ ପକ୍କାଘରର କାର୍ଯ୍ୟାଦେଶ ଏବଂ ଅର୍ଥ ପ୍ରଦାନ କରାଯାଉଛି । କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ପକ୍କାଘର କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ଅର୍ଥକୁ ଚଳୁ କରି ଘର କରୁ ନ ଥିବାରୁ ଦିନକୁ ଦିନ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଥର ମଧ୍ୟ ସରକାର ୭୫୫୦ କୋଟି ଟଙ୍କା ଅନ୍ତ୍ୟୋଦୟ ଗୃହଯୋଜନା ଲାଗି ବଜେଟ୍‌ରେ ବରାଦ କରିଛନ୍ତି । ଏ ସମସ୍ୟା ସୁଧାରିବାକୁ ହେଲେ ସରକାରୀ ଅଧିକାରୀଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣର ଆବଶ୍ୟକତା ରହିଛି ।

ରାଜ୍ୟରେ ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ନିଜେ ନିଜର ପିଠି ଥାପୁଡ଼ାଉଥିବା ସରକାର ଯଦି ବିତ୍ତୀୟ ପରିଚାଳନାକୁ ଦକ୍ଷତାର ସହ ନ ତୁଲାନ୍ତି ତେବେ ଆଗାମୀ ଦିନରେ ଋଣର ଭାର ଆହୁରି ବଢ଼ି ରାଜ୍ୟର ଅର୍ଥନୀତିକୁ ଦୁଃସ୍ଥ କରିପକାଇବ । ମାଗଣା ସରକାରୀ ଯୋଜନା ସମୂହରୁ ଲୋକମାନଙ୍କୁ ବି ଧୀରେ ଧୀରେ ଦୂରେଇ ଆତ୍ମନିର୍ଭରଶୀଳତାର ପନ୍ଥା ଯୋଗାଇ ଦେଲେ ଆମ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ପ୍ରକୃତ ଉନ୍ନତି ସମ୍ଭବ ହୋଇପାରିବ । ଏଥିପାଇଁ ସରକାରୀ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ଯୋଜନାର ସଠିକ୍ କାର୍ଯ୍ୟକାରିତାକୁ ପରଖିବାକୁ ପଡ଼ିବ । ନ ହେଲେ ବିକାଶ ନାମରେ 'ଧର୍ମକୁ ଆଖିଠାର' ପୂର୍ବକ ସରକାରୀ ତହବିଲର ଅର୍ଥ ବାଟମାରଣା ହୋଇଚାଲିଥିବ ଏବଂ ରାଜ୍ୟ ଓ ରାଷ୍ଟ୍ରର ଅର୍ଥନୀତିକୁ ଦୁଃସ୍ଥ କରିଚାଲିଥିବ । ଗରିବ ଲୋକଙ୍କ ପାଇଁ ସରକାରୀ ଯୋଜନା ଯୋଜନ ଯୋଜନ ଦୂରରେ ରହିଯିବ ।

ଭୁବନେଶ୍ୱର, ମୋ: ୯୯୩୭୬୮୧୦୧୨

# ରାସ୍ତାରେ ବିତୁଛି ସମୟ

ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଥିଲା । ବର୍ଷା, ମହୋତ୍ସବ, ରାସ୍ତା ନିର୍ମାଣ ହେଲେ ଏହିଭଳି ସମସ୍ୟା ଆହୁରି ବଢ଼ିଯାଉଛି । ସମ୍ପ୍ରତି ବେଙ୍ଗାଲୁରୁରେ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାକାର ଟ୍ରାଫିକ୍ ପୁଲିସ ପ୍ରତି ବୁଧବାର ଘରୁ କାମ କରିବାକୁ ପରାମର୍ଶ ଦେଇଛନ୍ତି । ଆଜି ଏହି ସମସ୍ୟା କେବଳ ଭୁବନେଶ୍ୱର କିମ୍ବା ବେଙ୍ଗାଲୁରୁ ସହରର ନୁହେଁ । ସମଗ୍ର ଦେଶର ସାମାଜିକ ସ୍ଥିତି, ଅର୍ଥନୀତି ଓ ପରିବେଶ ପାଇଁ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି । ଦୀର୍ଘ ସମୟ ଧରି ଟ୍ରାଫିକରେ ଫସି ରହିବା ଲୋକଙ୍କ ମଧ୍ୟରେ ଚାପ, ଚିଡ଼ଚିଡ଼ା ଓ ମାନସିକ ଥକ୍କା ପଣ ବୃଦ୍ଧି କରୁଛି । ଜରୁରିକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଭଳି ସେବା ବାଧାପ୍ରାପ୍ତ ହେଉଛି ।

ସାଧାରଣତଃ ଭାରତର ସମସ୍ତ ଛୋଟବଡ଼ ସହରରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଛି । ସଡ଼କ ଭିତ୍ତିଭୂମି, ଅସଂଗଠିତ ପରିବହନ ବ୍ୟବସ୍ଥା, ଜନସଂଖ୍ୟା ଘନତା, ଟ୍ରାଫିକ୍ ପରିଚାଳନାରେ ଅପାରଗତା, ଉପଭୋକ୍ତାବାଦୀ ସଂସ୍କୃତି ଏଥିପାଇଁ ଦାୟୀ । ଏକ ଇଂରାଜୀ ଖବରକାଗଜର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷର ପ୍ରଥମ ଛଅ ମାସରେ ବେଙ୍ଗାଲୁରୁ ସହରରେ ତିନି



ଲକ୍ଷରୁ ଅଧିକ ନୂତନ ବ୍ୟକ୍ତିଗତ ଯାନ ପଞ୍ଜିକୃତ ହୋଇଛି । ଆଗରୁ ଏଠାରେ ୧.୨୩ କୋଟିରୁ ଅଧିକ ଯାନ ପଞ୍ଜିକୃତ ହୋଇସାରିଛି ।

ବିଶ୍ୱସ୍ତରରେ ପ୍ରକାଶିତ ଟ୍ରାଫିକ୍ ସୂଚକାଙ୍କ ଅନୁଯାୟୀ ଟ୍ରାଫିକ୍ ଭିଡ଼ ତାଲିକାରେ କଲମ୍ବିଆର ଭାରାନକ୍ୱିଲା ସହର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତର କୋଲକାତା ଦ୍ୱିତୀୟ, ବେଙ୍ଗାଲୁରୁ ଓ ପୁଣେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି । ଏମ୍‌ଷ୍ଟାର୍ଡମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଅଧ୍ୟୟନ ଦର୍ଶାଇଛି ୨୦୨୩ ମସିହାରେ ବେଙ୍ଗାଲୁରୁ ଓ ପୁଣେ ବିଶ୍ୱର ୧୦ ଟି ସବୁଠାରୁ ଅଧିକ ଟ୍ରାଫିକ ପ୍ରଭାବିତ ସହର ମଧ୍ୟରେ ଯଥାକ୍ରମେ ଷଷ୍ଠ ଏବଂ ସପ୍ତମ ସ୍ଥାନରେ ଥିଲେ । କୋଲକାତା ଓ ବେଙ୍ଗାଲୁରୁରେ ୧୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ହାରାହାରି ୩୩ ମିନିଟ ସମୟ ଲାଗେ । କୋଲକାତାରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକଙ୍କୁ ବର୍ଷକୁ ୧୧୦ ଘଣ୍ଟା ଏବଂ ବେଙ୍ଗାଲୁରୁର ଲୋକଙ୍କୁ ୧୧୭ ଘଣ୍ଟା ନଷ୍ଟ କରିବାକୁ ପଡୁଛି । ସେହିପରି ଭାରତର ସମସ୍ତ ସହରର ଲୋକଙ୍କ ଅଧିକ ସମୟ ରାସ୍ତାରେ ନଷ୍ଟ ହେଉଛି ।

୨୦୨୪ ରେ ଓଡ଼ିଶାର ବାହନ ପଞ୍ଜୀକରଣ ସଂଖ୍ୟା ଥିଲା ୧, ୧୭, ୬୨, ୭୯୦ । ୨୦୨୩ ରେ କେବଳ ବ୍ୟବସାୟିକ ବାହନ ବିକ୍ରି ୯୪୯୨ ଥିବା ବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୨୨୩୦୨ ହୋଇଛି । ପ୍ରତି ବର୍ଷ ବାହନ ପଞ୍ଜୀକରଣ ୭% ହାରରେ ବୃଦ୍ଧି ପାଉଛି । ଦେଶରେ ସାଧାରଣ ପରିବହନର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଘରୋଇ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି । ରୋଡ୍ ଟ୍ରାନ୍ସପୋର୍ଟ ଇୟରବୁକ୍ ୨୦୧୯-୨୦ ଅନୁଯାୟୀ ୨୦୦୧ ମସିହାରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ପଞ୍ଜିକୃତ ମୋଟର ଯାନ ସଂଖ୍ୟା ୫୩ ଥିଲା । ୨୦୨୦ ମସିହାରେ ଏହା ୨୪୬କୁ ବୃଦ୍ଧି ପାଇଛି । ଦେଶର ରାସ୍ତାରେ ମୋଟ ଯାନର ୮୫ ପ୍ରତିଶତ କାର ଓ ଦୁଇଚକିଆ ରହିଛି । ତଥାପି ଭାରତୀୟ ସହରଗୁଡ଼ିକରେ ପରିବହନ ଚାହିଦା ଓ ଯୋଗାଣ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି । ଦେଶରେ ଏପରି ଅନେକ ସହର ଅଛି ଯେଉଁଠାରେ ସାଧାରଣ ପରିବହନ ବ୍ୟବସ୍ଥା ଅପର୍ଯ୍ୟାପ୍ତ ଥିବାରୁ ଅଟୋରିକ୍ସା, ଟ୍ୟାକ୍ସି, କାର ଓ ଦୁଇଚକିଆ ଯାନ ଦ୍ୱାରା ରାସ୍ତାରେ ଭିଡ଼ ସମସ୍ୟା ସୃଷ୍ଟି ହେଉଛି । ଦେଶରେ ୪୫୮ ସହରରୁ କେବଳ ୬୩ ସହରରେ ସାର୍ବଜନୀନ ସିଟି ବସ୍ ବ୍ୟବସ୍ଥା ଅଛି । ମେଟ୍ରୋ ଓ ଉପନଗରୀୟ ରେଳ ସେବା ଯଥାକ୍ରମେ ୧୩ ଓ ୯ ସହରରେ ଉପଲବ୍ଧ । ଦେଶରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ ଶକ୍ତି ଘରୋଇ ଯାନ କ୍ରୟକୁ ପ୍ରୋତ୍ସାହିତ କରୁଛି ।

ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ୨୦୩୦ ସୁଦ୍ଧା ଭାରତର ମୋଟ ଜନସଂଖ୍ୟା ୧୫୦ କୋଟିରୁ ଅଧିକ ହେବାର ସମ୍ଭାବନା ଅଛି । ୨୦୪୭ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୫୧ ପ୍ରତିଶତ ସହରରେ ବାସ କରିବେ । ବର୍ଦ୍ଧିତ ସହରାଞ୍ଚଳ ଜନସଂଖ୍ୟା ସ୍ପଷ୍ଟ କରୁଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଟ୍ରାଫିକ ସମସ୍ୟାର ପରିଚାଳନା ଏକ ଆହ୍ୱାନ ହେବ । ସହରଗୁଡ଼ିକରେ ବର୍ଦ୍ଧିତ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ଯାତାୟାତ ପାଇଁ ସ୍ଥାୟୀ ସମାଧାନ ଖୋଜିବା ଆବଶ୍ୟକ । ସାର୍ବଜନୀନ ପରିବହନ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ । ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସ୍ମାର୍ଟ ସହରାଞ୍ଚଳ ଯୋଜନା ରଣନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଭିଡ଼ ଟିକସ ଏବଂ ବ୍ୟକ୍ତିଗତ ଯାନବାହନ କ୍ରୟ ପାଇଁ ଏକ କଠୋର ପରମିଟ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ । ସାଇକେଲ ଓ ଚାଲିବା ଅଭ୍ୟାସକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ପଡ଼ିବ ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ସାତ ଲହଡ଼ି ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ହିନ୍ଦୁ ଧର୍ମ ସଂସ୍କୃତିର ସମସ୍ତ ଶାସ୍ତ୍ର ପୁରାଣ ସଂସ୍କୃତ ଭାଷାରେ ଲେଖା ଯାଇଥିଲା । ସଂସ୍କୃତ ଭାଷା ଶିକ୍ଷା ପ୍ରାୟ ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ଥିଲା । ଶୁଦ୍ରମୁନି ଶାରଳା ଦାସ ଓଡ଼ିଆ ମହାଭାରତ, ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ଓ ଅଚ୍ୟୁତାନନ୍ଦ ହରିବଂଶ ଲେଖି ଲୋକପ୍ରିୟତା ହାସଲ କଲେ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସେ ସମୟରେ ଓଡ଼ିଶାରେ ଘରେ ଘରେ ପାଠ କରାଗଲା । ତେଣୁ ବ୍ରାହ୍ମଣମାନେ ସାମଗ୍ରିକ ଭାବେ ଏ ସବୁକୁ ସେମାନଙ୍କ କୌଳିକ ବୃତ୍ତିରେ ଅନୁପ୍ରବେଶ ବୋଲି ଧରି ନେଇଥିଲେ ଏବଂ ପଞ୍ଚସଖାଙ୍କୁ ପାନେ ଦେବା ପାଇଁ ସୁଯୋଗ ଅପେକ୍ଷାରେ ରହୁଥିଲେ ।

ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟାଖ୍ୟାରେ ମୁଗ୍ଧ ହୋଇ ଗଜପତି ପ୍ରତାପ ରୁଦ୍ରଙ୍କ ପାଟରାଣୀ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ଗୁରୁ ମଣିଥିଲେ ଏବଂ ରାଣୀ ମହଲକୁ ଗୁରୁଙ୍କ ରହିବା ପାଇଁ ଦାନ କରିଦେଲେ । ଏ ସବୁ ଦେଖି ଅନ୍ୟମାନେ ଈର୍ଷାରେ ଜଳି ଯାଉଥିଲେ । ରାଣୀ ମହଲରେ ଜଗନ୍ନାଥ ଦୁଇଜଣ ଯୁବତୀଙ୍କୁ ଧରି ରାସଲୀଳା କରୁଥିବା ମନଗଢ଼ା କାହାଣୀ ସୃଷ୍ଟି କରି ସେମାନେ ରାଜାଙ୍କ ଆଗରେ ଫେରାଦ ହେଲେ । କିନ୍ତୁ ତଦନ୍ତ ପରେ ଏ କାହାଣୀ ମିଛ ସାବ୍ୟସ୍ତ ହେଲା । ଏଥର ସେମାନେ ଜଗନ୍ନାଥ ଦାସଙ୍କ ବିରୋଧରେ ନୂଆ ଫନ୍ଦି କରି ଗଜପତିଙ୍କୁ ଏକାନ୍ତରେ ଅଭିଯୋଗ କଲେ, 'ମଣିମା! ଜଗନ୍ନାଥ ଦାସ ଓ ରାଣୀ ମାଆଙ୍କର ସମ୍ପର୍କ ଗୁରୁ-ଶିଷ୍ୟାର ସମ୍ପର୍କଠାରୁ ଅଲଗା । ଏହି ଅଭିଯୋଗ ଆଧାରରେ ରାଜା ଦାସଙ୍କୁ ବନ୍ଦୀ କରି କାରାଗାରରେ ରଖିଲେ ଏବଂ କୈଫିୟତ ତଲବ କଲେ । ଜଗନ୍ନାଥ ଦାସ କହିଲେ, 'ମଣିମା! ମୁଁ ପୁରୁଷ ଲୋକଙ୍କ ସହ ପୁରୁଷ ଏବଂ ନାରୀମାନଙ୍କ ସହ ନାରୀ ରୂପେ ବ୍ୟବହାର କରେ ।' ତହୁଁ ଗଜପତି ପ୍ରମାଣ ସ୍ୱରୂପ ତାଙ୍କର ନାରୀ ରୂପ ଦେଖିବାକୁ ଚାହିଁଲେ । ଅଧାରାତି ସରିକି ବନ୍ଦୀଶାଳାର ପ୍ରହରୀ ଦେଖିଲା ଯେ ଜଗନ୍ନାଥ ଦାସଙ୍କ ଯାଗାରେ ଜଣେ ଅତ୍ୟନ୍ତ ସୁନ୍ଦରୀ ନାରୀ ବସିଥିଲେ । ପ୍ରହରୀଠାରୁ ଖବରପାଇ ଗଜପତି ପ୍ରତାପ ରୁଦ୍ରଦେବ ବନ୍ଦୀଶାଳାରେ ପହଞ୍ଚିଲେ । ଦାସଙ୍କୁ ନାରୀ ସ୍ୱରୂପରେ ଦର୍ଶନ କରି ସେ ଚମତ୍କୃତ ହେଲେ ଏବଂ ତାଙ୍କଠାରୁ କ୍ଷମା ଭିକ୍ଷା କରି କାରାଗାରରୁ ମୁକ୍ତ କରିଦେଲେ ।

ଜଗନ୍ନାଥ ଦାସଙ୍କ ପରି ଜଣେ ଜ୍ଞାନୀ, ଗୁଣୀ, ସିଦ୍ଧ ସାଧକ ବାରମ୍ବାର ଅପମାନିତ ହେବା ଚୈତନ୍ୟ ମହାପ୍ରଭୁଙ୍କୁ ମର୍ମାହତ କଲା । ନିଜେ ଜଗନ୍ନାଥ ଦାସ ମଧ୍ୟ ଦୁଃଖିତ ଥିଲେ । ଦିନେ ଚୈତନ୍ୟ ମହାପ୍ରଭୁ ନଗର ବାହାରକୁ ତାଙ୍କର ଆଶ୍ରମ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କଲେ । କଥାଟା ଜଗନ୍ନାଥଙ୍କ ମନକୁ ପାଇଲା । ସେ ସହର ବାହାରେ ଅନେକ ଦିନ ଖୋଜାଖୋଜି କରି ଶେଷରେ ସମୁଦ୍ର କୂଳରେ ଏକ ନିକାଞ୍ଚନ ଯାଗା ଚୟନ କଲେ । କୁଡ଼ିଆ ଖଣ୍ଡେ ତିଆରି କରିବା ପାଇଁ ତାଙ୍କ ପାଖରେ କଉଡ଼ି ନ ଥିଲା । ତେଣୁ ଆନନ୍ଦ ବଜାରରୁ ସେ ଅନେକ ବ୍ୟବହୃତ କୁଡୁଆ ସଂଗ୍ରହ କଲେ । ମାଟି କୁଡୁଆକୁ ଖଞ୍ଜି ଏକ ଗୁମ୍ଫା ନିର୍ମାଣ କରି ତା' ଭିତରେ ସାଧନା ଜାରି ରଖିଲେ । ସେ ଗୁମ୍ଫା କେତେବେଳେ ସମୁଦ୍ର ଯୁଆର ମାଡ଼ରେ ତ ଆଉ କେତେବେଳେ ଝଡ଼ ତୋଫାନରେ ଭାଙ୍ଗି ଯାଉଥିଲା । ବାରମ୍ବାର ତାକୁ ନିର୍ମାଣ କରିବା ଦାସଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ତେଣୁ ସେ ବରୁଣ ଦେବତାଙ୍କୁ ଆରାଧନା କରି ପ୍ରାର୍ଥନା କଲେ, 'ବରୁଣ ଦେବ! ଆପଣଙ୍କ ଲହଡ଼ି ମାଡ଼ରେ ଗୁମ୍ଫା ଭାଙ୍ଗି ଯାଉଥିବାରୁ ପ୍ରଭୁଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ଆପଣ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଯିବା ପାଇଁ ପ୍ରାର୍ଥନା କରୁଛି ।'

ଦାସଙ୍କ ପ୍ରାର୍ଥନାରେ ବରୁଣ ଦେବ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଗଲେ । ତା' ପରେ ଜଗନ୍ନାଥ ଦାସଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପବନ ଦେବତା ମଧ୍ୟ ସେହି ଅଞ୍ଚଳରେ ତାଙ୍କ ଗତିର ବେଗ ଧୀର କରିବାକୁ ସମ୍ମତ ହେଲେ । ଅତିବଡ଼ି ସେଠାରେ ନିରାପଦ ଭାବେ ସାଧନା ଜାରି ରଖିଲେ । କାଳକ୍ରମେ ଶିଷ୍ୟମାନଙ୍କ ସହାୟତାରେ ସେଠାରେ ଏକ ଆଶ୍ରମ ଗଢ଼ି ଉଠିଲା । ସେ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା । ସମୁଦ୍ର ସାତ ଲହଡ଼ି ପର୍ଯ୍ୟନ୍ତ ଘୁଞ୍ଚି ଯାଇଥିବାରୁ ସେ ଅନୁଷ୍ଠାନ 'ସାତ ଲହଡ଼ି ମଠ' ନାମରେ ନାମିତ ହେଲା । ସେ ବିଷୟରେ ମହାତ୍ମା ଅଚ୍ୟୁତାନନ୍ଦ 'ଉଦୟ କାହାଣୀ'ରେ ଲେଖିଛନ୍ତି- 'ଜଗନ୍ନାଥ ଦାସ ନୀଳାଞ୍ଚଳରେ ସମାଧି ଥାପନା ବରୁଣ ପୁରେ / ସାତ ଲହଡ଼ି ଯେ ଛାଡ଼ିଣ ଗଲା ଜଗନ୍ନାଥ ତହିଁ ଆଶ୍ରମ କଲା ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୧ • ପାଉଣ୍ଡ ୧୧୯.୮୮
- ୟୁରୋ ୧୦୩.୬୧ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୭,୨୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୧୫୭.୦୦
- ନିଫ୍ଟି ୨୪,୫୭୯.୦୦


**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ଟ୍ରମ୍ପଙ୍କ ନୂଆ ଯୋଜନା

# ଭାରତରୁ ଔଷଧ ଆମଦାନୀ ଉପରେ ୨୦୦% ଟାରିଫ୍



ୱାଶିଂଟନ୍, ୨।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶରୁ ଆସୁଥିବା ଔଷଧ ଉପରେ ମଧ୍ୟ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଭାରତ ଭଳି ସମସ୍ତ ଦେଶକୁ ପ୍ରଭାବିତ କରିବ ଯେଉଁମାନେ ଆମେରିକାକୁ ଔଷଧ ଯୋଗାଣ କରନ୍ତି। ଯଦିଓ, ଭାରତକୁ ବର୍ତ୍ତମାନ ପାଇଁ ଏଥିରୁ ଦୂରରେ ରଖାଯାଇଛି, କିନ୍ତୁ ଆଗାମୀ ସମୟରେ ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ଦେଖାଯିବ।

କିନ୍ତୁ ଯଦି ଏହି ଶୁଳ୍କ ଭାରତ ଉପରେ ମଧ୍ୟ ଲାଗୁ କରାଯାଏ, ତେବେ ଏହାର ଔଷଧ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନିକୁ ପ୍ରଭାବିତ କରିବ। ସେହି ସମୟରେ, ଶୁଳ୍କ ଯୋଗୁଁ ଆମେରିକା ମଧ୍ୟ କ୍ଷତି ସହିବ। ଫଳସ୍ୱରୂପ ସେଠାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏମିତିକି ଔଷଧ ଷ୍ଟକ୍ର ଅଭାବ ହୋଇପାରେ।

**ପ୍ରଭାବିତ ହେବ ଔଷଧ ଉତ୍ପାଦ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନି**

**ଆମେରିକା ଔଷଧ ସାମଗ୍ରୀ ହେବ ମହଙ୍ଗା**

ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଆମଦାନୀ ଔଷଧ ଉପରେ ଭାରୀ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛି। ଅଧିକାରୀମାନେ କିଛି ଔଷଧ ଉପରେ ସାର୍ବଜନୀନ ଭାବରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନୀତି ମୂଲ୍ୟ ବୃଦ୍ଧି କରିପାରେ ଏବଂ ଯୋଗାଣ ଶୃଙ୍ଖଳାକୁ ବାଧା ଦେଇପାରେ। ତଥାପି, ଏହା ଭାରତକୁ ଔଷଧ ଶୁଳ୍କରୁ ଦୂରେଇ ରଖିବା ପାଇଁ କୁହାଯାଇଛି। କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ କୌଣସି ସମୟରେ ଏହା ଭାରତର ରପ୍ତାନିକୁ ପ୍ରଭାବିତ କରିପାରେ। ବାଣିଜ୍ୟ ଅର୍ଥନୀତିର ତଥ୍ୟ ଅନୁଯାୟୀ, ଭାରତ ୨୦୨୪ ମସିହାରେ ଆମେରିକାକୁ ମୋଟ ୮.୭୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଔଷଧ ଉତ୍ପାଦ ରପ୍ତାନି କରିଥିଲା। ଏହା ମଧ୍ୟ ପ୍ରଭାବିତ ହୋଇପାରେ।

ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଜୈବିକ ରାସାୟନିକ ପଦାର୍ଥ ୨.୫୬ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ଆମେରିକାରୁ ଭାରତକୁ ୩.୫୪ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ଆମଦାନୀ କରୁଥିଲା। ଭାରତ ବିଶ୍ୱ ସ୍ତରରେ ଜୈବିକ ରାସାୟନିକ ପଦାର୍ଥର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ଆମେରିକା ଏହାର ସବୁଠାରୁ ବଡ଼ ବଜାର। ଅପରପକ୍ଷରେ, ଚିକିତ୍ସା ଉପକରଣ ବିଷୟରେ କହିବାକୁ ଗଲେ ଭାରତ ମଧ୍ୟ ଆମେରିକାକୁ ବହୁ ପରିମାଣର ଚିକିତ୍ସା ଉପକରଣ ରପ୍ତାନି କରେ। ଶୁଳ୍କ ଏହା ଉପରେ ପ୍ରଭାବ ପକାଇବ। କାରଣ ଅଧିକ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ସାମଗ୍ରୀ ମହଙ୍ଗା ହେବ। ତଥାପି, ଭାରତ ଆମେରିକାରୁ ପ୍ରାୟ ୫.୭ ବିଲିୟନ ଆମେରିକୀୟ ଡଲାରର ସାମଗ୍ରୀ ଆମଦାନୀ କରେ। କାରଣ ଭାରତ ଏହାର ଉଚ୍ଚମାନର ଚିକିତ୍ସା ଉପକରଣ ଆବଶ୍ୟକତା ପାଇଁ ଆମେରିକା ଉପରେ ନିର୍ଭରଶୀଳ।

## କୃଷକଙ୍କ ଅଭିଯୋଗ ପାଇଁ ରହିବ ଉତ୍ସର୍ଗୀକୃତ ପୋର୍ଟାଲ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ କରି କୃଷକମାନଙ୍କ ଅଭିଯୋଗର ସମାଧାନ କରିଛନ୍ତି । କଲ୍ ସେଣ୍ଟର ଏବଂ ଅନ୍ୟ ପୋର୍ଟାଲ ମାଧ୍ୟମରେ କୃଷକମାନଙ୍କଠାରୁ ପ୍ରାପ୍ତ ଅଭିଯୋଗର ସମାଧାନର ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀ ସିଂ ପୃଥକ ପୋର୍ଟାଲ ପରିବର୍ତ୍ତେ କୃଷକମାନଙ୍କ ଅଭିଯୋଗ, ପରାମର୍ଶ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ ପ୍ରସ୍ତୁତ କରିବା ଏବଂ ଯଥାଶୀଘ୍ର ସମସ୍ୟାର ଉପଯୁକ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ସେ ନିଜେ ନିୟମିତ ଭାବେ କୃଷକମାନଙ୍କଠାରୁ ଆସିଥିବା ଅଭିଯୋଗର ସମୀକ୍ଷା କରିବେ ଯାହାଦ୍ୱାରା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରାଯାଇପାରିବ।


**AFFIDAVIT**

I, Swagat Kumar Das, S/o- Banambar Das, resident of AT/PO-Mahu, PS - Aul, Dist - Kendrapara, Pin- 754231, Odisha, declare by this affidavit No - 1424, dated - 22.08.2025,declare that now onwards I shall be known as **SWAGATA KUMAR DAS** for all future porpuses.

**NOTICE**
(Above 18 years of age)

By Virtue of an Affidavite sworn before the Exicutive Magistrate, Baripada, Mayurbhnaj, dated 02-05-2025 I, Sushanta Murmu, Address AT- Dubulabeda, PO- Kuabeda, PS- Chandua, Dist- Mayurbhanj, PIN-757014 declare that I have changed my name Shushant Murmu to Sushanta Murmu . Henceforth I shall be known as Sushanta Murmu for all purposes.

**AFFIDAVIT**

I, Mukta Golari, D/o- Reli Pujari, W/o- Harichandra Golari resident of Vill./Po.- Hatibari, Ps.- Padwa, Dist.- Koraput, Odisha-764038 state vide affidavit no.77 dtd.02.9.2025 that, I have changed my name from my former name **Mukta Pangi** to **Mukta Golari**. Henceforth I shall be known as **Mukta Golari** for all future purposes.

**AFFIDAVIT**

I, Radheshayam Agrawal, aged about 56 years, S/o- Late Ramesh Kumar Agrawal, resident of Plot No.1061, Flat No. C1, Sai Tower, PS- Nayapalli, Bhubaneswar, Dist- Khordha, Odisha, PIN- 751012 declared by this affidavit No. 313, dtd- 01/09/2025 that now onwards I shall be known as **RADHESHYAM AGRAWAL** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dt 01.09.2025, I have changed my name from Akshaya Kumar Baral to Akshay Baral. Henceforth I shall be known as Akshay Baral for all purposes.

**Sd/- Akshay Baral**

**NOTICE (For Minor)**

By virtue of an affidavit sworn before The Notary Public, Udala, Mayurbhanj, dated 02-09-2025 I, Kuna Tudu, Address AT/PO-Athapada, PS-Udala, Dist- Mayurbhanj, PIN- 757087 declare that I have changed the name of my daughter from Sininga Tudu to Siniga Tudu. Henceforth, she shall be known as Siniga Tudu for all purposes.

**Kuna Tudu**

**AFFIDAVIT**

I, Rosalini Tripathy @ Rosalin Mishra, W/o Devi Prasad Tripathy, resident of Tala Sahi, Po/Ps/Dist- Malkangiri -764 045, Odisha declare by this Affidavit No.3619, Dated - 02/09/2025, that now onwards I shall be known as Rojalin Tripathy for all future purpose.

**Sd/- Rojalin Tripathy**

**AFFIDAVIT**

By virtue of an affidavit sworn before Executive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sasmita Bindhani. I have changed her name from Sasmita Das to Sasmita Bindhani. Henceforth, she will be known as Sasmita Bindhani for all purposes.

**AFFIDAVIT**

I, Fsharat Sahu, S/O - Mochiram Sahu, Resident of Badanairi, PO- Sananairi, PS- Nachuni, Dist - Khorda, Odisha, PIN- 752034, declare by this affidavit No - 328, dated - 13.05.2025, that now onwards I shall be known as **SARAT SAHU** for all future purposes.

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sivhasankar Bindhani. I have changed his name from Sivhasankar Das to Sivhasankar Bindhani. Henceforth, she will be known as Sivhasankar Bindhani for all purposes.

**AFFIDAVIT**

I, Jogendra Panigrahi, S/o- Gopinath Panigrahi, resident of Plot No-3644, Patharagadia, Po- Kiit, Kalarahanga, Bhubaneswar, Dist- Khurda, PIN- 751024, Odisha declared by this affidavit No-708, dtd- 01/09/2025 that now onwards I shall be known as **JOGINDRA PANIGRAHI** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 02/09/2025. I, **Smt. Punni Bai** (new name) formerly called as Puni Kharsel (old name), W/o Late Moti Bhado, Permanent resident of At- Brahmanipada Adabahal, P.O.- Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Puni Kharsel** (old name) to **Punni Bai** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Punni Bai** (new name).

**Punni Bai**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 02/09/2025. I, **Lemu Nag** (new name) formerly called as Mohan Nag (old name), S/o Late Jarman Nag, Permanent resident of Rahenbhata P.O. Malisira, P.S. Titilagarh, Dist- Bolangir (Odisha), PIN- 767037 now residing at the same place affirm that I have changed my name from **Mohan Nag** (old name) to **Lemu Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lemu Nag** (new name).

**Lemu Nag**

**AFFIDAVIT**

I, Shaikh Nazir, H/o- Rani Parbin, resident of Bibhutipur, Merdakatia Chhak, Dist- Jajpur, PIN- 755006, Odisha declared by this affidavit No-709, dtd- 01/09/2025 that now onwards I shall be known as **SK NAZIR** for all future purposes.

**AFFIDAVIT**

By virtue of an affidavit (CF No. 06) sworn before The Notary Public, Padampur on dated- 02/09/2025. I, **Anjalee Sahu,** W/o- Dhaneswar Pradhan, permanent resident of At- Dhaurabhata, Po- Putka, Ps- Jagdalpur, Dist- Bargarh, Odisha, Pin- 768036 declare that I have changed my name from **Anjali Pradhan** (old name) to **Anjalee Sahu** (new name). Henceforth, I shall be known as **Anjalee Sahu** (new name), W/o Dhaneswar Pradhan for all future purposes.

**Anjalee Sahu**

**AFFIDAVIT**

By virtue of an affidavit No-1262 sworn before the Executive Magistrate, Begunia on dtd- 01/09/2025. I, Manmatha Prakash Bahubalendra, S/o- Narahari Bahubalendra, resident of At/Po/Ps-Begunia, Dist- Khordha, Odisha declare that, my minor son Aadhar Card bearing No- 3098 1004 0725. I have changed my minor son name from **Asribad Bahubalendra** (old name) to **Ashirbad Bahubalendra** (new name) Henceforth, both the names Asribad Bahubalendra and Ashirbad Bahubalendra is one & same person and he will be known as **Ashirbad Bahubalendra** for all future purposes.


## ରେଳ କର୍ମଚାରୀଙ୍କୁ ମିଳିବ ଅଧିକ ବୀମା ଲାଭ

# ଦୁର୍ଘଟଣା ଜନିତ ମୃତ୍ୟୁରେ ୧ କୋଟିର ବୀମା ସୁରକ୍ଷା



ନୂଆଦିଲ୍ଲୀ,୨।୯ (ଏଜେନ୍ସି): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଭାରତୀୟ ରେଳବାଇ ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ଅଧୀନରେ ଏସବିଆଇରେ ବେତନ ଖାତା ଥିବା ରେଳ କର୍ମଚାରୀଙ୍କ ପାଇଁ ବୀମା ସୁରକ୍ଷାରେ ଉଲ୍ଲେଖନୀୟ ବୃଦ୍ଧି କରାଯାଇଛି। ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁ ସ୍ଥିତିରେ ବୀମା ରାଶିକୁ ବଢ଼ାଇ ୧ କୋଟି ଟଙ୍କା କରି ଦିଆଯାଇଛି। ଅନ୍ୟପକ୍ଷରେ ସିଜିଇଜିଆଇଏସ ଅଧୀନରେ ଆସୁଥିବା ଗ୍ରୁପ୍ ଏ, ବି ଏବଂ ସି କର୍ମଚାରୀଙ୍କ ପାଇଁ ବର୍ତ୍ତମାନର ସୁରକ୍ଷା ଯଥାକ୍ରମେ ୧.୨୦ ଲକ୍ଷ ଟଙ୍କା, ୬୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ରହିଛି। ଏହାବ୍ୟତୀତ କେବଳ ଏସବିଆଇରେ ବେତନ ଖାତା ଥିବା ସବୁ ରେଳ କର୍ମଚାରୀଙ୍କୁ ଏବେ ବିନା କୌଣସି ପ୍ରିମିୟମରେ କିମ୍ବା ଡାକ୍ତରୀ ପରୀକ୍ଷା ନ କରାଇ ମଧ୍ୟ ୧୦ ଲକ୍ଷ ଟଙ୍କାର ପ୍ରାକୃତିକ ମୃତ୍ୟୁ ଜନିତ ବୀମା ସୁରକ୍ଷା ମିଳିପାରିବ। ପ୍ରାୟ ୭ ଲକ୍ଷ ରେଳ କର୍ମଚାରୀଙ୍କର ଏସବିଆଇରେ ବେତନ ଖାତା ରହିଥିବା କାରଣରୁ ଏହି ବୁଝାମଣାପତ୍ର କର୍ମଚାରୀ କଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହା ଭାରତୀୟ ରେଳ ଏବଂ ଏସବିଆଇ ମଧ୍ୟରେ ଏକ ସମ୍ବେଦନଶୀଳ ଏବଂ ମାନବୀୟ ସହଭାଗୀତାକୁ ପ୍ରତିଫଳିତ କରେ। ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ ଏସବିଆଇର ଅଧ୍ୟକ୍ଷ ସି.ଏସ ସେଟ୍ଟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଅଧୀନରେ କେତେକ ପ୍ରମୁଖ ଅନୁକୂଳ ବୀମା ସୁରକ୍ଷା ମଧ୍ୟ ରହିଛି। ରେଳ କର୍ମଚାରୀଙ୍କୁ ୧.୬ କୋଟି ଟଙ୍କାର ବିମାନ ଦୁର୍ଘଟଣା (ମୃତ୍ୟୁ) ବୀମା ସୁରକ୍ଷା ଏବଂ ରୂପେ ଡେବିଟ୍ କାର୍ଡ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ବୀମା ସୁରକ୍ଷା ମିଳିବ ।

# ସପ୍ପିର ‘ଦି ଗ୍ରାଣ୍ଡ ସପ୍ପି ମେଳା’

ଭୁବନେଶ୍ୱର,୨।୯ (ସମିସ) : ଆଗାମୀ ଉତ୍ସବ ଋତୁ ପାଇଁ ଭାରତ ଯେହେତୁ ନିଜକୁ ପ୍ରସ୍ତୁତ କରୁଛୁ, ଫ୍ଲିପକାର୍ଟ ପରି.ଳିତ ସପ୍ପି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସଫି ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍ପି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି “ଐସେ ଗିରେଙ୍ଗେ ଦାମ, ସପିଙ୍ଗ ହୋଗି ସୁବହ ଶାମ। ସପିଙ୍ଗ ଉତ୍ସାହ ବୃଦ୍ଧି ପାଇବା ସହିତ ଗ୍ରାହକମାନେ ସେମାନଙ୍କର ସ୍ନେହ ଏବଂ ଉତ୍ସାହକୁ ଆହୁରି ଅଧିକ ମାତ୍ରାରେ ବୃଦ୍ଧି କରିବା ସହିତ ଏହି ଉତ୍ସବ ଋତୁରେ ଆଗକୁ ନେଉଛନ୍ତି ଯାହା ଫଳରେ ସପ୍ପି ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ସମଗ୍ର ଭାରତରେ ନିଜର ପକେଟକୁ ସୁହାଇଲା ଭଳି ବଜେଟକୁ ନେଇ ସାହାଯ୍ୟ କରୁଅଛି। ଚଳିତବର୍ଷ,ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉଦ୍ଧ୍ୱର୍ ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେ ପ୍ରସ୍ତୁତ କରିପାରିଛି।


यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର- ୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **“ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି” ଭିତ୍ତିରେ ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା- ୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୪,୦୦୦/- / ଟ.୨,୧୩,୫୦୦/- / ଟ.୨୧,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ✓ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ବିହୁଡି,** ପିତା: ସନ୍ନ୍ୟାସୀ ବିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୪,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୪. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୭୭୫୦୦୩୬୬୬୮/** **୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା) / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୯,୭୫,୦୦୦/- / ଟ.୯୭,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 149411980050000 IFSC Code: UBIN0814946 |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହଟାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୫.୦୯.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨**

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।**

ସ୍ଥାନ: ବ୍ରହ୍ମପୁର
ତାରିଖ: ୦୨.୦୯.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**THE MAYURBHANJ CENTRAL CO-OPERATIVE BANK LTD,**
AT/PQ. BARIPADA, DIST-MAYURBHANJ PIN-757001 (ODISHA)
Ph. (CEO): (06792)252315, Email: ceo@mccbank.org.in
esst@mccbank.org.in

MCCB/No. 1464 / 2025-26 Date: 29/07/2025

**Office Premises required at Baripada. Mayurbhanj**

The Bank desires to acquire on long term lease Office Premises for Bank purpose at Baripada, Mayurbhanj, Odisha preferably on Ground Floor having two rooms (14ft. x 12ft.) with varandah along with toilet facility and parking facility within the postal area of Baripada having Pin Code No.757001. Interested parties owing suitable premises may contact the Chief Executive Officer, Mayurbhanj Central Co-operative Bank Ltd., Baripada during office hour within 15 days from the date of publication of this advertisement.


After negotiation the Bank will final the suitable premises. The terms & conditions will be decided during negotiation.

**Sd/- Chief Executive Officer**
**M.C.C. Bank Ltd., Baripada**





# ମଝିରାସ୍ତାରେ ଝୁଲୁଛି ମୃତ୍ୟୁର ଫାଶ



ଭୁବନେଶ୍ୱର, ୨।୯(ସମିସ): ରାଜଧାନୀ ରାସ୍ତାରେ ଝୁଲୁଛି ମରଣ ଫାଶ। କେତେବେଳେ କାହା ଜୀବନ ଚାଲିଯିବ ତାହା କହି ହେଉ ନାହିଁ। କାରଣ ଇଲେକ୍ଟ୍ରି ଖୁଣ୍ଟରେ ଏବେ ବୁଢିଆଣି ଜାଲଭଳି କେବୁଲ ତାର ଝୁଲୁଛି। ଅନେକ କେବଳ ତାର ବର୍ଷା କିମ୍ବା ପବନରେ ଛିଡ଼ା ଯାଉଥିଲେ ମଧ ଏହାକୁ କାଢୁ ନାହାନ୍ତି। ଏହି କେବୁଲ ତାର ଗୁଡ଼ିକ ରାସ୍ତା ମଝିରେ ଝୁଲି ରହୁଛି। ଯାହାଫଳରେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ଗୋଡରେ ଗୁଡାଇ ହୋଇଯିବାକୁ ପଡ଼ି ମୁଣ୍ଡ ଫାଟୁଥିବା ବେଳେ ଅନେକ ବାଇକ୍ ଚାଳକ ଏହି ତାର ଦେଖି ନ ପାରି ବେକରେ ଗୁଡେଇ ହୋଇଯିବାରୁ ତଳେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ପୂରା ସହରସାରା ଏହି ସମସ୍ୟା ଦେଖିବାକୁ ମିଳିଛି। କେବୁଲ କାହାର, କିଏ ସେମାନଙ୍କୁ ଟାଣିବାକୁ ଅନୁମତି ଦେଇଛି। ସେନେଇ ପଚାରିଲେ ମଧ କାହାରିକୁ ଜଣାନାହିଁ। ଯେଉଁ ସଂସ୍ଥାର କେବୁଲ ତାର ଛିଣ୍ଡି ରାସ୍ତାରେ ପଡୁଛି କିମ୍ବା ଝୁଲି ରହୁଛି। ତାହାକୁ କାଢିବା ବଦଳରେ ଛାଡ଼ି ଦେବାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି।

ନିଜର ବିଜୁଳି ଖୁଣ୍ଟରେ କେବୁଲ ତାର ଟାଣିଥିବା ବିଭିନ୍ନ କମ୍ପାନୀ ଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବାବେଳେ ରାସ୍ତାରେ ଝୁଲୁଥିବା, ଛିଣ୍ଡି ପଡ଼ିଥିବା ତାର ଦ୍ୱାରା ଲୋକେ କିଭଳି ହଇରାଣ ହେଉଛନ୍ତି ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି ବୋଲି ଅଭିଯୋଗ ହୋଉଛି। ସହରାଞ୍ଚଳରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ସଂସ୍ଥା ସେମାନଙ୍କର ତାର ଟାଣିଥାନ୍ତି। ଏମାନଙ୍କ ମଧରେ ଘରୋଇ ଟେଲିକମ୍ ସଂସ୍ଥା, ଟିଭି କେବୁଲ ସଂସ୍ଥା, ଇଣ୍ଟର୍ନେଟ୍ ସଂସ୍ଥା ଏବଂ ସଂସ୍ଥା ମଧ କେବୁଲ ଟାଣିଛନ୍ତି। ଏଥିପାଇଁ ସେମାନେ ବିଦ୍ୟୁତ୍ ବିତରଣ କମ୍ପାନୀ ସହିତ ଚୁକ୍ତିନାମା କରି ଖୁଣ୍ଟ ପିଛା ଅର୍ଥ ପ୍ରଦାନ କରିଥାନ୍ତି। କିନ୍ତୁ ଲୋକଙ୍କ ଜୀବନକୁ ସେମାନେ ଗୁରୁତ୍ୱ ଦେଉ ନାହାନ୍ତି। ଯେଉଁଥି ପାଇଁ ଗତ ୬ ମାସରେ ୨୩ ଜଣ ଲୋକ ଆହତ ହେଲେଣି। ଅନେକ ଲୋକ ମଧ ଗୁରୁତର ହୋଇ ମୃତ୍ୟୁମୁଖରୁ ବର୍ତ୍ତି ଆସିଛନ୍ତି।

**ବୁଢ଼ିଆଣି ଜାଲ ପରି ଇଲେକ୍ଟ୍ରି ଖୁଣ୍ଟରେ କେବୁଲ**

**ତାର ଛିଣ୍ଡି ରାସ୍ତା ଉପରେ ଝୁଲି ରହିଛି**

**ବାଇକ୍ ଚାଳକ ଦେଖି ନପାରି ହେଉଛନ୍ତି ଦୁର୍ଘଟଣାର ଶିକାର**

**୬ ମାସରେ ଆହତ ହେଲେଣି ୨୩ ଜଣ**

ରାଜଧାନୀରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବିଭିନ୍ନ ଟେଲିଫୋନ୍ ଓ କେବୁଲ ସଂସ୍ଥା ସେମାନଙ୍କ ତାର ଥରେ ବାନ୍ଧି ଚାଲିଗଲା ପରେ ଆଉ ଦୃଷ୍ଟି ଦେଉନାହାନ୍ତି। କେଉଁଠାରେ ଏହା ଲୋକଙ୍କ ମୁଣ୍ଡରେ ବାଜୁଛି ତ ଆଉ କେଉଁଠାରେ ରାସ୍ତାରେ ପଡ଼ି ରହୁଛି। ଏପ୍ରତି ବିଦ୍ୟୁତ୍ ବିତରଣ କମ୍ପାନୀ ଦୃଷ୍ଟି ଦେଉନାହିଁ। ଏପରିକି ଅଭିଯୋଗ କଲେ ଏହା ଆମର ନୁହେଁ କହି ପଳାଇ ଯାଉଛନ୍ତି। ରାଜଧାନୀର ବିଭିନ୍ନ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଲକ୍ଷାଧିକ ଟଙ୍କା ଆୟ କରୁଥିବା ବିତରଣ କମ୍ପାନୀ ତାର ଟାଣିଥିବା ସଂସ୍ଥାକୁ ତାଗିଦା କରିବାକୁ ବି ପଛାଉଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ସଂସ୍ଥାଗୁଡିକରେ ମାଳ ମାଳ ତାର ଖୁଣ୍ଟରେ ବାନ୍ଧିବା ଯୋଗୁଁ ଆବଶ୍ୟକସ୍ଥଳେ ବିଦ୍ୟୁତ୍ କର୍ମଚାରୀମାନେ ସହଜରେ ଖୁଣ୍ଟରେ ଚଢିପାରୁ ନାହାନ୍ତି। କେତେକ ସ୍ଥାନରେ ତ କେଉଁ ତାର କାହାର ତାହା ସହଜରେ ଚିହ୍ନଟ କରାଯାଇ ପାରୁନାହିଁ। ଆଗକୁ ପାର୍ବଣ ଋତୁ ଆସୁଛି। ଗଳି କନ୍ଦିରେ ଏକାଧିକ ତୋରଣ ହେବ। ଶହ ଶହ ଲୋକ ତୋରଣ ବୁଲିବା ପାଇଁ ଘର ବାହାରିବେ। ତେଣୁ ଏହି କେବୁଲ ତାର ରାସ୍ତା ମଝିରେ ଝୁଲି ରହୁଥିବାରୁ ଲୋକଙ୍କ ପାଇଁ ବଡ଼ ବିପଦ ଆଣିପାରେ ବୋଲି ଆଶଙ୍କା କରାଯାଉଛି। ଯେଉଁଭଳି ଗୁଡ଼ି ଉଡ଼ାଇବା ପାଇଁ ବିକ୍ରି ହେଉଥିବା ମାଞ୍ଜା ସୂତା ରାସ୍ତାରେ ଝୁଲି ରହିବାର ଗାଡି ଚାଳକଙ୍କ ବେକ କାଟିଯିବାକୁ ମୃତ୍ୟୁ ଘଟୁଥିଲା। ସେହିପରି ଏବେ ମାଞ୍ଜା ସୂତାର ରୂପ ଧରିଛି ସହର ସାରା ଯାଇଥିବା କଳା କେବୁଲ ତାର। ରାସ୍ତାରେ ଝୁଲି ରହୁଥିବାରୁ ପାର୍ବଣରେ ଲୋକଙ୍କ ଜୀବନ ଯିବ। ତେଣୁ ପ୍ରଶାସନ ଏହି କେବୁଲ ବିଛାଉଥିବା ସଂସ୍ଥାକୁ ତାଗିଦ କରିବା ସହ ଯେଉଁଠି ସବୁ ତାର ଏଣେ ତେଣେ ପଡ଼ି ରହିଛି, ତାହାକୁ ଠିକ୍ କରିବାକୁ ନିର୍ଦ୍ଦେଶ ଦୁଅନ୍ତୁ। ଆହୁରି ମଧ କେବୁଲ ସଂସ୍ଥାଗୁଡ଼ିକ ପାଇଁ ସରକାର ଏବଂ ପ୍ରଶାସନ ଗାଇଡ୍‌ଲାଇନ୍ ଆଣିବା ଆବଶ୍ୟକ ବୋଲି ସହରବାସୀ ମତ ଦେଇଛନ୍ତି।

**ବିଏମ୍‌ସିର ସାଂସ୍କୃତିକ କାର୍ଯ୍ୟକ୍ରମ**

## ରାମ୍ପ ଶୋ'ରେ ମହିଳା କର୍ପୋରେଟର୍



ଭୁବନେଶ୍ୱର, ୨।୯(ସମିସ): ବିଏମ୍‌ସି ରିକ୍ରିଏସନ୍ କ୍ଲବ୍‌ର ବାର୍ଷିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଇଣ୍ଡୋର ଗେମ୍, ଆଉଟ୍ ଡୋର୍ ଗେମ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର କ୍ରମାନୁସାରେ ଚାଲୁ ରହିଥିବାବେଳେ ଆଜି ସଂଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ଆରମ୍ଭରୁ ଇନ୍‌ଡୋର୍ ଗେମ୍ ଯାହାକି କ୍ୟାରମ୍, ଚେସ୍, ମ୍ୟୁଜିକ୍ ଚେୟାର, ବ୍ୟାଡ୍ ମିଂଟନ୍; ଆଉଟ୍ ଡୋର୍ ଗେମ୍‌ରେ ୱାଟର୍ ବଲ୍, ଜାଭ୍ଲିନ୍ ଥ୍ରୋ, ଫୁଟ୍ ବଲ୍, ସଟ୍‌ପୁଟ୍, କ୍ରିକେଟ୍, ଲେମନ୍ ସ୍ପୁନ୍ ଇତ୍ୟାଦିର ଅଂଶଗ୍ରହଣକାରୀ ମାନେ ପୁରସ୍କୃତ ହୋଇଥିଲେ। ମଞ୍ଚରେ ଭଳି କି ଭଳି ହସ୍ତତନ୍ତ ଶାଢ଼ୀରେ ନିଜକୁ ସଜାଇ ମହିଳା କର୍ପୋରେଟର୍ ଏବଂ ଅଧିକାରୀମାନେ ରାମ୍ପ ଶୋ'ରେ ଭାଗ ନେଇଥିଲେ। କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ସୁମଧୁର ସଙ୍ଗୀତ, ରତ୍ନାକର ସାହୁ ଅତିରିକ୍ତ କମିଶନର, ସହାୟକ କମିଶନର ସତ୍ୟଜିତ ସାହୁ ମଧୁର ସଂଗୀତ ପରିବେଷଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ସମ୍ବଲପୁରୀ ନୃତ୍ୟ। ବିବିଧ ସମ୍ବଲପୁରୀ ଏବଂ ଆଦିବାସୀ ନୃତ୍ୟରେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ ମହିଳା କର୍ପୋରେଟର୍ ଏବଂ ମହିଳା ଅଧିକାରୀ। ଏହାପରେ ଆରମ୍ଭ ହୋଇଥିଲା ବହୁ ପ୍ରତୀକ୍ଷିତ ନାଟକ ଛାୟା ପୁରୁଷ। ଭାବଗ୍ରାହୀ ମିଶ୍ରଙ୍କ ରଚନା ଏବଂ ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅଭିନୀତ ହୋଇଥିଲା ଏହି ନାଟକ। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, କଲ୍‌ଚରାଲ୍ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ରିକ୍ରିଏସନ କ୍ଲବ୍‌ର ସମ୍ପାଦକ ଶୁଭକାନ୍ତ ପାଢ଼ୀ। ତେବେ ଏହି ଆୟୋଜନର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାଶ ଚନ୍ଦ୍ର ଦାସ।

**ଗୀତ ଗାଇଲେ ଅତିରିକ୍ତ କମିସନର**

## ସମ୍ ହସ୍ପିଟାଲ୍ ପକ୍ଷରୁ ଆଇଏନ୍‌ଏସ୍ ସ୍କିଲାଥନ-୨୦୨୫

ଭୁବନେଶ୍ୱର, ୨।୯ (ସମିସ): ଗୁଣାତ୍ମକ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ନର୍ସିଂ ସେବାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଦୁଇ ଦିନିଆ କର୍ମଶାଳା 'ଆଇଏନ୍‌ଏସ୍ ସ୍କିଲାଥନ-୨୦୨୫' ଉଦଯାପିତ ହୋଇଯାଇଛି। ଇନ୍‌ଫ୍ୟୁଜନ୍ ନର୍ସେସ ସୋସାଇଟି–ଇଣ୍ଡିଆର ଓଡ଼ିଶା ଶାଖା ପକ୍ଷର ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରୀପାଠି, ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ମିନତୀ ମିଶ୍ର ଏବଂ କେୟାର ହସ୍ପିଟାଲ୍‌ର ନର୍ସିଂ ସୁପରିନଟେଣ୍ଡେଣ୍ଟ ସୁଦେଷ୍ଣା ସାହୁ ଯୋଗ ଦେଇଥିଲେ।

## ଯୁବ ଚିତ୍ରଶିଳ୍ପୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର, ୨।୯(ସମିସ): ଦିବଂଗତ ଯୁବ ଚିତ୍ରଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ମାନସ ରଞ୍ଜନ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ୧୯୮୨ ମସିହାରେ ଜନ୍ମିତ ଶିଳ୍ପୀ ମାନସ ବହୁ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରଦର୍ଶନୀ ଓ ଶିଳ୍ପୀ ଶିବିରରେ ଅଂଶ ଗ୍ରହଣ କରି ବହୁ ସୁନାମ ଅର୍ଜନ କରିଥିଲେ। ସେ ରାଜ୍ୟ ହସ୍ତଶିଳ୍ପ ଓ ବୟନ ଶିଳ୍ପ ବିଭାଗର ଡିଜାଇନର ମଧ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ, ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା ଓ ଛାତ୍ରଛାତ୍ରୀମାନେ ଦିବଂଗତ ଶିଳ୍ପୀଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଦେବା ପୂର୍ବକ ତାଙ୍କ ସ୍ମୃତି ଚାରଣ କରିଥିଲେ।

## ପଦ୍ମଶ୍ରୀ ରଜତ କରଙ୍କ ଜୟନ୍ତୀ

ଭୁବନେଶ୍ୱର, ୨।୯(ସମିସ): ଗୀତଗୋବିନ୍ଦ ସଦନଠାରେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପୌରୋହିତ୍ୟରେ ପଦ୍ମଶ୍ରୀ ରଜତ କୁମାର କରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା 'ରଜତ କର' କହିଲେ ଓଡ଼ିଶାର ପତ୍ୟେକ ଘରେ ଲୋକେ ତାଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଞ୍ଜ ସାହିତ୍ୟ ଆଲୋଚନାକୁ ମନେ ପକାନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ, ଲେଖକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପାଲାଗାୟକ ସୁଦର୍ଶନ ମହାପାତ୍ର, ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ ଯୋଗ ଦେଇଥିଲେ। ଏହି ଅବସରରେ ରଜତ କରଙ୍କ ପ୍ରଥମ ଗଳ୍ପ ସଂକଳନ 'ଅଳ୍ପ ଦିନର ଗଳ୍ପ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ମୃତି ସଂସଦ ତରଫରୁ ଡା. ଅଂଶୁମାନ କର କାର୍ଯ୍ୟକ୍ରମ ସୂଚନା ରଖିଥିଲାବେଳେ ଇଂ ରଣଜୀତ କର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ପାରମ୍ପରିକ ବାଦ୍ୟରେ ଗଣେଶ ଭସାଣି

ଭୁବନେଶ୍ୱର, ୨।୯ (ସମିସ): ନୀଳାଦ୍ରି ବିହାରର ବିନ୍ଦାସ କ୍ଲବ ପକ୍ଷରୁ ସେକ୍ଟର ୧ ଚନ୍ଦ୍ରାଲୋକ ମାର୍କେଟ ଠାରୁ ପାରମ୍ପରିକ ଢୋଲ ଓ ଦୁଲୁଦୁଲି ବାଦ୍ୟର ଶୋଭାଯାତ୍ରାରେ ଗଣପତିଙ୍କ ମେଢକୁ ନୀଳାଦ୍ରିବିହାର କଲୋନୀ ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ସେହିପରି ହରେକୃଷ୍ଣ ନଗରର ମା ତାରିଣୀ ଯୁଥ କ୍ଲବ, ପଣ୍ଡାପାର୍କ, ରିକ୍‌ସା କଲୋନୀ, ମା ମଙ୍ଗଳା ସାହି, ଈଶାନେଶ୍ୱର ବସ୍ତି କ୍ଲବ ପକ୍ଷରୁ ନୀଳାଦ୍ରି ବିହାର ୨୦୦ ଫୁଟିଆ ରାସ୍ତାର ଲୁମ୍ବିନୀ ବିହାର ଠାରୁ ଶୋଭାଯାତ୍ରା ବାହାରି ସମସ୍ତ ବସ୍ତି ଦେଇ ନୀଳାଦ୍ରି ବିହାର, ଶୈଳଶ୍ରୀବିହାର ପରିକ୍ରମା କରି କୁଆଖାଇ ଅଭିମୁଖେ ଯାତ୍ରା କରିଥିଲେ। ଢୋଲ ଓ ଦୁଲଦୁଲି ବାଜାରେ ଥରି ଉଠିଲା ରାସ୍ତା, ଘୋଡା ନାଚ, ଷଣ୍ଢ ନାଚ, ପଞ୍ଜାବୀ ବାଜା, ଘଣ୍ଟୁଆ ନାଚ ସାଙ୍ଗକୁ ବ୍ରାସ ବ୍ୟାଣ୍ଡ ଓ ଗୁଆଘିଅ, ସାମୀ ସାମୀ, ଗଣପତି ବାବା ଗୀତରେ ମତୁଆଲା ହୋଇ ନାଚିଥିଲେ ଯୁବପିଢି।

## ଏନ୍‌ଏଚ୍‌ଏଆଇ କାର୍ଯ୍ୟାଳୟ ଘେରିଲା ଚୌଦ୍ୱାର ଜାଗରଣ ମଞ୍ଚ



ଭୁବନେଶ୍ୱର, ୨।୯ (ସମିସ): ଚୌଦ୍ୱାର ଜାଗରଣ ପକ୍ଷରୁ ଜୟଦେବ ବିହାରସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ) ଆଞ୍ଚଳିକ ଅଫିସ୍‌କୁ ମଙ୍ଗଳବାର ଘେରାଉ କରାଯାଇଥିଲା। ମଙ୍ଗୁଳିରୁ ଧୂମାବତୀ ପର୍ଯ୍ୟନ୍ତ ୬ କିମି ରାସ୍ତା ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ନ ହେବା ଏବଂ ୧୨ଟି ଦାବିରୁ କୌଣସି ଗୋଟିଏ ପୂରଣ ନ ହେବାକୁ ନେଇ ଏହି ଆନ୍ଦୋଳନ ହୋଇଛି। ଜାତୀୟ ରାଜପଥ ୫୫ର ମଙ୍ଗୁଳିରୁ ଝାରପୋଖରିଆ ପର୍ଯ୍ୟନ୍ତ ୬୪ କିମି ରାସ୍ତା ନିର୍ମାଣ ପାଇଁ ମହେନ୍ଦ୍ର ସ୍ୱାଇଁ ଇନଫ୍ରା ଇଞ୍ଜିନିୟର ଲିମିଟେଡକୁ ୨୭୮ କୋଟି ଟଙ୍କାର ଚୁକ୍ତି ଦିଆଯାଇଥିଲା। ଡିସେମ୍ବର ୨୦୨୪ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଥିଲା, କିନ୍ତୁ ୩୦% କାର୍ଯ୍ୟ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଚି। ଚୌଦ୍ୱାର ଅଞ୍ଚଳରେ ୧୫ରୁ ଅଧିକ ଏବଂ କଟକ-ସମ୍ବଲପୁର ରାସ୍ତାରେ ୨୦୦ରୁ ଅଧିକ ଲୋକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ କଣ୍ଟ୍ରାକ୍ଟର କୌଣସି କ୍ଷତିପୂରଣ ପ୍ରଦାନ କରି ନ ଥିଲେ। ଏହା ପୂର୍ବରୁ ୨୪ ଜୁଲାଇ ୨୦୨୫ରେ ମଧ ସମାନ ଆନ୍‌ଦୋଳନ କରାଯାଇଥିଲା। ଚୌଦ୍ୱାର ଜାଗରଣ ମଞ୍ଚର ସଂଯୋଜକ ଶ୍ରୀକାନ୍ତ ପାକଳଙ୍କ ନେତୃତ୍ୱରେ ପ୍ରଭାନନ୍ଦ ସାହୁ, ହରିହର ବେଉରା, ପ୍ରତାପ ଜେନା, ଭାସ୍କର ମହାପାତ୍ର ପ୍ରମୁଖ ଆନ୍‌ଦୋଳନରେ ସାମିଲ ହୋଇଥିଲେ। ଆଲୋଚନା ପାଇଁ ରିଜିଓନାଲ ଅଫିସର, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ କଣ୍ଟ୍ରାକ୍ଟର ସୁଜାତା ସ୍ୱାଇଁ ଓ ତାଙ୍କ ପ୍ରୋଜେକ୍ଟ ମ୍ୟାନେଜର ଡି.କେ. ସିଂ ଉପସ୍ଥିତ ଥିଲେ। କିନ୍ତୁ ଦାବିଗୁଡିକର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ଉତ୍ତର ନମିଳିବାରୁ ଆଲୋଚନା ବିଫଳ ହୋଇଥିଲା।

ମଞ୍ଚ କଣ୍ଟ୍ରାକ୍ଟରଙ୍କୁ କଳାତାଲିକାଭୁକ୍ତ କରିବା, ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ହଟାଇବା ଏବଂ ରାସ୍ତା ନିର୍ମାଣ ତୁରନ୍ତ ଶେଷ କରିବା ସହ ଦୁର୍ଘଟଣାରେ ମୃତ ଓ ଆହତଙ୍କ ପାଇଁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲା। ଆଲୋଚନାରୁ କୌଣସି ସମାଧାନ ବାହାରି ନଥିବାରୁ ଆନ୍‌ଦୋଳନକାରୀମାନେ ନିରାଶ ହୋଇ ଫେରିଥିଲେ। ମଞ୍ଚ ଭବିଷ୍ୟତରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ସଂକଳ୍ପ ବ୍ୟକ୍ତ କରିଥିଲା।

## ଇଣ୍ଡିଆ ଚେଞ୍ଜ ମେକର୍ ୨୦୨୫ ଭାବେ ସୋଆ ଫ୍ୟାକଲ୍ଟି ମନୋନୀତ



ଭୁବନେଶ୍ୱର, ୨।୯(ସମିସ): ଶିକ୍ଷା, ଗବେଷଣା ଓ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱର୍ଣ୍ଣପ୍ରଭା ଶତପଥୀଙ୍କୁ 'ଇଣ୍ଡିଆ ଚେଞ୍ଜ ମେକର୍ -୨୦୨୫' ଭାବେ ମନୋନୀତ କରାଯାଇଛି। ଭାରତର ସର୍ବବୃହତ୍ ଘରୋଇ ଷ୍ଟାର୍ଟଅପ୍ ବିଜିନେସ୍ ଟଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଚେଞ୍ଜ ମେକର ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି। ଏହି ସମ୍ମାନ ନିମନ୍ତେ ସେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକଙ୍କର ସାହାଯ୍ୟ ଓ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି।

## ରେଳ ଉପଭୋକ୍ତା ସମାଚାର ଲୋକାର୍ପିତ



ଭୁବନେଶ୍ୱର, ୨।୯(ସମିସ): ରେଳ ଉପଭୋକ୍ତା ସମିତି, ଓଡ଼ିଶା ପକ୍ଷରୁ ଏକ ତ୍ରୈମାସିକ ପତ୍ରିକା ରେଳ ଉପଭୋକ୍ତା ସମାଚାର ନାମରେ ପ୍ରକାଶିତ ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଛି। ନିଜସ୍ୱ କାର୍ଯ୍ୟାଳୟ ମଧୁସୂଦନ ନଗରଠାରେ ପତ୍ରିକାଟିକୁ ମୋନାର ସଭାପତି ଗାନ୍ଧୀବାଦୀ ନେତା ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ସମିତିର ସଭାପତି ତଥା ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଅର୍ଜୁନ ଚରଣ ସାମନ୍ତରାୟ, ସହ-ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ସମ୍ପାଦକ ସୋମ୍ୟ ରଞ୍ଜନ ପ୍ରଧାନ, ମଳୟ କୁମାର ତ୍ରିପାଠୀ, ସତ୍ୟନାରାୟଣ ସାମନ୍ତସିଂହାର ସମେତ ବହୁ ସାମାଜିକ କର୍ମୀ ଓ ବୁଦ୍ଧିଜୀବି ଉପସ୍ଥିତ ରହି ଓଡ଼ିଶାର ରେଳ ଉପଭୋକ୍ତାମାନଙ୍କ ପାଇଁ ଏଭଳି ଏକ ପତ୍ରିକା ଓଡ଼ିଶାରେ ପ୍ରଥମ ଥର ପାଇଁ ପ୍ରକାଶିତ ହେବ ଖୁସିର ବିଷୟ ବୋଲି ବ୍ୟକ୍ତ କରିଥିଲେ।

## ଇପିଏଫ୍‌ଓ ପକ୍ଷରୁ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' କର୍ମଶାଳା




ଭୁବନେଶ୍ୱର,୨।୯ (ସମିସ): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ପକ୍ଷରୁ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ସୁବିଧା ପାଇବା ପାଇଁ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କୁ ସହଯୋଗ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀପିକା କଚ୍ଛଲ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଭବିଷ୍ୟନିଧି ସଂଗଠନର ମୁଖ୍ୟ ଏବଂ ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି କମିଶନର ସୁଶ୍ରୀ ଉମା ମଣ୍ଡଳ ଉକ୍ତ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ହିତାଧିକାରୀଙ୍କୁ ସୂଚନା ଦେଇଥିଲେ। ଆଞ୍ଚଳିକ ଭବିଷ୍ୟନିଧି କମିଶନର-୧ ରାଜର୍ଷି ଚକମା ସ୍ୱାଗତ ଭାଷଣ ଦେଇ ଉପସ୍ଥିତ ହିତାଧିକାରୀମାନଙ୍କୁ ଯୋଜନା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ , ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ଗୌରବ ମହାନ୍ତି, ଆଞ୍ଚଳିକ ଭବିଷ୍ୟନିଧି କମିଶନର ବିଜୟ କୁମାର ପ୍ରସାଦ, ସୁଶାନ୍ତ କୁମାର ପାଢୀ, ସୁରଜିତ କୁମାର ଅଧିବେଶନରେ ଯୋଗଦେଇଥିଲେ। ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ମୌସୁମୀ ଲତା ପାଢୀ ଧନ୍ୟବାଦ ଦେଇଥିବାବେଳେ ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

# କାଫେକୁ ନୂଆ ପରିଚୟ ଦେଇଛି ଆର୍ଟ କ୍ରାଫ୍ଟ

ଭୁବନେଶ୍ୱର, ୨।୯ (ସମିସ)

ବର୍ତ୍ତମାନ ସମୟର କାର୍ଯ୍ୟ ବ୍ୟସ୍ତତା ଭିତରେ ରହି ମାଇଣ୍ଡ ଫ୍ରେସ୍ କରିବା ପାଇଁ ଯୁବପିଢ଼ି ହୁଅନ୍ତୁ କିମ୍ବା ବରିଷ୍ଠମାନେ ବିଭିନ୍ନ ପ୍ରକାରର କାର୍ଯ୍ୟପନ୍ଥା ଅବଲମ୍ବନ କରୁଛନ୍ତି। ଯେଉଁଥିପାଇଁ ଲୋକମାନେ ଅନେକ ସମୟରେ ସାଙ୍ଗମାନଙ୍କ ସହିତ ପାର୍କ, ମୁଭି, ମଲ୍ ଆଦି ଯାଇ ସମୟ ବିତାଇବାକୁ ଭଲ ପାଉଛନ୍ତି। ହେଲେ ସମୟ ପରିବର୍ତ୍ତନ ହେବା ସହିତ ଆସ୍ତେ ଆସ୍ତେ ଲୋକଙ୍କର ଆଭ୍ୟାସ ମଧ ପରିବର୍ତ୍ତନ ହେବାରେ ଲାଗିଲାଣି। ବିଶେଷକରି ସ୍କୁଲ ଓ କଲେଜରେ ପାଠ ପଢୁଥିବା ପିଲାମାନେ କାଫେରେ ଅଧିକ ସମୟ ଦେଉଛନ୍ତି। ଏଥିସହିତ ବରିଷ୍ଠମାନେ ମଧ ଏହି ରେସ୍‌ରୁ ବାଦ୍ ପଡ଼ିନାହାନ୍ତି।

**ଆର୍ଟ କାଫେର ବଢୁଛି ଚାହିଦା**

**ବରିଷ୍ଠଙ୍କ ମାଇଣ୍ଡ ଫ୍ରେସ୍ କରିବାର ନୂଆ ମାଧ୍ୟମ**

ରାଜଧାନୀରେ ଛତୁ ଫୁଟିଲା ଭଳି କାଫେ ରହିଛି। ଏହି କାଫେରେ କଫି, ଚା ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ମଧ ଉପଲବ୍ଧ ହେଉଛି। ହେଲେ ଏବେ କାଫେରେ ଅନେକ କିଛି ପରିବର୍ତ୍ତନ ହେଲାଣି। ରବିଟକିଜ୍‌ରେ ରହିଛି ସହରର ପ୍ରଥମ ଆର୍ଟ କାଫେ ଦ ସର୍କ୍ୟୁଲୋ। ଏହି କାଫେକୁ ଆର୍ଟ ଓ କ୍ରାଫ୍ଟ ଏକ ନୂଆ ପରିଚୟ ଦେଇଛି। ଏହି କାଫେରେ ଯୁବପିଢ଼ି, ଛୋଟପିଲାଙ୍କ ସମେତ ବରିଷ୍ଠମାନେ ଏହି କାଫେକୁ ଆସି ଆର୍ଟ କ୍ରାଫ୍ଟ କରିବା ସହିତ ଗିଟାର, କ୍ୟାରମ୍ ଓ ଡ଼ୋମିନୋ ସହିତ ବିଭିନ୍ନ ପ୍ରକାରର ଷ୍ଟୋରି ବହିର ମଜା ନେଉଛନ୍ତି। ଏହା ମଧ୍ୟରୁ ଲୋକମାନେ ଆର୍ଟ କରିବାକୁ ଅଧିକ ପସନ୍ଦ କରୁଛନ୍ତି। କାଫେ ପକ୍ଷରୁ ବିନା ମୂଲ୍ୟରେ ରଙ୍ଗ, ତୁଳୀ, ଓ କାର୍ଡ଼ବୋର୍ଡ଼ ସହିତ ପ୍ଲେଟ୍ ମଧ ଯୋଗାଇ ଦିଆଯାଇଥାଏ। ଯାହା ଫଳରେ ଆସୁଥିବା ଲୋକମାନେ କାଫେରେ କିଛି ସମୟ ଅତିବାହିତ କରିବା ସହିତ ନିଜ ଭିତରେ ଥିବା କିଛି କଳାକୁ ଚିତ୍ର ମାଧ୍ୟମରେ ଦେଖାଇ ପାରୁଛନ୍ତି। ଯଦି କଷ୍ଟମର ନିଜେ କରିଥିବା ଚିତ୍ରକୁ ନେବାକୁ ଚାହିଁବେ ତେବେ ସେହି ପ୍ଲେଟ୍ ହଉ କିମ୍ବା କାର୍ଡ଼ବୋର୍ଡ଼ ପାଇଁ ୨୦ ଟଙ୍କା ଦେଇଥାନ୍ତି। ନତୁବା ନିଜେ ଚିତ୍ର କରି ସେହି କାଫେର କାନ୍ଥରେ ଲଗାଇପାରୁଛନ୍ତି। କାଫେଟି ସକାଳ ୧୦ରୁ ଖୋଲି ରାତି ୯.୩୦ ପର୍ଯ୍ୟନ୍ତ ଖୋଲା ରହୁଛି। ଏଥିସହିତ ପ୍ରତି ରବିବାର କାଫେରେ ୱାର୍କସପ୍ ମଧ କରାଯାଉଛି।



୨୦୨୪ ନଭେମ୍ବରରେ ଏହି କାଫେ ଆରମ୍ଭ ହୋଇଥିଲା। ଏଥିରେ କେବଳ କେକ୍, କଫି, ପିଜ୍ଜା ଆଦି କାଫେରେ ରହିଥିଲା ହେଲେ କିଛି ଗୋଟେ ନୂଆ କରିବା ପାଇଁ ମନକୁ ଆସିଲା ତେଣୁ ଜାନୁଆରୀରୁ ଆର୍ଟ ଓ କ୍ରାଫ୍ଟ କରାଗଲା। ଏହିଦ୍ୱାରା ସବୁ ବର୍ଗର ଲୋକମାନେ ଆସି କାଫେରେ କିଛି ସମୟ ବିତାଇବା ସହିତ ଚିତ୍ର କରୁଛନ୍ତି ବୋଲି କାଫେର ଓନର ଆଭିଲାଷା ଜୀବନ ଦାସ କୁହନ୍ତି। ସେ ଆହୁରି ମଧ କହିଛନ୍ତି ଆର୍ଟ କରିବା ଦ୍ୱାରା ଲୋକମାନେ ମାନସିକ ଚିନ୍ତାରୁ ଏକ ପ୍ରକାରର ମୁକୁଳି ପାରିବେ। ସବୁ ଧ୍ୟାନ କେବଳ ଆର୍ଟ ଓ କ୍ରାଫ୍ଟରେ ରହୁଛି ଏଣୁ ଅନେକ ଲୋକ ଏହାକୁ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।

କଲେଜ ସରିବା ପରେ ସିଧା ଏଇ ସ୍ଥାନକୁ ଆସି ଯାଉଛୁ। ଏହି କାଫେରେ ରଙ୍ଗ ଆଉ ତୂଳୀ ସହିତ କିଛି ସମୟ ବିତାଇବାକୁ ବହୁତ ଭଲ ଲାଗୁଛି। ଯାହାଦ୍ୱାରା ନିଜ ଭିତରେ ଚିତ୍ର କରିବାର ଇଚ୍ଛା ବଢ଼ି ବଢ଼ି ଯାଉଛି ବୋଲି ବିଜେବି କଲେଜର ଜଣେ ଛାତ୍ରୀ କହିଛନ୍ତି।

# ଭୁବନେଶ୍ୱର ସିଟି




ଆସୁଛନ୍ତି ମା'



ରସୁଲଗଡ଼ ଦୁର୍ଗାପୂଜା

# ଉତ୍ତରାଖଣ୍ଡ ଗୁମ୍ଫାରେ ଦର୍ଶନ ଦେବେ ମା'



ଭୁବନେଶ୍ୱର, ୨।୯(ସମିସ): ଚଳିତ ବର୍ଷ ରାଜଧାନୀର ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ପକ୍ଷରୁ ଉତ୍ତରାଖଣ୍ଡ ଗୁମ୍ଫା ତୋରଣ ନିର୍ମାଣ କରାଯିବ। ୮୫ଫୁଟ ଉଚ୍ଚତା ଏବଂ ୧୩୦ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ବିରାଜିବେ ମା' ଦୁର୍ଗା। ଦୀର୍ଘ ୩୨ବର୍ଷ ଧରି ଚାଲିଆସୁଥିବା ଏହି ପୂଜାମଣ୍ଡପରେ ପ୍ରତିବର୍ଷ ଭିନ୍ନଭିନ୍ନ ଡିଜାଇନ୍‌ର ତୋରଣ ଅନୁଷ୍ଠିତ ହୁଏ। ଭୁବନେଶ୍ୱର ପ୍ରବେଶ ପଥରେ ରହିଥିବା ଏହି ପୂଜା କେବଳ ରାଜଧାନୀବାସୀ ନୁହଁନ୍ତି ବରଂ ସହର ଭିତରକୁ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆକର୍ଷିତ କରେ। ଏହି ତୋରଣ ନିର୍ମାଣରେ ପଶ୍ଚିମବଙ୍ଗର ପ୍ରାୟ ୪୫ ଜଣ କାରିଗର କାମ ନିୟୋଜିତ ହୋଇଛନ୍ତି। ତେବେ ଚଳିତ ବର୍ଷ ମା'ଙ୍କ ମୂର୍ତ୍ତିର ଉଚ୍ଚତା ୨୪ ଫୁଟ୍ ରହିଥିବା ବେଳେ ମୂର୍ତ୍ତି ଓ ମେଢ଼ ପରିବେଶ ଅନୁକୂଳ ଅଟେ। ରଙ୍ଗବେରଙ୍ଗର ଲାଇଟ୍‌ରେ ଝଲସିବ ତୋରଣ। ଚଳିତ ବର୍ଷ ମଡର୍ଣ୍ଣ ଲାଇଟ୍ ଥିମ୍‌ରେ ଝଲସିବ ରସୁଲଗଡ଼ ରାସ୍ତା। ୫ଟି ବଡ଼ ଏଲଇଡି ଲାଇଟ୍ ପାଲଟିବ ଅନ୍ୟ ଆକର୍ଷଣ। ବିଧି ଅନୁସାରେ, ୬ଷ୍ଠୀରେ କଳସଯାତ୍ରା ଏବଂ ୬ଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ରୀତିନୀତିରେ ମା'ଙ୍କ ପୂଜା କରାଯିବ। ମା'ଙ୍କ ନିକଟରେ ବିଭିନ୍ନ ରକମର ଖେଚୁଡି ଭୋଗ ସହ ଚରୁ ଅନ୍ନ ଓ ଦହି ପଖାଳ ଭୋଗ ଲାଗି ହେବ। ସେହିପରି ୫ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡ଼ି ପରିବେଷଣ କରାଯିବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମହିଳା ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଲାଇନ୍ କରାଯିବ ଏ ବ ଂ ସିସିଟିଭି କ୍ୟାମେରା ଲଗାଯିବ। ତେବେ ଚଳିତ ବର୍ଷ ପୂଜାର ବଜେଟ୍ ୩୦ରୁ ୩୫ ଲକ୍ଷ ଟଙ୍କା ରଖାଯାଇଥିବା ସୂଚନା ରହିଛି। ଟ୍ରଫିକ୍ ଜାମ୍ ନିୟନ୍ତ୍ରଣ ପାଇଁ କମିଟି ପକ୍ଷରୁ ୪ଟି ପାର୍କିଂ ବ୍ୟବସ୍ଥା କରାଯିବ। ଏହାସହ ୫ଦିନ ୱାନ୍ ୱେ ବ୍ୟବସ୍ଥା ରହିବାର ଯୋଜନା ରହିଛି।



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ଥିମ୍‌କୁ ନେଇ ତୋରଣ ପ୍ରସ୍ତୁତ କରାଯାଇଛି। ଉତ୍ତରାଖଣ୍ଡରେ ଭୂସ୍ଖଳନ ଯୋଗୁଁ ଯାତ୍ରୀମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି। ରାଜଧାନୀରେ ଲୋକମାନେ ଉତ୍ତରାଖଣ୍ଡର ଅନୁଭୂତି ପାଇବେ। କାରଣ ସହରର ପ୍ରବେଶ ପଥ ହେଉଛି ରସୁଲଗଡ଼। ରସୁଲଗଡ଼ ପୂଜା କମିଟି ଏଥର ନିଜସ୍ୱ ସ୍ୱତନ୍ତ୍ର ଭସାଣୀ କରିବ। ରସୁଲଗଡ଼, ହଂସପାଳ ନେଇ କୁଆଖାଇ ଯାଏ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚଳିତ ଥର ପାରମ୍ପରିକ ବାଦ୍ୟଯନ୍ତ୍ର ସହ ନାଗା ନାଚ, ଅଘୋରୀ ନାଚ, ଘୋଡ଼ା ନାଚ, ଦୁଲଦୁଲି ନାଚ ଆଦି ପରିବେଷଣ କରାଯିବ।

-ପ୍ରକାଶ କୁମାର ରାଉତରାୟ, ସଭାପତି



ଶାନ୍ତିଶୃଙ୍ଖଳାରେ ପୂଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ୱାକିଟକି ସାଙ୍ଗକୁ ଚାରିଆଡ଼େ ସିସିଟିଭି କ୍ୟାମେରା ବ୍ୟବସ୍ଥା ରହିବ। ଏହାସହିତ ଘରୋଇ ସୁରକ୍ଷା କର୍ମୀ, ଅଗ୍ନିନିରାପତ୍ତା ବ୍ୟବସ୍ଥା ଏବଂ ୨୦୦ଜଣ ସଦସ୍ୟଙ୍କ ସମେତ ୫୦ ଜଣ ସୁରକ୍ଷା କର୍ମୀ ଉପସ୍ଥିତ ରହିବେ। ୧୦ଜଣ ମହିଳା ସ୍ୱେଚ୍ଛାସେବୀ ଦିବ୍ୟାଙ୍ଗ ଓ ଶିଶୁଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବେ।

-ସଞ୍ଜୟ କୁମାର ବଳିୟାରସିଂହ, ସମ୍ପାଦକ

## ବାଇକ୍ ଚୋରି କରି ଜଣେ ଗିରଫ

ଭୁବନେଶ୍ୱର, ୨।୯(ସମିସ): ବାଇକ୍ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାତ୍ରପଡ଼ାର ସନ୍ତୋଷ ନାୟକ। ତା' ନିକଟରୁ ଚୋରି ବାଇକ୍‌କୁ ଜବତ କରାଯାଇଛି। ଶୂନ୍ୟବସ୍ତ ଚମ୍ପତିଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଗିରଫ କରିଛି। ଶୂନ୍ୟବସ୍ତ ଜଣକ ପରିବାର ସହ ପାତ୍ରପଡ଼ା ଅଞ୍ଚଳରେ ରୁହନ୍ତି। ସେ ନିଜ ମୋଟରସାଇକେଲକୁ ପାତ୍ରପଡ଼ା ମହିମା ମେଳଣ ପଡ଼ିଆ ଠାରେ ପାର୍କିଂ କରିଥିଲେ। ଆଖପାଖରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ସନ୍ତୋଷ ଡୁପ୍ଲିକେଟ ଚାବି ସାହାଯ୍ୟରେ ଅଭିଯୋଗକାରୀଙ୍କ ମୋଟରସାଇକେଲକୁ ସେଠାରୁ ଚୋରୀକରି ନେଇଯାଇଥିଲେ।

## 'ସାତକୋଡ଼ି ହୋତା ଥିଲେ କିମ୍ବଦନ୍ତୀ ପୁରୁଷ'



ଭୁବନେଶ୍ୱର, ୨।୯(ସମିସ): ଡ. କବି ପ୍ରସାଦ ମିଶ୍ର ପରିଷଦ ଓ ଡ. ସାତକଡ଼ି ହୋତା ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ପାୱାର ହାଉସ୍ କଲୋନୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତା ଓ ଆଲୋଚକ ଭାବେ ସାରସ୍ୱତ ସଂଗଠକ ତଥା ସ୍ମୃତି ପରିଷଦର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ସାରଳା ଦାଶ, ଜଗନ୍ନାଥ ଦାଶ, ବଳରାମ ଦାଶ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ତଥା ସତ୍ୟବାଦୀ ପଞ୍ଚସଖା, ପଣ୍ଡିତ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହରଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସାତକଡ଼ି ହୋତା କିପରି ଓଡ଼ିଶାର ପ୍ରଥମ ରେଳବାଇ ଅଧିକାରୀ ହୋଇ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଡାକ୍ତର କବିପ୍ରସାଦ ମିଶ୍ର କିପରି ଜଣେ ସଫଳ ପରୋପକାରୀ ଡାକ୍ତର, ସମାଜସେବୀ, ଜଗନ୍ନାଥଙ୍କ ଭକ୍ତ, ପ୍ରାଚୀନ ସାହିତ୍ୟର ବିଶାରଦ ସେ ସମ୍ପର୍କରେ ବର୍ଣ୍ଣନା କରି ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ, ଓ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ନଳିନୀ କାନ୍ତ ମହାପାତ୍ର ଭଜନ ଗାନ କରିଥିଲେ।

## ବାଲିଅନ୍ତା ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର



ବାଲିଅନ୍ତା/ଧଉଳି, ୨।୯(ସମିସ): ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ, ଓଡ଼ିଶା ସରକାରଙ୍କ ପକ୍ଷରୁ ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ସ୍ଥାନୀୟ ବିଧାୟକ ନବକିଶୋର ମଲ୍ଲିକ ଉଦଘାଟନ କରିଥିଲେ। ଏଥିରେ ବ୍ଲକ ଅନ୍ତର୍ଭୁକ୍ତ ୧୬ ଗୋଟି ପଞ୍ଚାୟତରୁ ଦିବ୍ୟାଙ୍ଗମାନେ ନିଜ ନାମ ପଞ୍ଜୀକରଣ କରିବା ସହ ଉପସ୍ଥିତ ଡାକ୍ତରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ମୋଟ ୧୪୫ ଜଣ ଦିବ୍ୟାଙ୍ଗ ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିରୁ ୬୬ ଜଣ ଶାରୀରିକ ଅକ୍ଷମ, ୨୦ ଜଣ ଦୃଷ୍ଟିହୀନ, ୧୭ ଜଣ ଶ୍ରବଣ ଓ ବାକଶକ୍ତି ବାଧିତ ଏବଂ ୪୩ ଜଣ ମାନସିକ ଅନଗ୍ରସର ହିତାଧିକାରୀ ନାମ ପଞ୍ଜିକରଣ କରିଥିଲେ। ନିୟୋଜିତ ଡାକ୍ତରଙ୍କ ପରୀକ୍ଷଣ ପରେ ୧୦୦ ଜଣ ଦିବ୍ୟାଙ୍ଗଙ୍କୁ ଆବଶ୍ୟକ ପ୍ରମାଣପତ୍ର ଦେବାପାଇଁ ସ୍ଥିର କରାଗଲା। ଏହି ପରିପ୍ରେକ୍ଷୀରେ ୨ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ଓ ୨ ଜଣଙ୍କୁ ପ୍ରମାଣପତ୍ର ବିଧାୟକ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ପ୍ରଦାନ କରାଗଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଅପରାଜିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗାୟତ୍ରୀ ମିଶ୍ର ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୂଜାରାଣୀ ବରାଳ, ପିଏ ନାରାୟଣ ଦାସ ସହ ସମସ୍ତ କର୍ମଚାରୀ ଏହି ଶିବିରକୁ ପରିଚାଳନା କରିଥିଲେ।

## ପର୍ଯ୍ୟଟନ ନିଗମ କର୍ମଚାରୀଙ୍କ ୧୫ ଦିନିଆ ପ୍ରତିବାଦ

### ଦାବି ପୂରଣ ନ ହେଲେ ରାଜ୍ୟର ସମସ୍ତ ପାନ୍ଥନିବାସ ଆଗରେ ଦେବେ ଧାରଣା

ଭୁବନେଶ୍ୱର, ୨।୯(ସମିସ): ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ଏକ ବରାଦି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ଶ୍ରମିକ ନେତା ଶିବାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୀର୍ଘଦିନ ଦିନ ଧରି ସଂଘ ପକ୍ଷରୁ ହୋଇଆସୁଥିବା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପର୍ଯ୍ୟଟନ ନିଗମର ସର୍ଭିସ କ୍ୟାଡ଼ର ରୁଲ ୪୫ ବର୍ଷ ହେବ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରି ଆସୁଥିଲେ ବି ତାହା ହୋଇପାରୁ ନାହିଁ। ଏହି ରୁଲ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ହେବେ। ସେହିପରି ଏନଏମଆର, କଣ୍ଟ୍ରାକଚୁଆଲ ଏବଂ ମରି ଯାଇଥିବା କିମ୍ବା ନିଖୋଜ ହୋଇଥିବା କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ କରାଯିବା, ଆଉଟସୋର୍ସିଂ ପାଇଁ କ୍ୟାଡର୍ ରୁଲ ଲାଗୁ କରିବା ପାଇଁ ବାରମ୍ବାର ଦାବି ସହ ଓଟିଡିସର କର୍ତ୍ତୃପକ୍ଷକୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହାସହ କର୍ମକର୍ତ୍ତାମାନେ ଆଲୋଚନା ପାଇଁ ଅନୁରୋଧ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ଏଡାଇ ଦେଉଥିବା ଅଭିଯୋଗ କରିଛି ସଂଘ। କେବଳ ସେତିକି ନୁହେଁ, ସାଧାରଣ ବୈଠକ ବନ୍ଦ ରହିବା ସହ ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଉ ନାହିଁ। ତେବେ ସଂଘର ବିଭିନ୍ନ ଦାବି ସମ୍ପର୍କରେ ଗତ ଅଗଷ୍ଟ ୧ ତାରିଖରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗର ସଚିବ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ତେବେ ୧ମାସ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ଚଳିତ ସେପ୍ଟେମ୍ବର ମାସ ୧ ତାରିଖରୁ କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଆସନ୍ତା ୧୫।୪ ତାରିଖ ଯାଏ ଏହି ପ୍ରତିବାଦ ଜାରୀ ରହିବା ସହ ଏହି ୧୫ ଦିନ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଓଡ଼ିଶାର ସମସ୍ତ ପାନ୍ଥନିବାସ ଆଗରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ରଙ୍କ ସମେତ ସମସ୍ତ ୟୁନିଟର ସଦସ୍ୟମାନେ ଯୋଗଦେଇଥିଲେ।

## ପାଲା ଗାୟକ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨।୯ (ସମିସ):ଗଣେଶ ପୂଜା ଉପଲକ୍ଷେ ଭିଏସଏସନଗ ଗଡ଼େଶ୍ୱର ହାଟରେ ଆୟୋଜିତ ପାଲା ପରିବେଷଣ କାର୍ଯ୍ୟକ୍ରମରେ ପାଲା ଗାୟକ ନିରଞ୍ଜନ ସ୍ୱାଇଁ, ସୁନୀଲ ମହାପାତ୍ର ଏବଂ ଗଡ଼େଶ୍ୱର ବଣିକ ସଂଘର ସଭାପତି ଲକ୍ଷ୍ମଣ ସାହୁଙ୍କୁ ମୋ ସଂଗ୍ରହାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

● ପରିତ୍ୟକ୍ତ ଅବସ୍ଥାରେ ବରପୁତ୍ର ନୀଳମଣି ବିଦ୍ୟାରତ୍ନଙ୍କ ସମାଧିପୀଠ

## ପୁନରୁଦ୍ଧାର ପାଇଁ ଦାବି ଜଣାଇଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ

ଭୁବନେଶ୍ୱର, ୨।୯(ସମିସ): ସ୍ୱାଧୀନତା ସଂଗ୍ରାମୀ ଉତ୍କଳ ସମ୍ମିଳନୀର ଆଦ୍ୟସ୍ରଷ୍ଟା ନୀଳମଣି ବିଦ୍ୟାରତ୍ନଙ୍କ ସତୀଚଉରା ଠାରେ ଥିବା ସମାଧି ପୀଠ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ୧୯୯୯ ମହାବାତ୍ୟା ପରେ ତାଙ୍କ ସମାଧି ଭଗ୍ନ ଅବସ୍ଥାରେ ରହିଥିଲେ ବି ଦୀର୍ଘ ୨୫ ପରେ ବି କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନ ଥିବା କୁହାଯାଇଛି। ଏହି ଅବସରରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ କ୍ରାନ୍ତି କୁମାର ସକ୍ସେନା, ଓଡ଼ିଶା ନାଗରିକ ମହାମଞ୍ଚ ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯଥାଶୀଘ୍ର ସରକାର, ସଂସ୍କୃତି ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରିଛନ୍ତି। ସରକାର ବରପୁତ୍ରଙ୍କ ସମାଧି ଓ ପ୍ରତିମୂର୍ତ୍ତି ସୁରକ୍ଷା ପ୍ରତି ଯତ୍ନ ନେବା ପାଇଁ ଅଭିଯାନ ପକ୍ଷରୁ ଦାବି କରାଯାଇଛି।



## କୋକୋଟର ଫାର୍ମରେ ବିଶ୍ୱ ନଡ଼ିଆ ଦିବସ

ଭୁବନେଶ୍ୱର, ୨।୯(ସମିସ): 'ବିଶ୍ୱ ନାରିକେଳ ଦିବସ' ଅବସରରେ ଆଜି ଚନ୍ଦକାସ୍ଥିତ କୋକୋଟର ଫାର୍ମରେ କଳ୍ପବୃକ୍ଷ ଫାଉଣ୍ଡେସନ୍ ସହଭାଗିତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବୈଜ୍ଞାନିକ ଡ. ପେଟିକାମ୍ ଶ୍ରୀନିବାସ ପ୍ରାଧାନ ଯୋଗଦେଇ କହିଲେ, ନଡ଼ିଆ କେବଳ ଏକ ପ୍ରମୁଖ ବାଣିଜ୍ୟିକ ଫସଲ ନୁହେଁ, ଏହା କୃଷକଙ୍କ ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ କରୁଥିବା ମୂଳ ଆଧାର। କୃଷକମାନଙ୍କର ଆୟବୃଦ୍ଧି, ନିୟମିତ ରୋଜଗାର ସୃଷ୍ଟି ଓ ଗ୍ରାମ୍ୟ ଅର୍ଥନୀତିରେ ନଡ଼ିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଦେବୀପ୍ରସାଦ ଦାଶଙ୍କ ପକ୍ଷରୁ ନଡ଼ିଆ ଖୋଳ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ କାରୁକାର୍ଯ୍ୟ ପ୍ରଦର୍ଶନ କରାଗଲା। ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟ ତାପସ ବିସ୍ତାରିତ ଭାବେ ନଡ଼ିଆ ଚାଷର ବୈଜ୍ଞାନିକ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ଉନ୍ନତ ପ୍ରବନ୍ଧନ, ଓଡ଼ିଶାର ପରିବେଶ ପାଇଁ ଉପଯୋଗୀ ବିଭିନ୍ନ ପ୍ରଜାତି ଏବଂ ନଡ଼ିଆକୁ କୃଷକଙ୍କ 'ଆର୍ଥିକ ସୁରକ୍ଷାବଳୟ' ଭାବେ କିପରି ଗଠିତ କରାଯାଇପାରେ, ତା' ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କର୍ମଶାଳା

ଭୁବନେଶ୍ୱର, ୨।୯(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ନବନିର୍ମାତା ତଥା ଔଦ୍ୟୋଗିକ କେନ୍ଦ୍ର ଅନୁକୂଲ୍ୟରେ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ସୃଜନଶୀଳତା ଓ ଅୟମାରମ୍ଭ ପ୍ରତିଯୋଗିତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଓ ଡ଼. ସଞ୍ଜୟ କୁମାର ରାଉଳ ଉଦଘାଟନୀ ଉତ୍ସବରେ ଅତିଥିଭାବେ ଉପସ୍ଥିତ ରହିଥିଲେ। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଅଧ୍ୟାପକ ତଥା ଛାତ୍ରୀ ଏଥିରେ ଯୋଗ ଦେଇଥିଲାବେଳେ ଗବେଷକ ଭାବେ ଡ଼. ମନୀଷା ଆଚାର୍ଯ୍ୟ, ଜୟଶଙ୍କର ଦାସ ଓ ଜୟନ୍ତୀ ମହାପାତ୍ର ବକ୍ତୃତା ପ୍ରଦାନ କରିଥିଲେ। ନୂତନ ସୃଜନଶୀଳତା ଓ ଔଦ୍ୟୋଗିକ ଆରମ୍ଭ ପାଇଁ ପ୍ରସ୍ତାବ ଚୟନ କରାଯାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ସହାୟତା ଯୋଗାଇ ଦିଆଯିବ।

## ଚୀନ୍ ଗ୍ଲୋବାଲ ସାଉଥ୍ ମିଡିଆ ଫୋରମ୍ କାର୍ଯ୍ୟକ୍ରମରେ ଯୋଗଦେବେ ସୁଧୀର ପଣ୍ଡା



ଭୁବନେଶ୍ୱର, ୨।୯(ସମିସ): ଦକ୍ଷିଣପୂର୍ବ ଚୀନର ୟୁନାନ ରାଜ୍ୟର କୁନ୍‌ମିଙ୍ଗ୍‌ରେ ଠଆସନ୍ତା ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ୨୦୨୫ ଗ୍ଲୋବାଲ ସାଉଥ୍ ମିଡ଼ିଆ ଓ ଥିଙ୍କ ଟ୍ୟାଙ୍କ ଫୋରମ୍। ଏହି ଫୋରମ୍‌ର ଉଦ୍‌ଘାଟନା ଉତ୍ସବରେ 'ସଦର୍ଣ୍ଣ ମେସେଞ୍ଜର୍ସ' ସାଂସ୍କୃତିକ ଭାବବିନିମୟ କାର୍ଯ୍ୟକ୍ରମ ରହିଛି। ଫୋରମ୍‌ରେ ମଧ୍ୟ ସାଉଥ୍ ଓ ସାଉଥିଇଷ୍ଟ ଏସିଆ ମିଡ଼ିଆ ନେଟୱାର୍କ ବାର୍ଷିକ ସମ୍ମିଳନୀ, ଷ୍ଟଡ଼ି ଟୁର୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଫୋରମରେ ୮୦ରୁ ଅଧିକ ରାଷ୍ଟ୍ରର ୧୦୦ରୁ ସରକାରୀ ବିଭାଗ, ଥିଙ୍କ୍ ଟ୍ୟାଙ୍କ୍‌ସ, ଉଦ୍ୟୋଗୀ, ମିଡ଼ିଆ ସଙ୍ଗଠନର ୪୦୦ରୁ ଅଧିକ ପ୍ରତିନିଧି ଭାଗ ନେଉଛନ୍ତି। ଏଥିରେ ଯୋଗ ଦେବାପାଇଁ ନିମନ୍ତ୍ରିତ ହୋଇଥିବା ଭାରତୀୟ ପ୍ରତିନିଧିଙ୍କ ମଧ୍ୟରେ ରହିଛନ୍ତି 'ପ୍ରତିଦିନ' ଓ 'ପ୍ରତିଦିନ ଟିଭି' ପକ୍ଷରୁ ସୁଧୀର କୁମାର ପଣ୍ଡା। ବୁଧବାର ଶ୍ରୀ ପଣ୍ଡା ୭ଦିନିଆ ଚୀନ୍ ଯାତ୍ରା କରୁଛନ୍ତି।

## ରାଜପଥ କଡ଼ରେ କୁଢ଼କୁଢ଼ ଆବର୍ଜନା
# ନାକରେ ହାତ ନ ଦେଲେ ଯାଇହଉନି

ଭୁବନେଶ୍ୱର, ୨।୯(ସମିସ)

ସ୍ୱଚ୍ଛ ଆଉ ସବୁଜ ପରିବେଶର ନାରା ଲାଗୁଛି। ହେଲେ କାର୍ଯ୍ୟରେ ଫଳପ୍ରଦ ହେଉ ନାହିଁ। କଉଠି କୁଢ଼କୁଢ଼ ଅଳିଆ ଗଦା ହୋଇଗଲାଣି ତ, ଆଉ କେଉଁଠି ବର୍ଷା ପାଣିରେ ସେସବୁ ଧୋଇ ହୋଇ ରାସ୍ତାରେ ପହଞ୍ଚିଲାଣି। ସେପଟେ ଡ୍ରେନର ନିଷ୍କାସନକୁ ବାଟ ଓଗାଳିଛି ଏସବୁ ଅଳିଆ। ଆବର୍ଜନାଗୁଡ଼ିକ ସହ ବର୍ଷାପାଣି ମିଶିବା ପରେ ଏଭଳି ଦୁର୍ଗନ୍ଧ ହେଉଛି ଯେ, ଏହି ରାସ୍ତା ଦେଇ ଯାତ୍ରୀମାନେ ମଧ୍ୟ ଯିବା ଅସମ୍ଭବ ହୋଇପଡୁଛି। ମୁହଁରେ ରୁମାଲ ନ ଦେଲେ ଏହି ବାଟ ଦେଇ ଯିବା ସମ୍ଭବ ହେଉନାହିଁ।

ଏପରି ଦୃଶ୍ୟ ଫାୟାର ଷ୍ଟେସଠାରୁ ସିଆର୍‌ପି

### ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା

ଆଡକୁ ଯିବା ବାଟରେ ହିଁ ପରିଲକ୍ଷିତ ହେଉଛି। ଉକ୍ତ ସ୍ଥାନର ପରିବେଶ ବେଳକୁ ବେଳ ବିଗିଡ଼ିବାରେ ଲାଗିଛି। ଅଳିଆ ଆବର୍ଜନାରେ ରାସ୍ତାର ଗୋଟିଏ ପାର୍ଶ୍ୱ ଭର୍ତ୍ତି ହୋଇଗଲାଣି। ଆଖପାଖ ଅଞ୍ଚଳର ଲୋକ ସେଠାରେ ମନ ଇଚ୍ଛା ଅଳିଆ ପକାଇ ଚାଲି ଯାଉଛନ୍ତି। ନିଜ ଘରର ଯାବତୀୟ ଅଳିଆ ସାଙ୍ଗକୁ ପ୍ଲାଷ୍ଟିକ ବୋତଲରେ ସେହି ସ୍ଥାନରେ ପକାଉଛନ୍ତି। ସଞ୍ଜ ହେଲେ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ହୋଟେଲ୍ ରେଷ୍ଟୋରାଁର ଆବର୍ଜନା ମଧ୍ୟ ଏଠାରେ ପକାଯାଉଛି। ସେହିଭଳି ବିଭିନ୍ନ କଂସେଇଖାନାର ଆବର୍ଜନା ସହ ଏଠାରେ ମାଛ ଦୋକାନରୁ ବାହାରୁ ଥିବା ଆବର୍ଜନା ଏବଂ ମାଛ କାତି ମଧ୍ୟ ପକାଇ ଦେଇ ଯାଉଛନ୍ତି। ଆବର୍ଜନା ପଡ଼ି ରହୁଛି। ବର୍ଷାଦିନେ ଆବର୍ଜନାଗୁଡ଼ିକ



ଡ୍ରେନ୍ ମୁହଁରେ ଅଟକି ରହିବା ସହ ଜଳ ନିଷ୍କାସିତ ହୋଇପାରୁ ନାହିଁ। ଅପରପକ୍ଷେ ଜଳମିଶା ଆବର୍ଜନା ଦୁର୍ଗନ୍ଧ ସୃଷ୍ଟି କରୁଛି। ଫଳରେ ସେହି ବାଟ ଦେଇ ଯାତାୟତ କରିବା ସମ୍ଭବ ହେଉନାହିଁ।

ଅନ୍ୟପଟେ ସନ୍ଧ୍ୟା ହେବା ମାତ୍ରେ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିଶାଡ଼ିମାନେ ଏଠାରେ ନିଶାପାନ କରୁଛନ୍ତି। ରାସ୍ତାକଡ଼ ଅନ୍ଧାରିଆ ଏବଂ ବଣୁଆ ହୋଇଥିବାରୁ ଅସାମାଜିକ ଯୁବଗୋଷ୍ଠୀ ଏଠାରେ ନିଶା ସେବନ କରୁଛନ୍ତି। ଅନେକ ସମୟରେ ଏଠାରେ ମାର୍‌ପିଟ୍ ଗଣ୍ଡଗୋଳ ହେବାର ନଜିର ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକ ଯୁବକମାନେ ଏଠାରେ ଆଡ୍ଡା ଜମାଇବା ସହ ଅପରାଧର ଯୋଜନା ପ୍ରସ୍ତୁତ କରୁଛନ୍ତି। ପୁଲିସ ପାଟ୍ରୋଲିଂ ଗାଡ଼ି କେବଳ ରାସ୍ତାରେ ଚାଲି ଯାଉଥିବା ବେଳେ ଭିତରେ ନିୟମିତ ଅସାମାଜି କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏମିତି କି ଏଠାରେ ହିଁ ନିଶା କାରବାର ଏବଂ ମୂଳଚାଷ ହେଉଛନ୍ତି। ବ୍ରାଉନ୍‌ସୁଗରଠାରୁ ଆରମ୍ଭ କରି ନିଶାଦ୍ରବ୍ୟ ଏଠାରେ ଲୁଚାଇ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି।

ସକାଳ
THE SAKALA



# ଏମ୍‌କେସିଜିରେ ରାଗିଂ ଘଟଣାରେ ସତ୍ୟତା ନାହିଁ



ବ୍ରହ୍ମପୁର, ୨।୯ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଦ୍ୱିତୀୟ ବର୍ଷର ଜଣେ ଡାକ୍ତରୀ ଛାତ୍ରଙ୍କୁ ରାଗିଂ କରାଯାଇଥିବା ନେଇ ଘଟଣାରେ କୌଣସି ସତ୍ୟତା ନାହିଁ। ଆଜି କଲେଜରେ ଅନୁଷ୍ଠିତ ଆଣ୍ଟି ରାଗିଂ ବୈଠକରେ ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶ ଏହା ସ୍ପଷ୍ଟ କରିଛନ୍ତି। ଅଗଷ୍ଟ ୧୮ ତାରିଖରେ ଆହୂତ ବୈଠକ ସ୍ୱେଚ୍ଛାକୃତ ଥିଲା। ଏଥିରେ କୌଣସି ବାଧ୍ୟବାଧକତା ନଥିଲା। ଅଭିଯୋଗକୁ ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି ଏବଂ ନାଚଗୀତ କରାଇବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଡିନ୍ ପ୍ରଫେସର ଡା. ଦାଶ କହିଛନ୍ତି। ଏଥିସହ ବରିଷ୍ଠ ଛାତ୍ରମାନେ ଜୁନିଅରଙ୍କୁ ଦୁର୍ବ୍ୟବହାର କରିବା, ଆଣ୍ଠେଇବାକୁ ବାଧ୍ୟ କରିଥିବା ଏବଂ ମଦ୍ୟପାନ କରିଥିବା ଭଳି ଅଭିଯୋଗର ମଧ୍ୟ କୌଣସି ପ୍ରମାଣ ମିଳିନଥିବା ସେ କହିଛନ୍ତି। ଆଜି କଲେଜର ଟେଲିମେଡିସିନ୍ ସମ୍ମିଳନୀ କକ୍ଷରେ ଆଣ୍ଟି ରାଗିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେଡ଼ିକାଲର ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ, ପ୍ରଫେସର୍ ଡା. ଜେ. ସାଗର ପୃଷ୍ଟି, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଟାଉନ୍ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ସମେତ ଆଣ୍ଟି ରାଗିଂ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ନୂଆପଡ଼ା ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମକଦ୍ଦମା ହାଇକୋର୍ଟରେ ଖାରଜ

କଟକ, ୨।୯ (ସମିସ): ନୂଆପଡ଼ା ବିଧାନସଭା ଆସନରୁ ନିର୍ବାଚିତ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାକୁ ଆଜି ଖାରଜ କରିଦେଇଛନ୍ତି ହାଇକୋର୍ଟ। ନିର୍ବାଚନ ମକଦ୍ଦମାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମକଦ୍ଦମାର ବିଗତ ୫ଗୋଟି ତାରିଖରେ ହୋଇଥିବା ଶୁଣାଣି ସମୟରେ ଆବେଦନକାରୀ କିମ୍ବା ତାଙ୍କ ପକ୍ଷରୁ କେହି ଆଇନଜୀବୀ ଉପସ୍ଥିତ ନଥିଲେ। ଜନପ୍ରତିନିଧି ଆଇନ ଅନୁସାରେ ଆବେଦନକାରୀଙ୍କ ତରଫରୁ କେହି ଶୁଣାଣି ସମୟରେ ବାରମ୍ବାର ଅନୁପସ୍ଥିତ ରହିଲେ ମାମଲାକୁ ୬ମାସ ମଧ୍ୟରେ ଫଇସଲା କରାଯିବା କଥା। ଏଣୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଅଦାଲତ ମାମଲାଟିକୁ ଖାରଜ କରିଦେଇଛନ୍ତି। ଉକ୍ତ ଆଦେଶନାମାକୁ ଭାରତର ନିର୍ବାଚନ କମିସନ ଓ ରାଜ୍ୟ ନିର୍ବାଚନ କମିସନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ପ୍ରକାଶଥାଉକି ନୂଆପଡ଼ା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଶ୍ରୀ ଢୋଲକିଆ ୬୧୮୨୨ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ୫୦୯୪୧ ଓ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪୮୧୪ ଭୋଟ୍ ପାଇଥିଲେ। ଶ୍ରୀ ଢୋଲକିଆଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଅଭିଯୋଗ ଆଣି ଶ୍ରୀ ପଣ୍ଡା ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ।

# ୪ ବାଘଦାନ୍ତ ଜବତ; ୨ ଶିକାରୀ ଗିରଫ



ମୋହନା, ୨।୯ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଗୋଛାଗୁଡ଼ା ଗ୍ରାମରେ ଚଢ଼ଉ କରି ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ସେହି ଗ୍ରାମର ଲୁଲୁ ମଲିକ ଏବଂ ଶୁକଦେବ ମଲିକ। ସେମାନଙ୍କଠାରୁ ୪ କଲରାପତରିଆ ବାଘ ଦାନ୍ତ, ଗୋଟିଏ ଧନୁତୀର, ଦେଶୀ ବନ୍ଧୁକ ଗୁଳି, ୪ଟି ଫାଶ ଜବତ କରାଯାଇଛି। ଗଜପତି ବନ ବିଭାଗ ଏସିଏଫ୍ ସାଇନିଶ୍ରୀ ଦାସଙ୍କ ସୂଚନାନୁଯାୟୀ, ଏମାନେ ଗୋଛାଗୁଡ଼ା ଜଙ୍ଗଲରେ ବାଘ ଶିକାର କରି ଏହାର ଛାଲ ଏବଂ ଦାନ୍ତ ବିକ୍ରି କରୁଥିଲେ। କିଛି ମାସ ତଳେ ଗୋଛାଗୁଡ଼ା ଗ୍ରାମର ଚିତ୍ର ମଲିକକୁ ବାଘଛାଲ ସହ ଗିରଫ କରିଥିଲା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବନ ବିଭାଗ। ଗିରଫ ଚିତ୍ରଙ୍କ ସୂଚନା ଆଧାରରେ ଆଜି ଏହି ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଥାନା ଗାଦି ମାଡ଼ି ବସିଛନ୍ତି ୭୦ ଡିଏସ୍‌ପି

## ୯୯ ଡିଏସ୍‌ପିଙ୍କୁ ୪ ମାସ ହେବ ମିଳୁନାହିଁ ନୂତନ ନିଯୁକ୍ତି

ଭୁବନେଶ୍ୱର,୨।୯(ସମିସ): ରାଜ୍ୟ ପୁଲିସରେ ଏବେ ଅଜବ ସ୍ଥିତି । ଥାନାରେ ଇନ୍ସପେକ୍ଟରଙ୍କ ବଦଳରେ କାମ କରୁଛନ୍ତି ଡ଼ିଏସ୍‌ପି । ନିଯୁକ୍ତି ଓ ପଦୋନ୍ନତି ପରେ ମଧ୍ୟ ଏହି ଅଧିକାରୀମାନେ ପ୍ରାୟ ୭୦ ଥାନା ଗାଦି ମାଡ଼ି ବସିଛନ୍ତି । ନୂତନ ନିଯୁକ୍ତି ମିଳି ନ ଥିବାରୁ ସେମାନେ ସ୍ଥାନାନ୍ତର ହୋଇ ନ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏହି ଅଧିକାରୀମାନେ ଥାନା ଛାଡ଼ି ଯିବା ପାଇଁ ମନ ବଳାଉ ନ ଥିବା ସୂଚନା ମିଳିଛି । ପୁଲିସ ବ୍ୟବସ୍ଥାରେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ପରେ ଥାନାଅଧିକାରୀ ବା ଇନ୍‌ସପେକ୍ଟରଙ୍କ ଭୂମିକା ବେଶ ପ୍ରଭାବୀ । ଇନ୍‌ସପେକ୍ଟର ପଦରେ ଯେଉଁ ପ୍ରଭାବ ଓ ପ୍ରତିଷ୍ଠା ଅଛି, ତାହା ଡ଼ିଏସ୍‌ପି ପଦରେ ନାହିଁ । ତେଣୁ ପଦୋନ୍ନତି ସତ୍ତ୍ୱେ ଅନେକ ଅଧିକାରୀ ଥାନା ଛାଡ଼ି ଯାଉ ନ ଥିବା ଅଭିଯୋଗ ହେଉଛି ।

ଗତମାସ ଏପ୍ରିଲ ମାସ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୭ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦରେ କାର୍ଯ୍ୟ କରୁଛନ୍ତି। ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠ ମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୪ ମାସ ବିତିଯାଇଥିଲେ ମଧ୍ୟ ୯୯ ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନ ପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ମାନେ ଡିଏସପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲା ଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡିଏସପି ପଦ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବ ମଞ୍ଜୁରୀ ପଦ ଅନୁସାରେ ଦରମା ଟଙ୍କା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯୯ ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି।

ପୂର୍ବରୁ ଡିଏସପି ନିଯୁକ୍ତି କ୍ଷମତା ରାଜ୍ୟ ପୁଲିସ ଡ଼ିଜିଙ୍କ ପାଖରେ ଥିଲା, ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ହାତକୁ ଯାଇଛି। ମାତ୍ର ଗୃହ ବିଭାଗ ଏହି ଅଧିକାରୀମାନଙ୍କୁ ୪ ମାସ ହେଲା ନିଯୁକ୍ତି ଦେଇପାରି ନାହିଁ। ଫଳରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଷୁଡ଼ିବାରେ ଲାଗିଥିବା ବେଳେ ପୁଲିସର ଅଧିକାରୀଙ୍କ ମନୋବଳକୁ ଆଘାତ ପହଞ୍ଚାଇଛି ବୋଲି କୁହାଯାଉଛି ।

# ଅସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟ ଶତକଡ଼ା ଆକାରରେ ବୃଦ୍ଧି କରିବା ଡିଏଲଭିସିର କ୍ଷମତା ବହିର୍ଭୂତ: ହାଇକୋର୍ଟ

କଟକ,୨।୯ (ସମିସ): ବିଭିନ୍ନ ତହସିଲ ଅଞ୍ଚଳର ଅସ୍ଥାବର ସମ୍ପତ୍ତି ମୂଲ୍ୟକୁ ଶତକଡ଼ା ଆକାରରେ ବୃଦ୍ଧି କରିବା ଜିଲ୍ଲାସ୍ତରୀୟ ମୂଲ୍ୟାୟନ କମିଟି(ଡିଏଲଭିସି)ର କ୍ଷମତା ବହିର୍ଭୂତ। ଡିଏଲଭିସି ପକ୍ଷରୁ ଦୁଇ ବର୍ଷରେ ଥରେ ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଡିଏଲଭିସି ଯେତେବେଳେ ଅବଧି ପୂରଣ ପୂର୍ବରୁ ଆଇନ ଅନୁସାରେ ସଂଶୋଧନ ମାଧ୍ୟମରେ ଏକ ବେଞ୍ଚମାର୍କ ମୂଲ୍ୟାଙ୍କନ ସ୍ଥିର କରିବାରେ ବିଫଳ ହୁଏ, ସେତେବେଳେ ଡିଏଲଭିସିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ହିଁ ବିଗତ ବର୍ଷ ତୁଳନାରେ ୧୦ ପ୍ରତିଶତ ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି କରିପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମନୋରଂଜନ ବେହେରାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଗଞ୍ଜାମ ଜିଲ୍ଲା ମୂଲ୍ୟାୟନ କମିଟିର ଉପରୋକ୍ତ ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ତିନିମାସ ମଧ୍ୟରେ ଡିଏଲଭିସି ଗଠନ ସହ ବେଞ୍ଚ ମାର୍କ ମୂଲ୍ୟ ସ୍ଥିର ପାଇଁ ଆଇନ ଅନୁସାରେ ପ୍ରକ୍ରିୟା ଶେଷ କରିବାକୁ ଅଦାଲତ କହିଛନ୍ତି। ଏହି ସମୟ ପର୍ଯ୍ୟନ୍ତ ଜିଲ୍ଲାପାଳ ନିଜ କ୍ଷମତା ବଳରେ ବେଞ୍ଚମାର୍କ ୧୦ ପ୍ରତିଶତ ବୃଦ୍ଧି କରିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ଯେ ଡିଏଲଭିସି, ଗଞ୍ଜାମର ୨୦୨୨ ଜାନୁଆରି ୨୭ ତାରିଖର ନିଷ୍ପତ୍ତି ଅନୁଯାୟୀ ଆଇନର ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନ କରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଅସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟାଙ୍କନକୁ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯାଇଥିଲା। ଓଡ଼ିଶା ଷ୍ଟାମ୍ପ ରୁଲ୍ ଅନୁସାରେ ପୂର୍ବ ବେଞ୍ଚ ମାର୍କ ମୂଲ୍ୟାଙ୍କନରେ ବୃଦ୍ଧି ଶତକଡ଼ା ଆଧାରରେ ବୃଦ୍ଧି ପାଇଁ ଡିଏଲଭିସିକୁ କ୍ଷମତା ପ୍ରଦାନ କରାଯାଇନାହିଁ। କେବଳ ପରବର୍ତ୍ତୀ ଦୁଇ ବର୍ଷ ପାଇଁ ସଂଶୋଧନ ମାଧ୍ୟମରେ ବେଞ୍ଚ ମାର୍କ ମୂଲ୍ୟାଙ୍କନ ସ୍ଥିର କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ତେବେ ବେଆଇନ ଭାବେ ଗଞ୍ଜାମ ଜିଲ୍ଲାର ଅସ୍ଥାବର ସମ୍ପତ୍ତି ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା

# ଜାମିନ ପାଇଁ ହାଇକୋର୍ଟରେ ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତ

କଟକ,୧।୯(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନକୁ ନିମ୍ନ ଅଦାଲତ ଖାରଜ କରିବା ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହୋଇଥିଲା। ସେହିଭଳି ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତ ଜୟନ୍ତ କୁମାର ରାଉତ, ବିଜୟ କୁମାର ମିଶ୍ର, ରାମଜୀପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ ଓ ପ୍ରଶାନ୍ତ କୁମାର ଖମାରୀ ମଧ୍ୟ ପୃଥକ ପୃଥକ୍ ଭାବେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ ଦାୟର କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଭାଇରାଲ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା, ବୋର୍ଡ ଉପ ସଭାପତି ଡକ୍ଟର ମହାନ୍ତିଙ୍କ ସମେତ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା।

# ବଜ୍ରପାତରେ ଯୁବକ ମୃତ

ଖୋର୍ଦ୍ଧା,୨।୯(ସମିସ): ମଙ୍ଗଳବାର ସକାଳୁ ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ସ୍ଥାନୀୟ ନବୀନାବାଗ ଅଞ୍ଚଳର ଲେନିନ ପାଇକରାୟ ଓରଫ ଗୁଡୁଲି (୨୬)। ମଙ୍ଗଳବାର ସକାଳୁ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଲେନିନ୍ ଘର ଦୁଆର ମୁହଁରେ ବସିଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ। ସେ ରକ୍ତବାନ୍ତି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଲେନିନ୍ ଜଣେ ପରୋପକାରୀ, ଉଦୀୟମାନ ଯୁବକ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉକି, ଲେନିନ୍ ବାପା-ମାଆଙ୍କର ଏକମାତ୍ର ପୁଅ ହୋଇଥିବା ବେଳେ ଗତ ୪ମାସ ତଳେ ବାପା ଲକ୍ଷ୍ମୀନାରାୟଣ ପାଇକରାୟଙ୍କର ମୃତ୍ୟୁ ହୋଇଥିଲା। ଏବେ ଏକ ମାତ୍ର ପୁଅର ମୃତ୍ୟୁକୁ ନେଇ ପରିବାରଲୋକ ଭାଙ୍ଗିପଡ଼ିଛନ୍ତି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଆମ୍ବୁଲାନ୍ସରେ ଅକ୍ସିଜେନ୍ ସରିଯିବାରୁ ମହିଳାଙ୍କ ମୃତ୍ୟୁ ଘଟଣା

# ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୨।୯(ସମିସ): ବାଟ ମଝିରେ ଅକ୍ସିଜେନ୍ ସରିଯିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ବେଳେ ଏକ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କ ମୃତ୍ୟୁ ହେବା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ବିଜୁ ଜନତା ଦଳ ଗଭୀର କ୍ଷୋଭ ପ୍ରକାଶ କରିଛି। ଗତ

■ ରକ୍ଷଣାବେକ୍ଷଣ ଅଭାବରୁ ବିପର୍ଯ୍ୟସ୍ତ ହୋଇଛି ୧୦୮ ଆମ୍ବୁଲାନ୍ସ ସେବା
■ ଆମ୍ବୁଲାନ୍ସ ବିଫଳତା ଯୋଗୁଁ ରାଜ୍ୟରେ ଦୁଇମାସରେ ଦୁଇଜଣଙ୍କ ମୃତ୍ୟୁ
■ ମୃତକ ମହିଳାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ସରକାର

ଏକ ବର୍ଷ ଭିତରେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଦଳ କହିଛି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେଲିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ବିଭିନ୍ନ ସମୟରେ ବିଜେଡି ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ନକରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା ଫୋନ୍ କରିବାର ୨୦ମିନିଟ୍ ଭିତରେ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ ଏବେ ରୋଗୀଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ୍ ଖେଳୁଥିବା ବେଳେ ଛାତିରେ ବଲ୍ ବାଜି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ପାରିନଥିଲା। ବାଧ୍ୟ ହୋଇ ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଲା ବେଳକୁ ସେଠାରେ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନପାରିବାରୁ ଗତକାଲି ପୁଣିଗୋଟିଏ ଅମୂଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଜଣଙ୍କ ପରେ ଜଣେ ପ୍ରାଣ ହରାଉଛନ୍ତି, କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁନାହିଁ। ତେଣୁ, ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ଏବଂ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜେଡି ଦାବି କରିଛି।

# ମହିଳାଙ୍କ ଭିଡିଓ ଭାଇରାଲ; ଜଣେ ଅଟକ

ପାଲଲହଡ଼ା, ୨।୯ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ତଥା ଥାନା ଅଧୀନ ଜଣେ ବିବାହିତ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଅଟକ ରଖିଛି। ମହିଳାଙ୍କ ଅଭିଯୋଗ ଅନୁସାରେ, ବିବାହ ପୂର୍ବରୁ ତେଲକୋଇ ଥାନା ଅଧୀନ ସିଙ୍କୁଲାବାହାଲ ଅଞ୍ଚଳର ଚିନ୍ମୟ ନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ତାଙ୍କ ସହ ଗର୍ଜନଖୋଲ ଜଳପ୍ରପାତ ଯାଇଥିବା ବେଳେ ସେଠାରେ ଚିନ୍ମୟ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଜାଣତରେ ଏହାର ଭିଡିଓ କରିଥିଲେ। ତେବେ ପରେ ଉଭୟଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ମହିଳାଜଣଙ୍କ ଅନ୍ୟତ୍ର ବିବାହ କରିବା ପରେ ଚିନ୍ମୟ ସେହି ଭିଡିଓକୁ ଭାଇରାଲ କରିଥିଲେ। ନିଜ ସମ୍ପର୍କୀୟଙ୍କଠାରୁ ଏହି ଖବର ପାଇ ଭିଡିଓ ଦେଖିବା ପରେ ସେ ପାଲଲହଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପାଲଲହଡ଼ା ଥାନାରେ କେସ ନଂ ୩୪୧ରେ ମାମଲା ରୁଜୁ କରି ଚିନ୍ମୟ ନାୟକକୁ ଅଟକ ରଖିଥିବା ଥାନା ପକ୍ଷରୁ ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝିଅ କବିତାଙ୍କୁ...

'କଲେଶ୍ୱରମ ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ'ରେ କେସିଆରଙ୍କ ନାମ ରହିଛି। କିନ୍ତୁ ସେତେବେଳେ ହରିଶ ରାଓ ଜଳସେଚନ ମନ୍ତ୍ରୀ ଥିଲେ। ମାତ୍ର ତାଙ୍କ ବିରୋଧରେ କୌଣସି ମାମଲା ନାହିଁ। ହରିଶ ରାଓଙ୍କ ଯୋଗୁଁ ତାଙ୍କ ନାମ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଆସିଲା ବୋଲି କବିତା କହିଥିଲେ। ଏହା ପୂର୍ବରୁ ମେ' ୨ରେ କବିତା ନିଜ ବାପାଙ୍କୁ ଲେଖିଥିବା ଚିଠି ପ୍ରଘଟ ହୋଇ ଯାଇଥିଲା। ଏଥିରେ ଦଳକୁ ବିଜେପିରେ ମିଶାଇବା ଚର୍ଚ୍ଚା ବିଷୟରେ ଉଲ୍ଲେଖ କରିଥିଲେ। ବିଜେପି ବିରୋଧରେ ମାତ୍ର ଦୁଇ ମିନିଟ କାହିଁକି ଭାଷଣ ଦେଇଥିଲେ ବୋଲି ପ୍ରଶ୍ନ କରିଥିଲେ।

ଏବେ ବିଆରଏସ ସୁପ୍ରିମୋ କେସିଆର ୭୩ ବର୍ଷରେ ପାଦ ଦେଲେଣି। ତେଣୁ ସେ ଧିରେ ଧିରେ ରାଜନୀତିରୁ ସନ୍ୟାସ ନେବେ ବୋଲି ଚର୍ଚ୍ଚା ହେଉଛି। ଏପରି ସମୟରେ ଦଳର ଆଗାମୀ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠୁଛି। କେସିଆର ନିଜ ପୁଅ କେଟିଆରକୁ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କରିଛନ୍ତି। ତେବେ କବିତା ନିଜକୁ ପ୍ରଭାବୀ ନେତ୍ରୀ ମାନୁଛନ୍ତି। ସେ ଦଳର ନେତୃତ୍ୱ ନେବାକୁ ଚାହୁଁଛନ୍ତି। ତେଣୁ ଏହାକୁ ବିବାଦର ଅନ୍ୟ ଏକ କାରଣ ଧରାଯାଉଛି। ୨୦୨୩ ପରେ ପାର୍ଟି ଏବଂ କ୍ୟାଡରକୁ ମଜବୁତ କରିବା ପାଇଁ ବିଆରଏସ ପ୍ରୟାସ କରୁଛି। ଏଭଳି ସ୍ଥିତିରେ ଭବିଷ୍ୟତର ନିଷ୍ପତ୍ତି, ଟିକଟ ବଣ୍ଟନ ଏବଂ ରଣନୀତିରେ କିଏ ପ୍ରମୁଖ ଭୂମିକା ନିର୍ବାହ କରିବା ତାହାକୁ ନେଇ କେସିଆର ପରିବାରରେ ଫାଟ ସୃଷ୍ଟି ହୋଇଛି।

## ଏନ୍ଆଇଟି ରାଉରକେଲା...

ନିର୍ଦ୍ଧାରିତ ହେଉଥିଲା। ତୈଳ କୂପରୁ ଉତ୍ପାଦିତ ପେଟ୍ରୋଲିୟମ୍ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଥିଲା। ମାତ୍ର ଏକବିଂଶ ଶତାବ୍ଦୀର ଶକ୍ତି ଏକ ଛୋଟ ଚିପ୍ ମଧ୍ୟରେ ସୀମିତ। ଏହି ଚିପ୍ ଛୋଟ ହୋଇପାରେ, କିନ୍ତୁ ଏଥିରେ ବିଶ୍ୱର ପ୍ରଗତିକୁ ଏକ ବଡ଼ ପ୍ରେରଣା ଦେବାର ଶକ୍ତି ନିହିତ ରହିଛି। ସେଥିପାଇଁ ଆଜି ସେମିକଣ୍ଡକ୍ଟର ଜଗତର ବଜାର ୬୦୦ ବିଲିୟନ ଡଲାରରେ ପହଞ୍ଚିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଏକ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ଭାରତ ଯେଉଁ ଗତିରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଗତି କରୁଛି, ସେହି ଗତିରେ ଏହି ଏକ ଟ୍ରିଲିୟନ ବଜାର ଅଂଶରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରୁ ପ୍ରସ୍ତୁତ ଚିପ୍‌କୁ ନେଇ ପ୍ରଶଂସା କରିଛନ୍ତି । 'ଏକ୍ସ'ରେ ସେ କହିଛନ୍ତି ଯେ ଏହି ଘଟଣା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଭାରତର ପ୍ରଥମ ସ୍ୱଦେଶୀ ଚିପ୍ ଉଦ୍ଭାବନର ଅଂଶ ଭାବରେ ବ୍ରହ୍ମପୁର ସ୍ଥିତ ପିଏମ୍ଇସି ଓ ଏନ୍ଆଇଟି ରାଉରକେଲାର ସଫଳତା ଆମ ଦେଶର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଉଲ୍ଲେଖନୀୟ ସଫଳତା ଆମ ରାଜ୍ୟ ମଧ୍ୟରେ ପରିପୂର୍ଣ୍ଣ ପ୍ରତିଭା ଏବଂ ନବସୃଜନକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଓଡ଼ିଶାର ଭୂମିକା ମଧ୍ୟ ଉଜ୍ଜ୍ୱଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କମିବ ୧୭୫ ସାମଗ୍ରୀର...

ଗୋଷ୍ଠୀ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ବୈଦ୍ୟୁତିକ ଯାନବାହନ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସମର୍ଥନ କରିଛନ୍ତି। ଏଥିରେ ଘିଅ, ଶୁଖିଲା ଫଳ, ୨୦ ଲିଟର ପାନୀୟ ଜଳ, ଅଣ-କାର୍ବୋନେଟେଡ୍ ପାନୀୟ, ନମକିନ୍, ଚପଲ ଏବଂ ପୋଷାକ, ଔଷଧ ଏବଂ ଚିକିତ୍ସା ଉପକରଣ ଭଳି ଅଧିକାଂଶ ସାଧାରଣ ଖାଦ୍ୟ ସାମଗ୍ରୀ ୫ରୁ ୧୨ ପ୍ରତିଶତ ଟିକସ ବର୍ଗରେ ଆସିପାରେ। ଅନ୍ୟପକ୍ଷରେ ତମାଖୁ, ପାନ ମସଲା ଏବଂ ସିଗାରେଟ୍ ଭଳି ସାମଗ୍ରୀ ଉପରେ ମଧ୍ୟ ୪୦ ପ୍ରତିଶତର ଏକ ସ୍ୱତନ୍ତ୍ର ଟିକସ ହାର ଲାଗୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାସହ ସରକାର ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ପ୍ରିମିୟମକୁ ଜିଏସ୍‌ଟି ମୁକ୍ତ କରିପାରନ୍ତି।

## ସାରା ରାଜ୍ୟରେ...

ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପ୍ଟେମ୍ବର ୩ ଅର୍ଥାତ ବୁଧବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରରେ ସର୍ବାଧିକ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, କୋରାପୁଟ, ନୂଆପଡ଼ା ଓ ବଲାଙ୍ଗିରରେ ପ୍ରବଳ ଯୋଗୁଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ବୁଧବାର ପରେ ବର୍ଷାର ପ୍ରଭାବ ଅପେକ୍ଷାକୃତ କମିଲେ ମଧ୍ୟ ପରବର୍ତ୍ତୀ ୩ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ।

ଅନ୍ୟପଟେ ରାଜ୍ୟରେ ପ୍ରବଳ ବର୍ଷା ପରେ ପୁଣିଥରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ସୋମବାର ରାତି ସୁଦ୍ଧା ସୁବର୍ଣ୍ଣରେଖା ବେସିନରେ ୨୦.୯୭ ମିମି ବର୍ଷା ହୋଇଛି। ସେହିପରି, ବୁଢ଼ାବଳଙ୍ଗରେ ୪୩.୦୭ ମିମି, ବୈତରଣୀରେ ୩୦.୬୫ ମିମି ବର୍ଷା ହୋଇଛି। ତେଣୁ ବୈତରଣୀ, ବୁଢ଼ାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏହା ସତର୍କ ସଂକେତ ଉପରକୁ ଯିବାର ଆଶଙ୍କା ରହିଛି। ମଙ୍ଗଳବାର ବିଶେଷ ବର୍ଷା ନ ହେଲେ ବିପଦ ସଂକେତ ଟପିବ ନାହିଁ। ବର୍ତ୍ତମାନ କୌଣସି ନଦୀରେ ବନ୍ୟା ନାହିଁ ବୋଲି ସେ କହିଛନ୍ତି। ସେହିପରି ହୀରାକୁଦରେ ଜଳସ୍ତର ୬୨୭.୩୧ ଫୁଟ୍ ରହିଥିବା ବେଳେ ରେଙ୍ଗାଲିର ୧୨୨.୭୩ ମିଟର ଜଳ ଅଛି। ହୀରାକୁଦରେ ୬ଟି ଗେଟ୍ ଦେଇ ବର୍ତ୍ତମାନ ବନ୍ୟାଜଳ ନିଷ୍କାସିତ ହେଉଛି। କେନ୍ଦୁଝରର ହାଟଡିହି ଓ ଘସିପୁରା, ବାଲେଶ୍ୱର ସହରରେ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଛି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି ରହିଛି। ବେଳେବେଳେ ୬୦ କିମି ପର୍ଯ୍ୟନ୍ତ ଝଟକା ପବନର ଆଶଙ୍କା ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ହୀରାକୁଦରୁ ୬ ଗେଟ୍‌ରେ...

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୪୧ ଫୁଟ୍ ରହିଛି। ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୬.୫୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୩.୬୬ ମିମି ବର୍ଷା ହୋଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୪୩ ଫୁଟ୍ ରହିଥିଲା।

ଉଲ୍ଲେଖଯୋଗ୍ୟ, ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ ପାଇଁ ଗତ ୨୩ ତାରିଖ ନଦୀବନ୍ଧର ଗେଟ୍ ଖୋଲାଯାଇଥିବା ବେଳେ ୨୮ ତାରିଖରେ ବନ୍ଦ କରିଦିଆଯାଇଥିଲା।

## ବସ୍ତାନୀ ବୋଝରେ...

ପାଠପଢ଼ାରୁ ଧ୍ୟାନ ହଟିବା ସହ ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ହୁଏ। ବିଦ୍ୟାଳୟରେ ପିଲାଙ୍କ ବସ୍ତାନୀ ବୋଝ ଯାଞ୍ଚ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଗଠନ କରାଯାଇଛି। ହେଲେ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ଏବଂ ଅଭିଭାବକଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ଓଜନର ବ୍ୟାଗ୍ ନେଇ ପିଲାମାନେ ବିଦ୍ୟାଳୟକୁ ଆସୁଛନ୍ତି। ବିଶେଷକରି ଘରୋଇ ବିଦ୍ୟାଳୟଗୁଡ଼ିକ ଏହାକୁ ଭ୍ରୁକ୍ଷେପ କରୁ ନାହାନ୍ତି। ବିଶେଷକରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ହୋମ୍‌ୱାର୍କ ନ ଦେବାର ନିୟମ ଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏହାକୁ ପାଳନ କରାଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ପିଲାଙ୍କ ଉପରେ ଶାରିରୀକ ଓ ମାନସିକ ଚାପ ପଡ଼ିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅନ୍ଧକାରମୟ ହେଉଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ବ୍ୟାଗ୍ ଓଜନ୍ ଯାଞ୍ଚକୁ ଆହୁରି କଡ଼ାକଡ଼ି କରିବାକୁ ମଧ୍ୟ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ବ୍ୟାଗ୍‌ର ଓଜନ ୧.୫ କେଜି ରଖାଯାଇଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ୪.୫ କେଜି ଓ ଦଶମ ଶ୍ରେଣୀ ପିଲାମାନେ ଅତିବେଶୀରେ ୫ କେଜି ଓଜନର ବ୍ୟାଗ୍ ପକାଇ ବିଦ୍ୟାଳୟକୁ ଯିବାର ନିୟମ ରହିଛି।

## ଫୁଲବାଣୀ, ତାଳଚେର ମେଡିକାଲ...

ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନଏମସିର ଟିମ ଗତ ମେ ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। ପବିତ୍ର ମୋହନ ଓ ଫୁଲବାଣୀ କଲେଜକୁ ଅନୁମତି ମିଳିବା ପରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪ରୁ ବୃଦ୍ଧି ପାଇ ୧୬ରେ ପହଞ୍ଚିଛି।

## ରାସ୍ତାରେ ଜାଲ...

ଯାଇଥିବା ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଘେରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଥିଲେ। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ପଶିଯାଇଥିଲା। ବାଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ଼ ନାଳଗୁଡ଼ିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲକ୍ଷିତ ହେଉଛି। ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ସ୍ଥାୟୀ ସମାଧାନ ପାଇଁ ପୌର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ହୀନସ୍ତା ହେଉଛନ୍ତି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଆଜି ସକାଳେ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଦୁଇଟି ଡିପିଆର ପ୍ରସ୍ତୁତ କରାଯାଉଛି। ଅଧିକାଂଶ ସ୍ଥାନରେ ଜବରଦଖଲ ରହିଛି। ଦୁଇଟି ଡିପିଆର ଚୂଡ଼ାନ୍ତ ହୋଇ ମଞ୍ଜୁରୀ ହେବା ପରେ ପଦକ୍ଷେପ ନିଆଯିବ।

## ସେପଟେ ଲବି...

ବରିଷ୍ଠମାନେ ମନ୍ତ୍ରୀ ହେବା ଆବଶ୍ୟକ ବୋଲି କହିଛନ୍ତି। ବରିଷ୍ଠ ଓ ଅଭିଜ୍ଞ ବିଧାୟକଙ୍କୁ ମନ୍ତ୍ରୀ ହେବା ଆବଶ୍ୟକ। ମୁଁ ଶହେ ଶହେରେ ମନ୍ତ୍ରୀ ହେବାର ଇଚ୍ଛା ଅଛି। ମତେ ଯେଉଁ ବିଭାଗର ମନ୍ତ୍ରୀ ଦେଲେ ମଧ୍ୟ ମୁଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ। ଜୟନାରାୟଣ ମିଶ୍ର ପୂର୍ବରୁ ମନ୍ତ୍ରୀ ଥିଲେ, ଦଳର ବରିଷ୍ଠ ନେତା। ତେଣୁ ସେ ମନ୍ତ୍ରୀ ହେବା ଉଚିତ୍ ବୋଲି ଶ୍ରୀ ସୋରେନ ମନ୍ତବ୍ୟ ରଖିଛନ୍ତି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁନଥିବା ବେଳେ ବରିଷ୍ଠ ବିଧାୟକଙ୍କର ଏପରି ବୟାନ ତାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଛି। ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ସବୁ କୋଟେରୀକୁ ଖୁସି କରିବା ପରି ପୂର୍ଣ୍ଣାଙ୍ଗ ମନ୍ତ୍ରୀମଣ୍ଡଳ ଗଠନ ନିଶ୍ଚିତଭାବେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆହ୍ୱାନ ହେବ ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ଧନ ବୃଦ୍ଧି ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ମାନ ସମ୍ମାନ ବୃଦ୍ଧି ପାଇବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସାହିତ୍ୟ ଓ କଳା ପ୍ରତି ରୁଚି ବଢ଼ିବ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ। କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ। ବ୍ୟବସାୟରୁ ଲାଭ ମିଳିବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି। ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳା ଓ ସମ୍ମାନରେ ସମ୍ମାନିତ ହୋଇପାରନ୍ତି।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ପୁରୁଣା ବନ୍ଧୁ ସହ ସାକ୍ଷାତ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଦାନ ଧର୍ମ କରନ୍ତୁ। ଗୁରୁଜନଙ୍କ ଆଦେଶ ପାଳନ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

## ଆଜିର ଇତିହାସ

- ୧୭୮୩- ଆମେରିକା ଓ ବ୍ରିଟେନ ମଧ୍ୟରେ ପ୍ୟାରିସ୍ ସନ୍ଧି ହୋଇଥିଲା।
- ୧୯୨୪- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ।
- ୧୯୭୧- କତାର ସ୍ୱାଧୀନ ରାଷ୍ଟ୍ର ହେଲା।
- ୨୦୦୩- ପାକିସ୍ତାନ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଉପରେ ଦେଶଦ୍ରୋହ ମୋକଦ୍ଦମା ଚଳାଇବା ପାଇଁ ନିଷ୍ପତ୍ତି ନେଲେ।
- ୨୦୧୪- ଭାରତ ଓ ପାକିସ୍ତାନରେ ଅଚାନକ ବନ୍ୟା ଯୋଗୁଁ ଦୁଇ ଶହ ଲୋକଙ୍କ ମୃତ୍ୟୁ।

# ଅପରାଧମୁକ୍ତ ଗାଁ



ଆଜିର ସମୟରେ ସହର ହେଉ କି ଗାଁ ସବୁଠାରେ ଚୋରି, ଲୁଟ୍‌ପାଟ, ହତ୍ୟା ଆଦି ଘଟଣା ଦେଖିବାକୁ ମିଳୁଛି। ଏହି ମାମଲା ଥାନା ଯାଏଁ ଯାଉଛି। ହେଲେ ଆଜି ବି ଭାରତରେ ଏମିତି ଏକ ଗାଁ ଅଛି, ଯେଉଁଠି ମାମଲା ଥାନା ଯାଏଁ ଯାଇନାହିଁ। ଝାରଖଣ୍ଡ, ଲାତେହାର ଜିଲ୍ଲା, ପୋଚରା ପଞ୍ଚାୟତ ଅନ୍ତର୍ଗତ ଲାଲଗାଡ଼ି ଗାଁ। ଏହି ଗାଁଟି ଅପରାଧମୁକ୍ତ ଗାଁ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଗାଁରେ ବାଦ ବିବାଦ ହେଲେ ସବୁ ଗ୍ରାମବାସୀ ଏକାଠି ବସି ଏହାର ସମାଧାନ ବାହାର କରି ଦିଅନ୍ତି। ଲାଲଗାଡ଼ିରେ ଖରୱାର ଜନଜାତିର ପ୍ରାୟ ୨୦୦ ପରିବାର ବାସବାସ କରନ୍ତି। ଗାଁ ଲୋକଙ୍କ ମୁଖ୍ୟ ଜୀବିକା କହିଲେ କୃଷି। ଗ୍ରାମବାସୀମାନେ ପରସ୍ପରକୁ ସୁବିଧା ଅସୁବିଧାରେ ସାହାଯ୍ୟ କରନ୍ତି। ଏହି ଗାଁରେ ଚୋରି ମାମଲା ବି ଥାନାକୁ ଯାଇନି। ହତ୍ୟା ଓ ଡକାୟତି ଭଳି ମାମଲା ମଧ୍ୟ ଏଠି ଦେଖାଯାଇନି। ଗ୍ରାମବାସୀ ଛୋଟମୋଟ ଘଟଣାକୁ ନେଇ ଥାନା କିମ୍ବା ଅଦାଲତକୁ ଯିବା ଅପେକ୍ଷା ଗାଁ ଭିତରେ ତା'ର ସମାଧାନ କରିବାକୁ ପସନ୍ଦ କରନ୍ତି। ସେହିଭଳି ଏଠାକାର ବାସିନ୍ଦା କୃଷି ଓ ପଶୁପାଳନ ଦ୍ୱାରା ବେଶ୍ ଭଲ ରୋଜଗାର କରୁଥିବାବେଳେ ସେମାନଙ୍କ ପିଲାମାନଙ୍କୁ କିପରି ଉଚ୍ଚ ଶିକ୍ଷା ଦେବେ ତାହା ଉପରେ ଗୁରୁତ୍ୱ ଦିଅନ୍ତି। ସେହିଭଳି ଲାତେହାର ପୁଲିସ୍ ଷ୍ଟେସନରେ କାର୍ଯ୍ୟରତ ପୁଲିସ୍ କର୍ମୀମାନେ ମଧ୍ୟ ଏହି ଗାଁକୁ ନେଇ ବହୁତ ଖୁସି। ଅପରାଧରୁ ଦୂରେଇ ରହିବା ଓ ସକାରାତ୍ମକ ଚିନ୍ତା ନେଇ ବଞ୍ଚିବାକୁ ଏଠାକାର ଲୋକେ ଗୁରୁତ୍ୱ ଦିଅନ୍ତି। ଗ୍ରାମବାସୀଙ୍କ ଏଭଳି ଚିନ୍ତାଧାରା ଯୋଗୁଁ ଏବେ ଏହି ଗାଁଟି ଅପରାଧ ମୁକ୍ତ ଗାଁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

# 'ପରମ ସୁନ୍ଦରୀ' ପାଇଁ ସିଦ୍ଧାର୍ଥ ନେଇଛନ୍ତି ୧୨ କୋଟି

ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ 'ପରମ ସୁନ୍ଦରୀ' ନିକଟରେ (ଅଗଷ୍ଟ ୨୯)ରେ ରିଲିଜ୍ ହୋଇଛି। ଏହାର ରିଲିଜ୍ ଦିନକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିଲେ। କାରଣ ଏହାର ଟ୍ରେଲର୍ ଓ ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଥିଲା। ୪୫ କୋଟିରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ତୁଷାର ଜଲୌଟା ଥିଲେ। ଏହା ବକ୍ସ ଅଫିସ୍‌ରେ ଏଯାବତ୍ ଠିକ୍‌ଠାକ୍ ବ୍ୟବସାୟ କରିଛି। ତେବେ ଏହି ଫିଲ୍ମ ପାଇଁ ସିଦ୍ଧାର୍ଥ ୧୦-୧୨ କୋଟି ପାରିଶ୍ରମିକ ବାବଦରେ ନେଇଥିବା ଜଣାପଡ଼ିଛି। ଏହି ଫିଲ୍ମରେ ସିଦ୍ଧାର୍ଥ ଜଣେ ଉତ୍ତର ଭାରତୀୟ ଯୁବକ ଭୂମିକାରେ ନଜର ଆସିଛନ୍ତି। ସେହିଭଳି ଜାହ୍ନବୀ ଏଥିରେ ଜଣେ ଦକ୍ଷିଣ ଭାରତୀୟ ଯୁବତୀ ଭୂମିକାରେ ଦେଖି ଯାଇଛନ୍ତି। ଏଥିପାଇଁ ସେ ପାରିଶ୍ରମିକ ବାବଦରେ ୪ରୁ ୫ କୋଟି ନେଇଛନ୍ତି। ସଞ୍ଜୟ କପୁରଙ୍କର ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ପାରିଶ୍ରମିକ ବାବଦରେ ୫୦ ଲକ୍ଷ ନେଇଛନ୍ତି। ସେହିପରି ଏଥିରେ ସହ କଳାକାର ଭାବେ ଦେଖାଯାଇଥିବା ଅଭିନେତା ମନଜୋତ ସିଂହ ପାରିଶ୍ରମିକ ବାବଦରେ ୨୫ ଲକ୍ଷ ନେଇଥିବା ଜଣାପଡ଼ିଛି।



# ଗେଣ୍ଡା ପାଇଁ ସାଥୀ ଖୋଜା

ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଲା ପରେ ପୁଅ ଝିଅଙ୍କ ପାଇଁ ପାତ୍ରପାତ୍ରୀ ଖୋଜାଯାଇଥାଏ। ପୂର୍ବରୁ ବନ୍ଧୁବାନ୍ଧବ ଓ ମଧ୍ୟସ୍ଥିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଥିଲା। ଏବେ ଏହି କାମକୁ ସହଜ କରିଛି ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକ। ହେଲେ ଏବେ ନ୍ୟୁଜିଲ୍ୟାଣ୍ଡରେ ଏକ ଗେଣ୍ଡା ପାଇଁ ସାଥୀ ଖୋଜିବା ନିମନ୍ତେ ଏକ ଅଭିଯାନ ଚଳାଯିବା ଘଟଣା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଗେଣ୍ଡାଟି ଏକ ଦୁର୍ଲଭ ଗେଣ୍ଡା। ସାଧାରଣତଃ ସବୁ ଗେଣ୍ଡାର ଖୋଳପା ଡାହାଣ ଆଡ଼କୁ ମୋଡ଼ି ହୋଇଥିବାବେଳେ ନେଡ୍ ନାମକ ଏହି ଦୁର୍ଲଭ ଗେଣ୍ଡାର ଖୋଳପା ବାମ ଆଡ଼କୁ ମୋଡ଼ି ହୋଇଛି। ପ୍ରାୟ ୪୦ ହଜାର ଗେଣ୍ଡାଙ୍କ ମଧ୍ୟରୁ ଗୋଟିଏର ଆକୃତି ଏଭଳି ହୋଇଥାଏ। ସେଥିପାଇଁ ଏହା ଦୁର୍ଲଭ। ତେବେ ନେଡ୍ ଯେପରି



ସାରା ଜୀବନ ଏକା ନ ରୁହେ ସେଥିପାଇଁ ସାମାଜିକ ଗଣମାଧ୍ୟମରେ ତା ପାଇଁ ସାଥି ଖୋଜା ଅଭିଯାନ ଆରମ୍ଭ ହୋଇଛି। ତେବେ ନେଡ୍‌କୁ ଚିତ୍ରଶିଳ୍ପୀ ତଥା ଲେଖିକା ଗିଜେଲ କ୍ଲାର୍କସନ୍ ତାଙ୍କ ବଗିଚାରୁ ପାଇଥିଲେ। ସେ ତାଙ୍କ ବଗିଚାରେ ମାଟି ଖୋଳୁଥିବା ସମୟରେ ଏହାକୁ ଠାବ କରିଥିଲେ। ତେବେ ଏହି ଗେଣ୍ଡାଟି ଦୁର୍ଲଭ ପ୍ରଜାତିର ହୋଇଥିବା ଜାଣି ଗିଜେଲ ତା ପାଇଁ ସଙ୍ଗେସଙ୍ଗେ ଏକ ଆକ୍ୱାରିୟମ୍‌ର ବ୍ୟବସ୍ଥା କରିଥିଲେ। ସେ ଏବେ ନେଡ୍ ପାଇଁ ସାଥୀ ଖୋଜିବା ନିମନ୍ତେ ସାମାଜିକ ଗଣମାଧ୍ୟମର ସାହାଯ୍ୟ ନେଇଛନ୍ତି। ସେ ନେଡ୍ ପାଇଁ ସାଥୀଟିଏ (ଏଭଳି ଏକ ଗେଣ୍ଡା) ଖୋଜି ଦେବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ ୨୦୧୭ ରେ ବି ଏଭଳି ଏକ ମାମଲା ସାମ୍ନାକୁ ଆସିଥିଲା। ଲଣ୍ଡନରେ ବାମ ପାଖକୁ ମୋଡ଼ି ହୋଇଥିବା ଏକ ଗେଣ୍ଡାର ସାଥୀ ଆନ୍ତର୍ଜାତିକ ସ୍ତରରେ ଖୋଜା ଯାଇଥିଲା। ଶେଷରେ ଏଭଳି ଦୁଇଟି ଗେଣ୍ଡାକୁ ଠାବ କରାଯାଇଥିଲା।

## ସମ୍ଭାବନା





# ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ଅଙ୍ଗୁଳି ଦେଖାଇବା

**ସାଧାରଣତଃ କଥାବାର୍ତ୍ତା ସମୟରେ କାହାକୁ ଅଙ୍ଗୁଳି ଉଠାଇ କଥା କହିବା ସାଧାରଣ ଲାଗିପାରେ। ହେଲେ ଏହା ବ୍ୟକ୍ତିତ୍ୱର ଅନେକ ଦିଗକୁ ପ୍ରକାଶ କରିଥାଏ।**

- କୌଣସି ବ୍ୟକ୍ତି କଥା କହିବା ସମୟରେ ସାମ୍ନାବାଲାଙ୍କୁ ଅଙ୍ଗୁଳି ଉଠାଇ ଇସାରା କରୁଥିଲେ, ନିଜକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥାନ୍ତି। ତେବେ ଏହା ଆତ୍ମବିଶ୍ୱାସକୁ ଇଙ୍ଗିତ କରି ନ ଥାଏ, ବରଂ ଏହା ରାଜୁତି ଚଳାଇବା ମାନସିକତାକୁ ଦର୍ଶାଏ।
- ଅନ୍ୟପ୍ରତି ଅଙ୍ଗୁଳି ଉଠାଇବା ଅଧୈର୍ଯ୍ୟତାକୁ ପ୍ରତିଫଳିତ କରେ। ଏଭଳି ଲୋକ କଥାବାର୍ତ୍ତା ବେଳେ ସଂଯମତା ରକ୍ଷା କରି ନ ଥାନ୍ତି। ଏହା ସମ୍ପର୍କ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଏ।
- ବାରମ୍ବାର ଜଣକ ପ୍ରତି ଅଙ୍ଗୁଳି ଉଠାଇଥିବା ଲୋକ ଅନ୍ୟକୁ ଦୋଷ ଦେବାକୁ ପସନ୍ଦ କରନ୍ତି।
- ଅନେକ ଲୋକ ଅଭ୍ୟାସଗତ ଭାବରେ ଆଲୋଚନା କରିବା ବେଳେ ଅଙ୍ଗୁଳି ଉଠାନ୍ତି, ଏହା ଅହଂକାରକୁ ପ୍ରତିଫଳିତ କରେ। ଏହା ଦ୍ୱାରା ସେମାନଙ୍କ ମତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇବାକୁ ଚେଷ୍ଟା କରନ୍ତି।

# କୌଶଳରୁ ସଫଳତା

**ଏବର ପ୍ରତିଯୋଗିତା ଓ ବଦଳୁଥିବା ସମୟରେ ଉପଯୁକ୍ତ ଜ୍ଞାନ ଓ ସଫଳତା ପାଇଁ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ। ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କିଛି କୌଶଳକୁ ଆପଣାଇଲେ ଜୀବନରେ ସଫଳତା ନିହାତି ମିଳିଥାଏ।**

**କଥାବାର୍ତ୍ତା କୌଶଳ:** ସାକ୍ଷାତକାର ହେଉ ଅବା ଟିମ୍‌ରେ କାମ କରିବା ବେଳେ ଅବା ଲୋକଙ୍କ ସହ ସାମାଜିକ ମିଳାମିଶା କରିବା ବେଳେ ନିଜ କଥା ସ୍ପଷ୍ଟ, ଆତ୍ମବିଶ୍ୱାସର ସହ ବିନମ୍ର ଭାବେ କୁହନ୍ତୁ। ଏହା ଦ୍ୱାରା ସଫଳତା ରାସ୍ତା ସହଜ ହୁଏ।

**ଟାଇମ୍ ମ୍ୟାନେଜମେଣ୍ଟ:** ମୋବାଇଲ ଏବଂ ଡିଜିଟାଲ ଗ୍ୟାଜେଟ ବ୍ୟବହାର ଭିତରେ ସମୟର ସଦୁପଯୋଗ କରିବା ହେଉଛି ଅସଲ କଳା। ଏହା ଦ୍ୱାରା ମଣିଷ ନିଜର ପ୍ରାଥମିକତାକୁ ଚିହ୍ନଟ କରି ସମୟ ପରିଚାଳନା କରେ ଏବଂ ସଫଳତା ପ୍ରତି ଅଗ୍ରସର ହୁଏ।



**ନିର୍ଣ୍ଣୟ ନେବାର ନିଷ୍ପତ୍ତି:** ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଠିକ୍ ବିକଳ୍ପ ଚୟନ କରିବା ଏବଂ ସମସ୍ୟାର ସମାଧାନ ଖୋଜିବା ହେଉଛି ଏକ ବଡ଼ କୌଶଳ। ଏହି ଅଭ୍ୟାସ କ୍ୟାରିୟରକୁ ମଜଭୁତ କରେ। ତା'ସହ ନେତୃତ୍ୱ ନେବା ଦିଗରେ ଅଗ୍ରସର କରାଏ।

**ଟିମ୍ ୱାର୍କ ଏବଂ ଡିଜିଟାଲ ଜ୍ଞାନ:** ବୃତ୍ତିଗତ ଜୀବନରେ ଟିମ୍‌ରେ କାମ କରିବା, ଅନ୍ୟକୁ ଶୁଣିବା ଏବଂ ଆବଶ୍ୟକତା ପଡ଼ିଲେ ନେତୃତ୍ୱ ନେବାକୁ ହୋଇଥାଏ। ସେହିପରି ଏବେ ଡିଜିଟାଲ ଜ୍ଞାନ କୌଣସି ବିକଳ୍ପ ନୁହେଁ, ବରଂ ଜରୁରି କୌଶଳ ପାଲଟିଛି।

# କୋ-ୱାର୍କିଂରେ କାମ କରିବାର ଲାଭ



**କୋ-ୱାର୍କିଂ ସ୍ପେସ୍ ଏମିତି ଏକ ଅଫିସ୍, ଯେଉଁଠାରେ ଅଲଗା ଅଲଗା କମ୍ପାନିର କର୍ମଚାରୀ ଗୋଟିଏ ଜାଗାରେ କାମ କରନ୍ତି। ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ଏହା ହେଉଛି ଏକ ଉତ୍ତମ ବିକଳ୍ପ।**


ସାଧାରଣତଃ ନିଜସ୍ୱ ଅଫିସ୍ ଖୋଲିବାକୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। ଘର ଭଡ଼ା, ବିଜୁଳି, ଇଣ୍ଟରନେଟ୍ ଫର୍ଣ୍ଣିଚର ଆଦି ଉପରେ ଖର୍ଚ୍ଚ କରିବାକୁ ହୁଏ। ହେଲେ କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ଗୋଟିଏ ପ୍ୟାକେଜ୍‌ରେ ମିଳିଥାଏ। ଯାହାକି ଶସ୍ତା ହୁଏ। କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ପୂର୍ବରୁ ହିଁ ଉପଲବ୍ଧ ଥାଏ। ଏଥିରେ ସମୟ ଓ ଟଙ୍କା ସଞ୍ଚୟ ହୁଏ। ତା'ସହ ଡିଜାଇନର, ମାର୍କେଟିଂ ଏକ୍ସପର୍ଟ, ଓକିଲ ତଥା ଷ୍ଟାର୍ଟଅପ୍ ମାଲିକଙ୍କ ଭଳି ଅଲଗା ଅଲଗା କ୍ଷେତ୍ରର ଲୋକଙ୍କ ସହ ଭେଟ ହେବାର ସୁଯୋଗ ମିଳେ। ଏହା ଦ୍ୱାରା ନୂଆ ସମ୍ବନ୍ଧ ତିଆରି କରାଯାଇପାରିବ।

ଅନ୍ୟପଟେ ଘରେ କାମ କରିବାରେ ଠିକ୍ ଭାବେ କାମ ଉପରେ ଧ୍ୟାନ କେନ୍ଦ୍ରିତ କରି ହୁଏ ନାହିଁ। ତେବେ କୋ-ୱାର୍କିଂ ସ୍ପେସ୍‌ରେ କାମ କରିବାର ପରିବେଶ ମିଳେ। ଯାହାକି କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଦିଗରେ ସାହାଯ୍ୟ କରେ। ଏଥିରେ କେତେବେଳେ ବି ନିଜ ସଦସ୍ୟଙ୍କ ସଂଖ୍ୟା ବଢ଼ାଇପାରିବେ ଓ କମାଇପାରିବେ। ସେହିପରି ନିଜ ଗ୍ରାହକ ତଥା କ୍ଲାଏଣ୍ଟଙ୍କ ସହ ମିଶିବାର ଏକ ଉତ୍ତମ ସ୍ଥାନ ମିଳେ। ଏହା ମିଟିଂ ରୁମ୍‌ର ସୁବିଧା ପ୍ରଦାନ କରେ।

ଏକାକୀ କାମ କରୁଥିବା ଲୋକ ମୁଖ୍ୟତଃ ଏକାକୀତ୍ୱ ଅନୁଭବ କରନ୍ତି। ଏଭଳି ପରିବେଶରେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିପାରିବେ। ନିଜ ସମସ୍ୟା ମଧ୍ୟ ଅନ୍ୟକୁ ଜଣାଇପାରିବେ। କାରଣ ଏଥିରେ ଅଲଗା ଅଲଗା କ୍ଷେତ୍ରର ଲୋକ କାମ କରନ୍ତି। କେବଳ ସେତିକି ନୁହେଁ, ନୂଆ ଜିନିଷ ଏବଂ କାମ କରିବାର ଅଲଗା ଅଲଗା ଉପାୟ ମଧ୍ୟ ଶିକ୍ଷା ଲାଭ କରି ହୁଏ। ଯାହାକି କ୍ୟାରିୟର୍ ଉନ୍ନତିରେ ସହାୟକ ହୁଏ।

# ହ୍ୱାଟ୍ସଆପ୍‌ର 'କଲ୍ ସିଡ୍ୟୁଲ୍' ଫିଚର୍

ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍ ଆଣିଥାଏ। ଏହି କ୍ରମରେ ହ୍ୱାଟ୍ସଆପ୍‌ର କଲିଂ ଫିଚର୍‌ରେ ନୂଆ ଅପଡେଟ୍ ଆସିଛି। ଏଥିରେ ପୂର୍ବରୁ କଲ୍ ସିଡ୍ୟୁଲ କରାଯାଇପାରିବ। ଫ୍ୟାମିଲି ଗ୍ରୁପ୍ ଚାଟ୍ ହେଉ କିମ୍ବା ଅଫିସ୍ ମିଟିଂ ପାଇଁ ଏବେ ସମୟ ନିର୍ଦ୍ଧାରଣ କରି ଲୋକଙ୍କୁ ଆମନ୍ତ୍ରିତ କରିପାରିବେ। ସେହିପରି ଏହି ଫିଚର୍ ମାଧ୍ୟମରେ କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ। ତେଣୁ ଏହି ନୂଆ ଫିଚର୍ ମାଧ୍ୟମରେ ପୂର୍ବରୁ ଗ୍ରୁପ୍ କଲ୍ କରାଯାଇପାରିବ। ତେବେ ସମସ୍ତ କଲ୍ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦ୍ୱାରା ସୁରକ୍ଷିତ ରହିବ ବୋଲି କମ୍ପାନି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଗାମୀ ଦିନରେ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ।



ଏହି ନୂଆ ଫିଚର୍ କେମିତି କାମ କରେ, ସେ ସମ୍ପର୍କରେ ଜାଣିବା ଜରୁରି। ପ୍ରଥମେ ହ୍ୱାଟ୍ସଆପ୍ ଅନ୍ କରି କଲ୍ ଟ୍ୟାବ୍‌କୁ ଯାଆନ୍ତୁ। ଏହା ପରେ ଉପରେ ଦିଆଯାଇଥିବା କଲ ଆଇକନ୍ ଉପରେ ଟ୍ୟାପ୍ କରନ୍ତୁ। ଯେଉଁ କଣ୍ଟାକ୍ଟ ବା ଗ୍ରୁପ୍‌କୁ କଲ୍ କରିବାର ଅଛି, ତାହାକୁ ଚୟନ କରନ୍ତୁ। ତୁରନ୍ତ କଲ୍ କରିବା ପରିବର୍ତ୍ତେ ଏଥିରେ ସିଡ୍ୟୁଲ୍ କଲ୍ ବିକଳ୍ପ ବାଛନ୍ତୁ। ଏହାପରେ ତାରିଖ ଓ ସମୟ ସହ ଭିଡିଓ କିମ୍ବା ଅଡିଓ କଲ୍ କରିବାକୁ ଚାହୁଁଛନ୍ତି, ସେକଥା ସ୍ଥିର କରନ୍ତୁ। ଶେଷରେ ଗ୍ରୀନ୍ ବଟମ୍ ଦବାଇ ସୁନିଶ୍ଚିତ କରନ୍ତୁ। ସେହିପରି ସିଡ୍ୟୁଲ୍ କରାଯାଇଥିବା କଲ୍ ଅପ୍‌କମିଂ କଲ୍ ଲିଷ୍ଟରେ ପ୍ରଦର୍ଶିତ ହେବ। କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ। ଅନ୍ୟପଟେ ଗ୍ରୁପ୍ ମିଟିଂ ଏବଂ ଫ୍ୟାମିଲି ଭିଡିଓ କଲ୍‌ର ଯୋଜନା କରୁଥିବା ବ୍ୟବହାରକାରୀଙ୍କ ଲାଗି ଏହା ଉପଯୋଗୀ ସାବ୍ୟସ୍ତ ହେବ।

## ପାକିସ୍ତାନକୁ ହରାଇଲା ଆଫଗାନିସ୍ତାନ

ଶାରଜା, ୨।୯ (ଏଜେନ୍ସି): ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜର ଏକ ମ୍ୟାଚରେ ମଙ୍ଗଳବାର ଆଫଗାନିସ୍ତାନ ୧୮ ରନରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ସେଦ୍ଦିକୁଲ୍ଲା ଅଟଲ (୬୪) ଓ ଇବ୍ରାହିମ ଜର୍ଡାନ (୬୫)ଙ୍କ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୬୯ ରନ କରିଥିଲା। ପାକିସ୍ତାନର ଫହିମ ଅସ୍ରଫ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ୯ ୱିକେଟ୍‌ରେ ୧୫୧ ରନ କରିପାରିଥିଲା। ଆଫଗାନିସ୍ତାନ ୩ୟ ମ୍ୟାଚରୁ ୨ୟ ବିଜୟ ହାସଲ କରିଛି। ଏହି ତ୍ରି-ରାଷ୍ଟ୍ରୀୟ ସିରିଜରେ ୩ୟ ଦଳ ଭାବେ ଘରୋଇ ୟୁଏଇ ଅଂଶଗ୍ରହଣ କରୁଛି।

## ଡିସେମ୍ବରରେ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଆସନ୍ତା ଡିସେମ୍ବରରେ ଇଣ୍ଡିଆନ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଆୟୋଜିତ ହେବ। ଏଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଆଇଏସ୍‌ଏଲ୍ ପରିଚାଳନା ଲାଗି ଏଆଇଏଫ୍‌ଏଫ୍ ଓ ଫୁଟବଲ ସ୍ପୋର୍ଟ୍ସ ଡେଭେଲପମେଣ୍ଟ ଲିଃ (ଏଫ୍‌ଡିଏସ୍‌ଏଲ) ମଧ୍ୟରେ ୨୦୨୫ ଡିସେମ୍ବର ୮ ତାରିଖଯାଏ ହୋଇଥିଲା। କିନ୍ତୁ ଉଭୟ ପକ୍ଷ ଏହି ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟର ନବୀକରଣରେ ରାଜି ହୋଇ ନ ଥିଲେ। ଏଣୁ ଆଇଏସ୍‌ଏଲ୍‌ର ଆୟୋଜନ ନେଇ ଜୁଲାଇ ୧୧ରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଆଜି ଏହାର ଶୁଣାଣି ଥିଲା। ଏହା ପୂର୍ବରୁ ଏଆଇଏଫ୍‌ଏଫ୍ ଓ ଏଫ୍‌ଡିସିଏଲ୍ ମିଳିତଭାବେ ଆଇଏସ୍‌ଏଲ୍ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ଜଷ୍ଟିସ୍ ପି ନରସିଂମା ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଘରୋଇ ଫୁଟବଲ ସିଜନ ଠିକଣାଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବରରେ ସୁପର କପ୍ ଆରମ୍ଭ ହେବାକୁ ଥିବାରୁ ଡିସେମ୍ବରରେ ଆଇଏସ୍‌ଏଲ୍ ଆୟୋଜିତ ହେବ ବୋଲି ଆଶା କରାଯାଉଛି। ପୂର୍ବତନ ବିଚାରପତି ଏଲ୍ ନାଗେଶ୍ୱର ରାଓ ଏକ ପ୍ରତିଷ୍ଠିତ, ଦକ୍ଷ ଓ ପ୍ରତିଯୋଗୀତାମୂଳକ ଫାର୍ମକୁ ଆଇଏସ୍‌ଏଲ୍ ଆୟୋଜନ କରିବା ଲାଗି ବାଛିବେ। ବିଚାରପତି ରାଓ ମଧ୍ୟ ଏଆଇଏଫଏଫ୍ ସମ୍ବିଧାନ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ଟି-୨୦ କ୍ରିକେଟରୁ ଅବସର ନେଲେ ଷ୍ଟାର୍କ

ସିଡନୀ, ୨।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରୁ ଅବସର ନେଇଛନ୍ତି। ଟେଷ୍ଟ ଓ ଦିନିକିଆ ଫର୍ମାଟ୍ ଉପରେ ଅଧିକ ଫୋକସ କରିବା ଲାଗି ୩୫ ବର୍ଷୀୟ ଷ୍ଟାର୍କ ଏହି



ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଆସେସ୍ ଓ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳାଯିବ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ଲକ୍ଷ୍ୟ ରଖିଥିବା ଷ୍ଟାର୍କ କହିଛନ୍ତି। ଅପରପକ୍ଷରେ ମଙ୍ଗଳବାର ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଥିଲା। ଘୋଷିତ ଦଳରୁ ଷ୍ଟାର୍କଙ୍କ ସହ ପ୍ୟାଟ୍ କମିନ୍ସଙ୍କୁ ବାଦ୍ ଦିଆଯାଇଥିଲା। ଏହା ମଧ୍ୟ ଷ୍ଟାର୍କଙ୍କ ଟି-୨୦ରୁ ଅବସର ନେବାର ଅନ୍ୟ ଏକ କାରଣ ବୋଲି ଚର୍ଚ୍ଚା ହେଉଛି। ବାମହାତୀ ଦ୍ରୁତ ବୋଲର ଷ୍ଟାର୍କ ୨୦୧୨ରେ ପାକିସ୍ତାନ ବିପକ୍ଷରେ ଖେଳି ଟି-୨୦ରେ ପଦାର୍ପଣ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ୬୫ ଟି-୨୦ ମ୍ୟାଚ ଖେଳି ୭୯ ୱିକେଟ୍ ନେଇଛନ୍ତି। ୨୦୨୧ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏହି ଛୋଟିଆ ଫର୍ମାଟରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ୱିକେଟ୍ ନେବାରେ ସେ ଆଦାମ ଜାମ୍ପାଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ୧୩୦ ୱିକେଟ ସହ ଜାମ୍ପା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

**ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍**

# ପୁରୁଷ କ୍ୱାର୍ଟରରେ ସିନ୍ନର-ମୁସେଟି ମୁକାବିଲା

ନ୍ୟୁୟର୍କ,୨।୯ (ଏଜେନ୍ସି)





ବିଶ୍ୱର ନଂ-୧ ତଥା ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀର ଜାନିକ୍ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସିନ୍ନର କୌଣସି ତ୍ରୁଟି ନ କରି କାଜାକସ୍ଥାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍‌ଙ୍କୁ ପରାସ୍ତ କରି ରେକର୍ଡ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମୁସେଟି ମଧ୍ୟ ଚମତ୍କାର ଖେଳ ପ୍ରଦର୍ଶନ କରି କାନାଡାର ଜୁଆମ୍ ମୁନାରଙ୍କୁ ୬-୩, ୬-୦, ୬-୧ରେ ପରାସ୍ତ କରିଥିଲେ। ନଂ-୧ ଖେଳାଳି ସିନ୍ନର ଏଠାରେ କ୍ୱାର୍ଟରଫାଇନାଲରେ ପ୍ରବେଶ ସହ ସର୍ବକନିଷ୍ଠ ଖେଳାଳି ଭାବେ କ୍ରମାଗତ ୮ଟି ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସଫଳତା ପାଇବା ସମୟରେ ତାଙ୍କୁ ୨୪ ବର୍ଷ ୮ ଦିନ ହୋଇଥିଲା। ପୂର୍ବରୁ ନୋଭାକ ଜୋକୋଭିଚ୍ ୨୪ ବର୍ଷ ୯୯ ଦିନରେ ଏପରି ସଫଳତା ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ରେକର୍ଡ ସିନ୍ନର ଭାଙ୍ଗିଦେଇଛନ୍ତି।

ପୁରୁଷ କ୍ୱାର୍ଟର ଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କର ଓ ନଂ-୪ ଟେଲର ଫ୍ରିଜ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ସେହିପରି ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟରରେ ଜାନିକ ସିନ୍ନରଙ୍କ ସହ ଲୋରେଞ୍ଜୋ ମୁସେଟି ଓ ନଂ-୮ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ନଂ-୨୫ ସିଡ୍ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କର ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଡି ମିନାଉର ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କୁ ୬-୩, ୬-୨, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ତାଙ୍କ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଅଗର-ଆଲିସିଆମେ ସୁନ୍ଦର ଖେଳ ପ୍ରଦର୍ଶନ କରି ନଂ-୧୫ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ୭-୫, ୬-୩, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

### ■ ଗଫ୍‌ଙ୍କୁ ହରାଇଲେ ଓସାକା

ଚତୁର୍ଥ ସିଡ୍ ଆମେରିକାର ଜେସିକା ପେଗୁଲା ପ୍ରଥମ ଖେଳାଳି ଭାବେ ମହିଳା ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପେଗୁଲା ୬-୩, ୬-୩ ସିଧାସଳଖ ସେଟ୍‌ରେ ବାର୍ବରା କ୍ରେଜିକୋଭାଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ପୂର୍ବରୁ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ପୂର୍ବ ଚାମ୍ପିଅନ କୋକୋ ଗଫ୍‌ଙ୍କୁ ୬-୩, ୬-୨ରେ ହରାଇ ଜାପାନର ନାଓମି ଓସାକା କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସେକାରୋଲିନା ମୁଚୋଭାଙ୍କୁ ଭେଟିବେ। ସେହିପରି ଅନ୍ୟ କ୍ୱାର୍ଟର ଫାଇନାଲରେ ନଂ-୧ ସିଡ୍ ଆରିନା ସାବାଲେଙ୍କାଙ୍କ ସହ ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କର ଓ ନଂ-୨ ସିଡ୍ ଇଗା ସ୍ୱିଆଟେକଙ୍କ ସହ ୮ମ ସିଡ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ମୁକାବିଲା ହେବ।

**କ୍ୱାର୍ଟରଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଲେହେକା | ପେଗୁଲା-କ୍ରେଜିକୋଭା |
| ଫ୍ରିଜ୍-ଜୋକୋଭିଚ୍ | ସାବାଲେଙ୍କା-ଭୋଣ୍ଡ୍ରୋଉସୋଭା |
| ସିନ୍ନର-ମୁସେଟି | ସ୍ୱିଆଟେକ୍- ଆନିସିମୋଭା |
| ଆଲେକ୍ସ-ଫେଲିକ୍ସ | ମୁଚୋଭା-ଓସାକା |

## ପ୍ରଥମ ଦିନିକିଆରେ ଇଂଲଣ୍ଡ ପରାସ୍ତ

ହେଡିଂଲେ,୨।୯ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ବାମହାତୀ ସ୍ପିନର କେଶବ ମହାରାଜ ଯାଦୁକରୀ ବୋଲିଂ କରି ୪ଟି ଓ ୱିଆନ ମୁଲ୍ଡର ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୪.୩ ଓଭରରେ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସମ୍ମାନଜନକ ୫୪ ରନ୍ କରିଥିଲେ। ଜବାବରେ ଆଇଡେନ ମାର୍କରମ ଓ ରିୟାନ ରିକେଲଟନଙ୍କ ଯୋଡି ଥମ ୱିକେଟରୁ ୧୮.୧ ଓଭରରେ ୧୨୧ ରନ୍ ଉଠାଇଥିଲା। ଫଳରେ ଭ୍ରମଣକାରୀ ଦଳ ୨୦.୫ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣକରିଥିବା ମାର୍କରମ ୫୫ ବଲ୍‌ରେ ୧୩ ଚୌକା ଓ ୨ ଛକା ସହ ୮୬ ରନ୍ କରି ଆଉଟ ହୋଇଥିଲେ। ରିକେଲଟନ ୩୧ ରନ୍‌ରେ ଅପରାଜିତ ଥିଲାବେଳେ ଦକ୍ଷିଣ ଆଫ୍ରିକା ହରାଇଥିବା ୩ଟି ଯାକ ୱିକେଟ ଆଦିଲ ରଶିଦ୍‌ଙ୍କୁ ମିଳିଥିଲା।

# ନୂଆ ପ୍ରାୟୋଜକ ପାଇଁ କଡ଼ା ସର୍ତ୍ତ ରଖିଲା ବିସିସିଆଇ

**ଯୋଗ୍ୟ ସଂସ୍ଥା: କ୍ରୀଡ଼ା ପ୍ରସାଧନ ପ୍ରସ୍ତୁତକାରୀ, ବ୍ୟାଙ୍କ, ବୀମା, ମଦ-ମୁକ୍ତ ଥଣ୍ଡାପାନୀୟ କମ୍ପାନୀ**

**ଅଯୋଗ୍ୟ ସଂସ୍ଥା : ମଦ ଓ ତମାଖୁ ଉତ୍ପାଦକାରୀ, ବେଟିଂ, ଜୁଆ, କ୍ରିପ୍ଟୋକରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି**



ମୁମ୍ବଇ, ୨।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଜାତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖୋଜିବା ଲାଗି ଅଭିଯାନ ଆରମ୍ଭ କରିଦେଇଛି। ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିବା ପାଇଁ ବିସିସିଆଇ ବିଭିନ୍ନ ସଂସ୍ଥାକୁ ବିଡ୍ ଦାଖଲ କରିବାକୁ ନିମନ୍ତ୍ରଣ କରିଛି। ନିକଟରେ ଅନଲାଇନ ଗେମିଂ ବିଲ୍ ଆଇନରେ ପରିଣତ ହେବାପରେ ଏହା ଭାରତରେ ବ୍ୟାନ ହୋଇଥିଲା। ଫଳରେ ଅନଲାଇନ ଗେମିଂ ସଂସ୍ଥା 'ଡ୍ରିମ୍-୧୧' ଚୁକ୍ତି ଶେଷ ହେବା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକରୁ ଓହରିଯାଇଥିଲା। ଯେଉଁଥି ପାଇଁ ଏବେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖାଲି ପଡ଼ିଛି । ନୂଆ ପ୍ରାୟୋଜକ ଲାଗି ବିଡ୍ ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୬ ରହିଛି। ବିଡ୍ ଦାଖଲ ଲାଗି ଆଗ୍ରହୀ ସଂସ୍ଥାକୁ ସେପ୍ଟେମ୍ବର ୨ରୁ 'ଆଇଓଇଆଇ ଡକ୍ୟୁମେଣ୍ଟ' ମିଳିବ। ଏହି ଡକ୍ୟୁମେଣ୍ଟରେ ବିଡ୍ ଦାଖଲର ବିସ୍ତୃତ ନିୟମ ଓ ସର୍ତ୍ତାବଳୀମାନ ଉଲ୍ଲେଖ ରହିଛି। 'ଆଇଓଇଆଇ' ଡକ୍ୟୁମେଣ୍ଟ କ୍ରୟ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରଖାଯାଇଛି। ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ହେବାକୁ ଥିବା ଆଗ୍ରହୀ ସଂସ୍ଥା ୫ ଲକ୍ଷ ଟଙ୍କାର ଅଣଫେରସ୍ତ ଯୋଗ୍ୟ ଫି ଦେଇ ଡକ୍ୟୁମେଣ୍ଟ କିଣିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ବିସିସିଆଇ ଦ୍ୱାରା ଧାର୍ଯ୍ୟ ଆର୍ଥିକ ଯୋଗ୍ୟତା ଅନୁଯାୟୀ, ବିଡ୍ ଦାଖଲକାରୀଙ୍କ ଗତ ୩ ବର୍ଷ ପାଇଁ ହାରାହାରି ବାର୍ଷିକ ଟର୍ଣ୍ଣଓଭର ୩୦୦ କୋଟି ଟଙ୍କା ହୋଇଥିବା ଆବଶ୍ୟକ। ସେହିଭଳି ବିସିସିଆଇ ନୂଆ ପ୍ରାୟୋଜକ ଲାଗି କେତେକ କଡ଼ା ସର୍ତ୍ତ ରଖିଛି। ଯେପରି ବିଡ୍ ଦାଖଲକାରୀ ଠକାମୀ, ଆର୍ଥିକ ଆପରାଧିକ ଆଦି ମାମଲାରେ ଜଡ଼ିତ ନ ଥିବେ। ବିସିସିଆଇ ନିୟମ ଅନୁଯାୟୀ ଦ୍ୱୈତ ସ୍ୱାର୍ଥର ଦ୍ୱନ୍ଦ୍ୱ ନ ଥିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଖିଲାପଧାରୀବର୍ଗରେ ସାମିଲ ହୋଇ ନ ଥିବେ। ଅନ୍‌ଲାଇନ ଗେମିଂ, ବେଟିଂ ସହ ଜଡ଼ିତ ହୋଇ ନ ଥିବେ କିମ୍ବା ଏଭଳି ସଂସ୍ଥାରେ ନିବେଶ କରି ନ ଥିବେ। ସେହିଭଳି ମଦ ଉତ୍ପାଦ, ତମାଖୁ, ବେଟିଂ ଓ ଜୁଆ, କ୍ରିପ୍ଟୋ କରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି, ସରୋଗେଟ୍ ବ୍ରାଣ୍ଡିଂ ଆଦି ସହ ଜଡ଼ିତ ଥିବା ସଂସ୍ଥାକୁ ମୁଖ୍ୟ ପ୍ରାୟୋଜକ ଲାଗି ଅଯୋଗ୍ୟ ଘୋଷିତ କରାଯିବ। ଯେଉଁ ବିଡର୍ କ୍ରୀଡ଼ା ଓ କ୍ରୀଡ଼ା ପ୍ରଶାଧନ ସାମଗ୍ରୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସେବା, ମଦ-ମୁକ୍ତ ଥଣ୍ଡାପାନୀୟ, ବୀମା ଆଦି ସହ ଜଡ଼ିତ ସଂସ୍ଥା ବିଡ୍ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

**୧୩ ବର୍ଷର ଲଢ଼େଇ**

## ସୁପ୍ରିମକୋର୍ଟରେ ପହଞ୍ଚିଲା ଶ୍ରୀସନ୍ତ-ରାଜସ୍ଥାନ-ଇନ୍ସ୍ୟୁରାନ୍ସ ମାମଲା

ନୂଆଦିଲ୍ଲୀ ୨।୯ (ଏଜେନ୍ସି): ୨୦୧୨ରେ ଏସ୍ ଶ୍ରୀସନ୍ତଙ୍କୁ ନେଇ ଜଡ଼ିତ ଏକ ମାମଲାରେ ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସକୁ ସୁପ୍ରିମ କୋର୍ଟକୁ ଟାଣିଛି ଏକ ବୀମା କମ୍ପାନୀ। ଏହି ଘଟଣାଟି ୧୩ ବର୍ଷ ତଳର। ଆଣ୍ଠୁରେ ଆଘାତଜନିତ ସମସ୍ୟା ଲାଗି ଶ୍ରୀସନ୍ତ ୨୦୧୨ ଆଇପିଏଲ୍‌ରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିଲେ। ସେତେବେଳେ ଏହାକୁ ନେଇ ତାଙ୍କ ଦଳ ରାଜସ୍ଥାନ ରୟାଲ୍ସ କ୍ଷତିପୂରଣ ବାବଦକୁ ୮୨ ଲକ୍ଷ ଟଙ୍କା ବୀମା କମ୍ପାନୀ ନିକଟରୁ ଦାବି କରିଥିଲା। କିନ୍ତୁ ବୀମା କମ୍ପାନୀ ଏହି କ୍ଷତିପୂରଣ ଦେବାକୁ ମନା କରିଦେଇଥିଲା। ବୀମା କମ୍ପାନୀ ପକ୍ଷରୁ କୁହାଯାଇଥିଲା କି ଶ୍ରୀସନ୍ତ ଆଇପିଏଲ୍ ସମୟରେ ନୁହେଁ ବରଂ ଏହାର ବହୁ ପୂର୍ବରୁ ଆଘାତ ପାଇଥିଲେ। ପୁରୁଣା ଆଘାତ ସମସ୍ୟା ଲାଗି ସେ ୨୦୧୨ ଆଇପିଏଲ୍ ଖେଳିପାରି ନ ଥିଲେ। ନିୟମ ଅନୁସାରେ ଏହି ଆଘାତ ସମସ୍ୟା ବୀମା କମ୍ପାନୀକୁ ଜଣାଇବାର ଥିଲା। ଅପରପକ୍ଷରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ କୁହାଯାଇଥିଲା କି, ଶ୍ରୀସନ୍ତ ପୂର୍ବରୁ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିଲେ। କିନ୍ତୁ ସେ ଆଣ୍ଠୁଜନିତ ଆଘାତ ସମସ୍ୟା ଲାଗି ଆଇପିଏଲ୍ ଖେଳିପାରି ନ ଥିଲେ। ଏହାକୁ ନେଇ ବୀମା କମ୍ପାନୀ ଓ ରାଜସ୍ଥାନ ଫ୍ରାଞ୍ଚାଇଜ ମଧ୍ୟରେ କୋର୍ଟରେ ଲଢ଼େଇ ଲାଗି ରହିଥିଲା। ଶେଷରେ ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନ (ଏନ୍‌ସିଡିଆର୍‌ସି) ରାଜସ୍ଥାନ ରୟାଲ୍ସ ସପକ୍ଷରେ ରାୟ ଶୁଣାଇ ୮୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୀମା କମ୍ପାନୀ ଶେଷରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାରେ ବୀମା କମ୍ପାନୀକୁ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ସୁପ୍ରିମ କୋର୍ଟ କହିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଯୋଗ୍ୟ, ଆଇପିଏଲ୍‌ର ପ୍ରତ୍ୟେକ ଦଳ ସେମାନଙ୍କ ଖେଳାଳିଙ୍କ ଇନ୍ସୁରାନ୍ସ କରିଥାନ୍ତି। ଯଦି ଖେଳାଳି ଆହତ ହୋଇ ବାଦ୍ ପଡ଼ନ୍ତି ତେବେ ଫ୍ରାଞ୍ଚାଇଜ ସେହି ଖେଳାଳିଙ୍କ ଉପରେ ଖର୍ଚ୍ଚ କରିଥିବା ଅର୍ଥରାଶି ବୀମା କମ୍ପାନୀ ନିକଟରୁ ପାଇପାରିଥାନ୍ତି।



ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ(ଓସଜା)ର ବାର୍ଷିକ ସ୍ମରଣିକାକୁ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଆନୁଷ୍ଠାନିକ ଉନ୍ମୋଚନ କରୁଛନ୍ତି।

**ଏସିଆ କପ୍ ପୁରୁଷ ହକି**

# ଆଜିଠାରୁ ସୁପର୍-୪ ମୁକାବିଲା



ରାଜଗିର,୨।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ବା ସୁପର-୪ ପର୍ଯ୍ୟାୟ ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ। ୮ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପ୍‌ର ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର-୪'କୁ ଉନ୍ନିତ ହୋଇଛି। ଏଥିରେ ଗ୍ରୁପ୍-ଏ'ରୁ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଭାରତ ଓ ଗୋଲ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚୀନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ସେହିପରି ଗ୍ରୁପ୍-ବି'ରୁ ମାଲେସିଆ ୩ଟି ଓ ଦକ୍ଷିଣ କୋରିଆ ୨ଟି ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଏହି ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଅର୍ଥାତ୍ ୩ଟି ମ୍ୟାଚ୍ ଖେଳିବ। ଏଥିରେ ଯେଉଁ ଦୁଇଟି ଦଳ ସର୍ବାଧିକ ପଏଣ୍ଟ ହାସଲ କରିବେ ସେହି ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

ଗ୍ରୁପ୍-ଏ' ଲିଗ୍ ପର୍ଯ୍ୟାୟରେ ଭାରତ ୩ଟି ଯାକ ମ୍ୟାଚ୍ ଜିତିଥିଲେ ମଧ୍ୟ ଚୀନ ଓ ଜାପାନ ବିପକ୍ଷରେ ସଂଘର୍ଷ କରିଥିଲା। ପ୍ରୋ-ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆରେ ଅଭ୍ୟାସ ଲାଗି ଯିବା ଓ ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଭାରତ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନାହିଁ। ଏଭଳି ସ୍ଥିତିରେ ଦଳକୁ ସୁପର-୪ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ଏକ ଚ୍ୟାଲେଞ୍ଜ ଭାବେ ଦେଖା ଦେଇଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଅଧିନାୟକ ହରମନପ୍ରୀତ୍ ସିଂ ଏହି ପର୍ଯ୍ୟାୟକୁ କିପରି ମୁକାବିଲା କରିବେ ତାହା ଦେଖିବାକୁ ବାକି ରହିଲା। ଚୀନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିଛି। ଗ୍ରୁପ୍-ବି'ରେ ମାଲେସିଆ ଓ କୋରିଆ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସରଜିତ ସିଂହ କୁନ୍ଦନଙ୍କ ପ୍ରଶିକ୍ଷଣରେ ମାଲେସିଆ ଏଠାରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ସୁପର-୪'ରେ ଏହି ଦଳ କିପରି ଖେଳିବ ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିବ।

**ସୁପର-୪ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ |
|---|---|---|
| ୩।୯ | ମାଲେସିଆ-ଚୀନ | ସନ୍ଧ୍ୟା ୫ଟା |
| ୩।୯ | ଭାରତ-କୋରିଆ | ରାତି ୭.୩୦ |
| ୪।୯ | କୋରିଆ-ଚୀନ | ସନ୍ଧ୍ୟା ୫ଟା |
| ୪।୯ | ଭାରତ-ମାଲେସିଆ | ରାତି ୭.୩୦ |
| ୬।୯ | ମାଲେସିଆ-କୋରିଆ | ସନ୍ଧ୍ୟା ୫ଟା |
| ୬।୯ | ଭାରତ-ଚୀନ | ରାତି ୭.୩୦ |
| ୭।୯ | ଫାଇନାଲ | ରାତି ୭.୩୦ |

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS